


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

• VOLUME- 42 • ISSUE-354 • BHUBANESWAR • SUNDAY • 22 JUNE 2025 • PAGE-12 • ₹ 6.00 | SAMBALPUR | • ବର୍ଷ-୪୨ • ସଂଖ୍ୟା-୩୫୪ • ଭୁବନେଶ୍ୱର • ରବିବାର • ୨୨ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)



# PRAYASH CLASSES

## NEET RESULT 2025

| 600+ MARKS | 550+ MARKS | 515+ MARKS | TOTAL NO. OF GOVT. MBBS | GOVT MBBS FROM INTEGRATED BATCH | TOTAL NO. OF AIIMS / SCB | IN AIR 1000 | IN AIR 10000 |
|---|---|---|---|---|---|---|---|
| 09 STUDENTS | 95 STUDENTS | 200 STUDENTS | 228 EXPECTED | 39 EXPECTED | 82 EXPECTED | 06 STUDENTS | 80 STUDENTS |

| | | | | | | | | | |
|---|---|---|---|---|---|---|---|---|---|
| 634 MARKS, AIR 180, PABITRA | 631 MARKS, AIR 219, ABHISHEK | 620 MARKS, AIR 456, ABHAYA | 611 MARKS, AIR 762, RITISHA | 609 MARKS, AIR 845, JAYJEET | 607 MARKS, AIR 967, ALYSSA | 606 MARKS, AIR 1007, BISHAL | 605 MARKS, AIR 1035, SANDIP | 602 MARKS, AIR 1250, OMKAR | 599 MARKS, AIR 1439, DEEPAK |
| 595 MARKS, AIR 1700, SWETALINA | 594 MARKS, AIR 1785, AYUSHMAN | 592 MARKS, AIR 2002, PREETAM | 591 MARKS, AIR 2070, SAISUDHA | 591 MARKS, AIR 2151, SWAYAMBHU | 590 MARKS, AIR 2276, SWAYAMSU | 589 MARKS, AIR 2295, VANEESHA | 589 MARKS, AIR 2339, ARYAN | 588 MARKS, AIR 2501, BARSHARANI | 585 MARKS, AIR 2769, SAI SARANYA |
| 585 MARKS, AIR 2800, MANOJ | 584 MARKS, AIR 2972, UTTAM | 583 MARKS, AIR 3018, SWAYAM | 583 MARKS, AIR 3076, SWAYANSHREE | 583 MARKS, AIR 3088, SHIBSAGAR | 582 MARKS, AIR 3177, ABHIJIT | 581 MARKS, AIR 3397, BHRUTI | 580 MARKS, AIR 3531, SAAHIL | 580 MARKS, AIR 3526, SWAGATIKA | 579 MARKS, AIR 3606, ANNAPURNA |
| 578 MARKS, AIR 3771, RAJESH | 577 MARKS, AIR 4055, PRIYANSHU | 577 MARKS, AIR 4064, DIPTIREKHA | 575 MARKS, AIR 4384, MIHIR | 575 MARKS, AIR 4468, ASHISH | 574 MARKS, AIR 4611, IPSITA NAYAK | 572 MARKS, AIR 4989, ALIVA | 571 MARKS, AIR 5158, IPSITA KAR | 571 MARKS, AIR 5158, ANSUMAN | 570 MARKS, AIR 5367, KANHEI |
| 569 MARKS, AIR 5596, SUMIT ROUT | 568 MARKS, AIR 5862, TANMAY | 568 MARKS, AIR 5898, A.S ANSHUMAN | 568 MARKS, AIR 5942, P.J.SONALI | 568 MARKS, AIR 6010, KUMAR PRINCE | 567 MARKS, AIR 6018, RUDRA | 567 MARKS, AIR 6078, R.S. AMRUTA | 567 MARKS, AIR 6129, SONALI | 567 MARKS, AIR 6291, SIBASISH | 566 MARKS, AIR 6487, SUNAYANA |
| 565 MARKS, AIR 6577, JASHOBANT | 565 MARKS, AIR 6734, PANKAJ | 565 MARKS, AIR 6831, SMRUTI | 564 MARKS, AIR 7032, ANWESHA | 564 MARKS, AIR 7135, SUBHRANSU | 563 MARKS, AIR 7245, SUCHI | 563 MARKS, AIR 7305, SOUMYASMITA | 563 MARKS, AIR 7335, SRIKRISHNA | 562 MARKS, AIR 7526, MONALISA | 562 MARKS, AIR 7568, ANSUMAN |
| 562 MARKS, AIR 7627, SWABHIMAN | 562 MARKS, AIR 7647, AYUSHMAN | 562 MARKS, AIR 7736, SUMIT | 562 MARKS, AIR 7747, SWARAJ | 561 MARKS, AIR 7959, OM MEHER | 561 MARKS, AIR 8007, SWASTIK | 561 MARKS, AIR 8138, DEEPAK | 560 MARKS, AIR 8386, ARPITA | 560 MARKS, AIR 8430, ASUTOSH | 559 MARKS, AIR 8574, ROJALIN |
| 559 MARKS, AIR 8579, SUSHREE | 559 MARKS, AIR 8725, ABHISHEK | 557 MARKS, AIR 9448, PRIYANKA | 557 MARKS, AIR 9457, ROHIT | 557 MARKS, AIR 9563, PRATIK | 556 MARKS, AIR 9569, ANANTA | 556 MARKS, AIR 9618, SAI SUBHRA | 556 MARKS, AIR 9821, ANINDITA | 556 MARKS, AIR 9835, KISHAN | 556 MARKS, AIR 9868, SMRUTI |
| 554 MARKS, AIR 10506, SIMRAN | 554 MARKS, AIR 10576, HARSHIT | 554 MARKS, AIR 10693, RUDRA | 553 MARKS, AIR 10804, PRAGYAN | 552 MARKS, AIR 11316, NIHARIKA | 552 MARKS, AIR 11343, PRIYANSHU | 552 MARKS, AIR 11409, SHIBASHISH | 552 MARKS, AIR 11570, MRUTUNJAY | 551 MARKS, AIR 11721, MOTILIPSHA | 551 MARKS, AIR 11868, SOUBHAGYA |
| 551 MARKS, AIR 11948, SUNIL | 550 MARKS, AIR 12000, HEMANTA | 550 MARKS, AIR 12067, GOURAB | 550 MARKS, AIR 12229, NIHARIKA | 550 MARKS, AIR 12295, NATASHA | 549 MARKS, AIR 12463, SAIKISHAN | 549 MARKS, AIR 12465, SUBHASISH | 549 MARKS, AIR 12627, ABHISHEK | 549 MARKS, AIR 12713, SIDHARTHA | 549 MARKS, AIR 12720, SWOSTIK |
| 549 MARKS, AIR 12772, MRITYONJAY | 548 MARKS, AIR 12935, AYUSH | 548 MARKS, AIR 13046, KRISHNA | 548 MARKS, AIR 13103, UMASHANKAR | 548 MARKS, AIR 13147, ANWESHA | 548 MARKS, AIR 13282, PRIYANSHU | 548 MARKS, AIR 13361, PRIMESH | 547 MARKS, AIR 13496, PRAJAKTA | 547 MARKS, AIR 13669, SUBHASMITA | 547 MARKS, AIR 13718, OMM JYOTI |
| 546 MARKS, AIR 14008, SNEHASIS | 546 MARKS, AIR 14083, AJITESH | 546 MARKS, AIR 14145, ANIL | 546 MARKS, AIR 14296, BISWESWAR | 546 MARKS, AIR 14301, ULLASH | 545 MARKS, AIR 14562, ROHIT | 545 MARKS, AIR 14563, SANGRAM | 545 MARKS, AIR 14661, ARPITA | 545 MARKS, AIR 14750, SOUMIK | 544 MARKS, AIR 14931, ANKITA |
| 544 MARKS, AIR 15061, SWEET | 543 MARKS, AIR 15778, SWATI | 542 MARKS, AIR 15930, JYOTIRANJAN | 542 MARKS, AIR 16027, SATYASWARUP | 542 MARKS, AIR 16057, MANDEEP | 542 MARKS, AIR 16142, SUBHAM | 542 MARKS, AIR 16754, AAYUSH | 541 MARKS, AIR 16626, SUNITA | 541 MARKS, AIR 16694, PRIYANSHU | 540 MARKS, AIR 17340, MANJULATA |
| 540 MARKS, AIR 17371, YAGNYASENI | 540 MARKS, AIR 17440, HIMANSHU | 539 MARKS, AIR 17787, ASHUTOSH | 538 MARKS, AIR 18239, SWAYAM | 538 MARKS, AIR 18649, SUBHAJIT | 537 MARKS, AIR 19169, ARMAN | 536 MARKS, AIR 19782, ABHINAB | 535 MARKS, AIR 20330, PAYAL | 535 MARKS, AIR 20528, OM TIWARI | 534 MARKS, AIR 20866, NITISH |
| 533 MARKS, AIR 21842, SANJEEV | 533 MARKS, AIR 22030, SASWAT | 532 MARKS, AIR 22305, PRIYANKA | 532 MARKS, AIR 22372, ANSUMAN | 532 MARKS, AIR 22434, SHREYASEE | 531 MARKS, AIR 23225, ANUSKA | 531 MARKS, AIR 23395, BISWAJIT | 531 MARKS, AIR 23437, ADYASHA | 530 MARKS, AIR 23731, OMM PRATIK | 530 MARKS, AIR 23942, SOUBHAGYA |
| 529 MARKS, AIR 24586, JAGRUTI | 528 MARKS, AIR 25583, SUBHASMITA | 527 MARKS, AIR 26034, BARSHA | 527 MARKS, AIR 26145, HARMONY | 527 MARKS, AIR 26309, ASIM | 527 MARKS, AIR 26463, DIBYAJYOTI | 526 MARKS, AIR 26487, AYUSHMAN | 526 MARKS, AIR 26657, SUBHAM | 526 MARKS, AIR 26821, BISHNU | 526 MARKS, AIR 27085, SOBHALIN |
| 525 MARKS, AIR 27601, AADITYA | 525 MARKS, AIR 27640, SASMITA | 525 MARKS, AIR 27702, SPANDITA | 524 MARKS, AIR 28179, ANSHUMAN | 524 MARKS, AIR 28186, ANANYA | 524 MARKS, AIR 28428, RUPASHREE | 524 MARKS, AIR 28476, NIHARIKA | 524 MARKS, AIR 28507, RATNABALI | 524 MARKS, AIR 28543, SWAGAT | 523 MARKS, AIR 29176, SATWIK |
| 523 MARKS, AIR 29466, SUBHAM | 523 MARKS, AIR 29533, ANEESH | 523 MARKS, AIR 29750, DEBAJYOTI | 522 MARKS, AIR 29933, ABHILIPSA | 522 MARKS, AIR 30004, RAJNANDINI | 521 MARKS, AIR 30737, ANWESHA | 521 MARKS, AIR 30887, MONALISHA | 521 MARKS, AIR 31269, SOMYA | 520 MARKS, AIR 31642, REONA | 520 MARKS, AIR 31854, SOURAV |
| 520 MARKS, AIR 31930, DEBASMIT | 519 MARKS, AIR 32449, ARPITA | 519 MARKS, AIR 32958, SURYA | 519 MARKS, AIR 32781, SOUMYA | 518 MARKS, AIR 33495, MOUSUMI | 518 MARKS, AIR 33832, SWATI | 518 MARKS, AIR 33990, OMM | 517 MARKS, AIR 34119, SWAHA | 517 MARKS, AIR 34135, SWAYAM | 517 MARKS, AIR 34273, SWAPNAMOY |
| 517 MARKS, AIR 34604, RITESH | 516 MARKS, AIR 35284, BARSHA | 516 MARKS, AIR 35290, SUDEEP | 516 MARKS, AIR 35340, RUDRANARAYAN | 516 MARKS, AIR 35448, DIBYAJYOTI | 516 MARKS, AIR 35475, SAGARIKA | 516 MARKS, AIR 35674, ARPITA | 516 MARKS, AIR 35890, SUMAN | 515 MARKS, AIR 36000, SAMIKSHYA | 515 MARKS, AIR 36539, SAYAM |

JAJPUR : TANDARA, SANKHACHILA, JAJPUR, 755015, CONTACT US : +91 78538 48170 | BALASORE : GANESWARPUR, JANUGANJ, INFRONT OF TENTULIA THAKURANI, BALASORE , 756019, CONTACT +91 91247 95476

## ଆଜି ନବୀନଙ୍କ ଅସ୍ତ୍ରୋପଚାର

# ଶୁଭ ମନାସି ରାଜ୍ୟବାସୀ ଜାଳିଲେ ଅଖଣ୍ଡ ଦୀପ

■ ଉପବାସ ସହ ମନ୍ଦିରରେ ମା'ମାନଙ୍କ ପୂଜାର୍ଚ୍ଚନା ■ ବିଭିନ୍ନ ମନ୍ଦିର ନିକଟରେ ଗଣ ଦୀପଦାନ


ଚାନ୍ଦବାଲି, ଭଦ୍ରକ


ଯାଜପୁର


ଢେଙ୍କାନାଳ


ରାମମନ୍ଦିର, ଭୁବନେଶ୍ୱର


କଳାହାଣ୍ଡି



ରାୟଗଡ଼ା

**ଭୁବନେଶ୍ୱର,୨୧।୬(ସମିସ):** ସାଢ଼େ ୪ କୋଟି ଓଡ଼ିଶାବାସୀ ମୋର୍ ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ୨୪ ବର୍ଷ ଧରି ନିଜ ପରିବାରର ଲୋକମାନଙ୍କ ପାଇଁ ବିନା ବାକ୍ୟବ୍ୟୟରେ ସମର୍ପିତ ଭାବରେକାମ କରି ଆସିଛନ୍ତି । ପ୍ରତିଦାନରେ ଓଡ଼ିଶାବାସୀ ମଧ୍ୟ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି ଆଶୀର୍ବାଦ । କ୍ଷମତାରେ ନ ଥିଲେ ମଧ୍ୟ ରାଜ୍ୟର କୋଟିକୋଟି ପରିବାର ତାଙ୍କୁ ନିଜର ମୁଖିଆ ମଣୁଛନ୍ତି । ଆଉ ଏବେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ନବୀନଙ୍କ ପାଇଁ ସାରା ରାଜ୍ୟବାସୀ ଅଜାଡ଼ି ଦେଇଛନ୍ତି ଅସୁମାରୀ ଶ୍ରଦ୍ଧା, ଅୟୁତ ଅୟୁତ ଆଶିଷ । ସାରା ରାଜ୍ୟରେ ଜନସାଧାରଣ ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରି ଦୀପ ଜାଳିଛନ୍ତି । ଉପବାସ ରହି ମା' ମାନେ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି । ଆଜି ସଂଧ୍ୟାରେ ବିଭିନ୍ନ ମନ୍ଦିର ନିକଟରେ ସାଧାରଣ ଲୋକଙ୍କ ସହ ଦଳୀୟ କର୍ମୀ ଓ ନେତାମାନେ ମଧ୍ୟ ଗଣ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ସୂଚନା ଅନୁସାରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ନବୀନ ଆଜି ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇସାରିଛନ୍ତି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡ଼ାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ୱାବଧାନରେ ଏକ ଡ଼ାକ୍ତର ଦଳ ତାଙ୍କର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । ରବିବାର ସକାଳ ୬ଟାରେ ତାଙ୍କର ଅସ୍ତ୍ରୋପଚାର ହେବ। ନିଜ ଅସୁସ୍ଥତା ଓ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବା ସୂଚନା ନବୀନ 'ଏକ୍ସ'ରେ ଦେବା ପରେ ତାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ଓଡ଼ିଆ ଏବେ ବିବ୍ରତ। ଗତକାଲି ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯିବାବେଳେ ତାଙ୍କ ବାସଭବନଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଯେପରି ଲୋକାରଣ୍ୟ ହୋଇଥିଲା ଓ ମହିଳାମାନେ ଲୁହଗଡ଼ାଇ ନବୀନଙ୍କ ଆରୋଗ୍ୟ କାମନା କରୁଥିଲେ ତାହା ଅନେକଙ୍କୁ ଭାବପ୍ରବଣ କରି ଦେଇଥିଲା। ଆଉ ଆଜି ରାଜ୍ୟର କୋଣ ଅନୁକୋଣରେ ପୂଜାର୍ଚ୍ଚନା ଓ ଦୀପଦାନ କରି ତାଙ୍କର ମଙ୍ଗଳ ମନାସୀଛନ୍ତି ରାଜ୍ୟବାସୀ । ଦିଲ୍ଲୀସ୍ଥିତ ଜଗନ୍ନାଥମନ୍ଦିରରେ ଓଡ଼ିଆ ସମାଜର ବହୁ ବ୍ୟକ୍ତିବିଶେଷ ଏକାଠି ହୋଇ ନବୀନଙ୍କ ଉତ୍ତମ ଚିକିତ୍ସା ପାଇଁ ଅଖଣ୍ଡ ଦୀପ ଜଳାଇଛନ୍ତି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମଧ୍ୟ ଏହି ଅବସରରେ ଉପସ୍ଥିତ ଥଲେ।

ବିଜେଡି ବିଧାୟକ କଳିକେଶ ସିଂହଦେଓଙ୍କ ସହ ଶତାଧିକ ଲୋକ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମନ୍ଦିରରେ ନବୀନଙ୍କ ପାଇଁ ଅଖଣ୍ଡଦୀପ ଜଳାଇଛନ୍ତି। ବାଲେଶ୍ୱର ଜିଲ୍ଲା ବାବା ବକ୍ରେଶ୍ୱର ଶୈବ ପୀଠରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ଶହଶହ ଲୋକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ଦାନ କରିଛନ୍ତି। ମହିଳାମାନେ ଉପବାସ ରହି ନବୀନଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡ଼ିଶାକୁ ଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଉଦଳାରେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ଉପଖଣ୍ଡର ବହୁ ଲୋକ ଉଦଳା ହନୁମାନ ମନ୍ଦିରରେ ପହଞ୍ଚି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଛନ୍ତି। ସେହିପରି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନୀଳଗିରିରେ ମଧ୍ୟ ମା' ଭୂଧାରଚଣ୍ଡୀଙ୍କ ନିକଟରେ ଦୀପଦାନ କରାଯାଇଛି। ଯାଜପୁରରେ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବିରଜା ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ସଫଳ ଅସ୍ତ୍ରୋପଚାର କାମନା କରି ବହୁ ଲୋକ ପୂଜାର୍ଚ୍ଚନା କରିଛନ୍ତି । ପୁରୀରେ ମଧ୍ୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଦାନ କରି ଲୋକମାନେ ନବୀନଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି । ସେହିପରି ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ବଲାଙ୍ଗିର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକମାନେ ଦୀପଦାନ ସହ ପୂଜାର୍ଚ୍ଚନା କରିଛନ୍ତି ।

ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ଶହ ଶହ ଲୋକ ରାମନ୍ଦିର ନିକଟରେ ଏକତ୍ର ହୋଇ ସନ୍ଧ୍ୟା ଆଳତୀ ସମୟରେ ନବୀନ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ବ୍ୟୋମକେଶ ରାୟଙ୍କ ସହିତ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସମେତ ବହୁ ନେତା ଓ ନେତ୍ରୀ ସାମିଲ ହୋଇଛନ୍ତି।

# ଦିନକୁ ୧୫ ଦୁଷ୍କର୍ମ ସରକାରଙ୍କ ଉପଲବ୍ଧି

## ଡବଲ ଇଞ୍ଜିନ, ଡବଲ ଧୋକା

**ଭୁବନେଶ୍ୱର,୨୧।୬(ସମିସ):** ଶୁକ୍ରବାର ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ଅନ୍ୟ ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟ ୧୫% ରଖାଯାଇଥିବାବେଳେ ଭିଜନ ଡ଼କୁମେଣ୍ଟରେ ଓଡ଼ିଶାର ବିକାଶ ହାର ୯ ପ୍ରତିଶତ ରଖାଯିବାକୁ ନେଇ ବିଜେଡ଼ି କଟାକ୍ଷ କରିଛି । ନବୀନ ସରକାରଙ୍କ ସମୟରେ ଓଡ଼ିଶା ୧୬ ପ୍ରତିଶତ ବିକାଶ ହାର ହାସଲ କରିଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ସରକାରଙ୍କ ଦୂରଦୃଷ୍ଟି ବା ଭିଜନ ଏତେ ସଂକୁଚିତ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି । ଡ଼ବଲ ଇଞ୍ଜିନ୍ ସରକାରରେ ବିକାଶ ନୁହେଁ, ଧୋକ୍କା ଡ଼ବଲ ମିଳିଛି ବୋଲି ବିଜେଡି କଟାକ୍ଷ କରିଛି ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଏବେ ପ୍ରତାରଣା ପାଲଟିଛି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ଯେ ଶ୍ରୀମନ୍ଦିର ତଥା ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଗତ ଏକ ବର୍ଷରେ ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଥିବା ଉଲ୍ଲେଖ କରି ପାତାଳରେ ବି ରହିଥିଲେ ମଧ୍ୟ ଆମେ ତାକୁ ଖୋଜି ଆଣିବୁ ବୋଲି ଦମ୍ଭୋକ୍ତି କରିଥିଲେ; କିନ୍ତୁ ସରକାରକୁ ଆସିବା ପରେ ସେମାନେ ସ୍ୱର ବଦଳାଇ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ସରକାର ଚାବି କଥା ସାର୍ବଜନୀନ କଥା ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ବିଜେପିକୁ ଘେରିଲା ବିଜେଡି

ସେହିପରି ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ପ୍ରତିଶ୍ରୁତି ମିଛ ପ୍ରମାଣିତ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଅବଧି ଶେଷ ହେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ ହୋଇପାରି ନାହିଁ। ଏପରିକି ଦର୍ଶନ ବ୍ୟବସ୍ଥା ମଧ୍ୟ ଅବ୍ୟବସ୍ଥିତ ହୋଇପଡ଼ିଥିବା ଖୋଦ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ ୧୮.୧୯ ପ୍ରତିଶତ ଅନୁଦାନ କମିବା ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ମହାମିଛ ବୋଲି ପ୍ରମାଣିତ ହୋଇଛି । ଗତ ବଜେଟରେ ଦେଶର ୧୨ଟି ସହରକୁ ଶିଳ୍ପ ସହର ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ ହେଁ ଏଥିରେ ଓଡ଼ିଶାରୁ କୌଣସି ସହର ସ୍ଥାନ ପାଇନାହିଁ।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଗତ ଏକ ବର୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ



■ ବର୍ଷକରେ କେନ୍ଦ୍ରୀୟ ଅନୁଦାନ ୧୮.୧୯ % ହ୍ରାସ
■ ଶ୍ରୀମନ୍ଦିର ସଂକ୍ରାନ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ

ହୋଇ ପଡିଛି। ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ମହିଳାମାନଙ୍କ ଉପରେ ନିର୍ଯାତନା ଘଟଣାରେ ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦୁଷ୍କର୍ମ ପ୍ରାୟ ୮ ପ୍ରତିଶତ ବୃଦ୍ଧି ପାଇଥିବା ସରକାର ସ୍ୱୀକାର କରିଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟର ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନ ହାସଲ କରିଛି । ସୁଭଦ୍ରା ଯୋଜନାରେ ବିଜେପି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି କୁହା ଯାଇଥିଲା। ମାତ୍ର ଏବେ ବର୍ଷକୁ ପାଞ୍ଚ ପାଞ୍ଚ ହଜାର ଦୁଇ କିସ୍ତିରେ ଦେଇ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଥିବା ମିଛ ପ୍ରଚାର କରାଯାଉଛି। ନବୀନ ସରକାରଙ୍କ ସମୟରେ, ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏହାକୁ ବର୍ତ୍ତମାନର ସରକାର ବନ୍ଦ କରି ଦେଇଛନ୍ତି।

ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଗତକାଲି ରାଜ୍ୟ ସରକାର ବିଭ୍ରାନ୍ତ କରିଛନ୍ତି। ଓଡ଼ିଶାର ବାସ୍ତବ ଚିତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଯେଉଁ ଓଡ଼ିଶା ବିକାଶର ମୁଖଶାଳା ହେବ ବୋଲି କହୁଛନ୍ତି, ସେହି ରାଜ୍ୟ ଚାଳିଶ ବର୍ଷର ବ୍ୟବଧାନ ପରେ ଆଜି ମହାମାରୀ କଲେରାରେ ଆକ୍ରାନ୍ତ। ଅଧା ଓଡ଼ିଶାବାସୀ ଆଜି କଲେରା ଓ ଡ଼ାଇରିଆ ରୋଗରେ କଲବଲ ହେଉଛନ୍ତି। ଏପଟେ ରାଜ୍ୟ ସରକାର ଉତ୍ସବରେ ମାତିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାଇରିଆ ଡ୍ୟାନ୍ସ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯାହା କଲେରା ଓ ଡ଼ାଇରିଆ ରୋଗରେ ପୀଡିତ ରୋଗୀ ମାନଙ୍କ ପାଇଁ କଟା ଘାଆରେ ଚୂନ ସଦୃଶ୍ୟ ହୋଇଛି ବୋଲି ସେ ମତବ୍ୟକ୍ତ କହିଛନ୍ତି ।

## ଗୋପାଳପୁର ଗଣବଳାତ୍କାର

# ଓଡ଼ିଶାରେ ଏଆଇସିସିର ଚାରିଜଣିଆ ତଥ୍ୟ ଅନୁସନ୍ଧାନ କମିଟି

**ଭୁବନେଶ୍ୱର,୨୧।୬(ସମିସ):** ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବା ଏକବର୍ଷ ପୂର୍ଣ୍ଣ ହୋଇଛି। ଏହି ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା, ବାଳିକା ଅପହରଣ ଓ ଗଣଧର୍ଷଣ ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଇଛି। ଏହି ସବୁ ଘଟଣାକୁ ଅନୁଧ୍ୟାନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଦୀପା ଦାସମୁନସୀଙ୍କ ଆବାହକତ୍ୱରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣତି ସିନ୍ଧେ, ସାଂସଦ ଏସ ଯଥୀମଣି ଓ ଶୋଭା ଓଜାଙ୍କୁ ନେଇ ଗଠିତ ଏକ ତଥ୍ୟ ଅନୁସନ୍ଧାନ କମିଟି ଓଡ଼ିଶା ଆସିଛନ୍ତି। କମିଟି ରାଜ୍ୟ ବିଭିନ୍ନ ସ୍ଥାନକୁ ଗସ୍ତ କରିଥିବା ବେଳେ ୨୪ ତାରିଖ ସକାଳ ୧୦ ଟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛନ୍ତି। ଏଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତଥ୍ୟ ଅନୁଧ୍ୟାନ କମିଟି ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବାପାଇଁ ଚାହୁଛନ୍ତି ବୋଲି ଦର୍ଶାଇଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ସମୟ ମାଗିଲେ ପିସିସି ସଭାପତି**

■ ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର

# ଲିଟର ପିଛା ୨ରୁ ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର, ୨୧।୬(ସମିସ):** ଓମ୍‌ଫେଡ୍‌ର କ୍ଷୀର ଦର ବଢ଼ିବ କି ନାହିଁ ତାହାକୁ ନେଇ ଯେଉଁ ଆଲୋଚନା ଲାଗି ରହିଥିଲା, ତାହାର ଅନ୍ତ ଘଟିଛି। ଆଜି ଓମ୍‌ଫେଡ୍ କ୍ଷୀର ଦରୁ ବୃଦ୍ଧି ଘୋଷଣା କରାଯାଇଛି। ଖାଉଟିମାନେ ଲିଟର ପିଛା ୫୨ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଶନିବାରଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମ୍‌ଫେଡ୍‌ର ନୂଆ ଦର। ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ଟଙ୍କା ବୃଦ୍ଧି ପାଇଛି।

ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ଓମ୍‌ଫେଡ୍ ଏହାର କ୍ଷୀର ଦର ବଢାଇବ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିମାନଙ୍କୁ ଝଟକା ଦେଇଥିଲେ। ଦୁଃଗ୍ଧ ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ନାଳରୁ ଗଳିତ ମୃତଦେହ ଉଦ୍ଧାର

**କପ୍ତିପଦା, ୨୧।୬(ସମିସ):** ଠାକୁରମୁଣ୍ଡା-ଶରତ ରାସ୍ତା ନୋଟ ଛକ ନିକଟରେ ଥିବା ଏକ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ଶରତ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୌଣସି ବ୍ୟକ୍ତି ନିଖୋଜ ଥିଲେ ସେମାନଙ୍କ ପରିବାର ଶରତ ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଅପରାଧ ଦୁନିଆରେ ବଢୁଛି ନାବାଳକଙ୍କ ଉତ୍ପାତ

■ ସାଢେ ୫ ମାସରେ ୩୦୦ ଦୁଷ୍କର୍ମ ମାମଲାରେ ନାବାଳକ ସଂପୃକ୍ତ
■ ହତ୍ୟା ଓ ନିଶା କାରବାରରେ ମଧ୍ୟ ଧରାପଡୁଛନ୍ତି
■ ନାବାଳକଙ୍କୁ ଢାଲ କରୁଛନ୍ତି ପେଶାଦାର ଅପରାଧୀ

**ଭୁବନେଶ୍ୱର,୨୧।୬(ସମିସ):** ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ନେଇ ସାରାଦେଶରେ ଓଡ଼ିଶା ଲଜ୍ଜିତ ହୋଇଥିବା ବେଳେ ଏହି ଘଟଣାରେ ନାବାଳକଙ୍କ ସଂପୃକ୍ତି ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଗଣଦୁଷ୍କର୍ମ ଘଟଣାରେ ୧୦ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ନାବାଳକ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହାପୂର୍ବରୁ ମଧ୍ୟ ଅନେକ ଦୁଷ୍କର୍ମ ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଗିରଫ କରି ସୁଧାରଗୃହକୁ ପଠାଯାଉଥିଲେ ମଧ୍ୟ ଅପରାଧ ଦୁନିଆରେ ସେମାନଙ୍କର ସଂପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ଖାଲି ଦୁଷ୍କର୍ମ ନୁହେଁ, ହତ୍ୟା ଓ ନିଶା କାରବାରରେ ମଧ୍ୟ ସେମାନେ ସକ୍ରିୟ ହେଉଛନ୍ତି। ତେବେ ଅଧିକାଂଶ ମାମଲାରେ ପେଶାଦାର ଅପରାଧୀ ସେମାନଙ୍କୁ ବ୍ୟବହାର କରୁଥିବାର ମଧ୍ୟ ଦେଖାଯାଉଛି।

ପୁଲିସ ଠାରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଜାନଆରୀ ମାସରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୦୦ ପାର୍ କରିଛି ଦୁଷ୍କର୍ମ ମାମଲା। ବିଶେଷ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝି ୨୦୨୪ ଡିସେମ୍ବର ମାସରେ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୫ ମାସରେ ୭୬୯ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୫୦୯ ମହିଳା ଦୁଷ୍କର୍ମ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧ଜଣ ମହିଳା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ବର୍ତ୍ତମାନ ଏହି ସାଢେ ୫ମାସରେ ଦୁଷ୍କର୍ମ ମାମଲା ୯ଶହ ପାର କଲାଣି। ଯାହାକି ପୁଲିସ ପାଇଁ ଚିନ୍ତାର କାରଣ। ତେବେ ଉଦବେଗର ବିଷୟ ହେଲା ଯେ ଏହି ୯୦୦ ଦୁଷ୍କର୍ମ ମାମଲା ମଧ୍ୟରୁର ୩୦୦ ମାମଲାରେ ନାବାଳକଙ୍କ ସଂପୃକ୍ତି ରହିଛି।

ସରକାରୀ ତଥ୍ୟରୁ ଜଣଶପଡ଼ିଛି ଯେ ପ୍ରତିବର୍ଷ ନାବାଳକ ଅପରାଧରେ ସାମିଲ ହେବା ସଂଖ୍ୟା ବଢିବଢି ଚାଲିଛି। ଗତ ୨୨ ବର୍ଷ ମଧ୍ୟରେ ୨୦ ହଜାର ନାବାଳକଙ୍କୁ ବିଭିନ୍ନ ଅପରାଧ ଘଟଣାରେ ଗିରଫ କରି ସୁଧାରଗୃହକୁ ପଠାଯାଇଛି। ଛୋଟ ଅବସ୍ଥାରୁ ନାବାଳକମାନେ ଅପରାଧରେ ପାଦ ଦେବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ନାବାଳକମାନେ ଅପରାଧୀମାନଙ୍କ ସହ ମିଶିବା ଦ୍ୱାରା ଅପରାଧ ଘଟାଇବା ମନବୃତ୍ତି ଆସୁଛି। ଅନେକ ପେଶାଦାର ଅପରାଧୀମାନେ ନିଜ ସ୍ୱାର୍ଥ ପାଇଁ ନାବାଳକଙ୍କୁ ବ୍ୟବହାର କରୁଛନ୍ତି। ନାବାଳକଙ୍କ ପାଇଁ ଆଇନ୍ କୋହଳ ଥିବାରୁ ସେମାନଙ୍କୁ ଅପରାଧୀମାନେ ବ୍ୟବହାର କରୁଛନ୍ତି। ଅନେକ ଗରିବ ଏବଂ ଅପାଠୁଆ ପିଲା ଏଭଳି ଅପରାଧରେ ସାମିଲ ହେଉଛନ୍ତି। ସେମାନେ ଗିରଫ ହୋଇ ସୁଧାରଗୃହ ଗଲେ ମଧ୍ୟ ସେଠାରେ ସେମାନଙ୍କୁ ବଦଳିବା ପାଇଁ ଉଚିତ ଶିକ୍ଷା ଦିଆଯାଉନଥିବା ଅଭିଯୋଗ ହେଉଛି। ସେଠାରେ ଏକାଧିକ ଅପରାଧିକ ମନବୃତ୍ତି ଥିବା ପଲାଙ୍କ ସହ ମିଶିବା ଯୋଗୁଁ ସେମାନେ ଆହୁରି ବିଗିଡ଼ି ଯାଉଛନ୍ତି। ସୁଧାରଗୃହରୁ ବାହାରିବା ପରେ ପୁଣି ଅପରାଧରେ ସାମିଲ ହେଉଛନ୍ତି। ଗତ ଏପ୍ରିଲ ୨୨ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଶିଶୁକୁ ଅପହରଣ କରାଯାଇ ମୁଣ୍ଡ ଜାମିନ୍ ମଗା ଯାଇଥିଲା। ଏହି ଅପରାଧରେ ଜଣେ ନାବାଳକ ମଧ୍ୟ ସାମିଲଥିଲା। ସେହିପରି ପଟିଆ ଅଞ୍ଚଳରେ ଥିବା ଏକ ବାରରେ ଗଣ୍ଡଗୋଳରେ ମଧ୍ୟ ନାବାଳଙ୍କ ସଂପୃକ୍ତି ଥିଲା।

ପିଲାମାନଙ୍କ ମଧ୍ୟରେ ଏଭଳି ମନୋବୃତ୍ତିକୁ ନେଇ ଅନେକ ପୁଲିସ ଅଧିକାରୀ ଏବଂ ସାମାଜିକ କର୍ମୀ ଚିନ୍ତା ପ୍ରକଟ କରିଛନ୍ତି। ସୁଧାରଗୃହରେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବା ସହିତ ଯେଉଁ ଅପରାଧୀ ଏହି ପିଲାମାନଙ୍କୁ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିବାକୁ ସେମାନେ ଦାବି କରିଛନ୍ତି। ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ସେମାନେ ସତର୍କ କରାଇଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-354 ◆BHUBANESWAR ◆SUNDAY ◆22 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୫୪ ◆ଭୁବନେଶ୍ୱର ◆ରବିବାର ◆୨୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)




ପନ୍ତଙ୍କ
ରେକର୍ଡ ଶତକ
▶ପୃଷ୍ଠା ୧୨ ଦେଖନ୍ତୁ...

## ନିବେଶ ନିମନ୍ତେ କମ୍ପାନୀଙ୍କୁ ମିଳୁନାହାନ୍ତି ପ୍ରମୋଟର

# ନିବେଶକଙ୍କ ବିଶ୍ୱାସ ହରାଉଛି ଓଡ଼ିଶା

▶▶ ଆର୍ସେଲର ମିତ୍ତଲ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ରାସ୍ତାରେ ୱାରୀ

▶▶ ଢେଙ୍କାନାଳ ୱାରୀ ପ୍ରକଳ୍ପର ହୋଇଛି ଦୁଇଥର ଶିଳାନ୍ୟାସ

▶▶ ଗୁଜରାଟ ଓ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇପାରେ ପ୍ରକଳ୍ପ

▶▶ ନିଷ୍ପତ୍ତିର ଦିନକ ପରେ କମ୍ପାନୀର ସ୍ପଷ୍ଟୀକରଣ ବଢ଼ାଇଲା ଦ୍ୱନ୍ଦ୍ୱ

■ **ଭୁବନେଶ୍ୱର, ୨୧।୬ (ସମିସ):** ସରକାର ଓଡ଼ିଶାରେ ବିପୁଳ ନିବେଶର ସ୍ୱପ୍ନ ଦେଖାଉଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟ ଶିଳ୍ପ ସମୃଦ୍ଧ ହେବ ବୋଲି କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ଶିଳ୍ପ ସ୍ଥାପନ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଅନେକ କମ୍ପାନୀ ଓ ନିବେଶକଙ୍କୁ ପ୍ରମୋଟର ମିଳୁନାହାନ୍ତି। ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜନୈତିକ ଅସ୍ଥିରତା, ଆଇନଶୃଙ୍ଖଳା ପରିସ୍ଥିତି ଓଡ଼ିଶାରେ ନିବେଶ ନିମନ୍ତେ ନିବେଶକଙ୍କୁ ଅନାଗ୍ରହୀ କରିଛି। ନିବେଶକମାନେ ଓଡ଼ିଶା ଉପରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ଗତ ସରକାର ସମୟରେ ଶିଳ୍ପ ସ୍ଥାପନ ନିମନ୍ତେ ବୁଝାମଣା କରିଥିବା ଅନେକ ସଂସ୍ଥା ଏଯାଏ ଜମି ଅଧିଗ୍ରହଣ କ୍ଷେତ୍ରରେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ନେତାମାନଙ୍କ ରାଜନୈତିକ ହସ୍ତକ୍ଷେପ ଓ ଆଇନଶୃଙ୍ଖଳା ସ୍ଥିତି ସେମାନଙ୍କୁ ଓଡ଼ିଶାରେ ଶିଳ୍ପ ସ୍ଥାପନ ନିମନ୍ତେ ବୀତସ୍ପୃହ କରିଛି। ପରିଣାମ ସ୍ୱରୂପ କଟକ ଜିଲ୍ଲାର ନରାଜରେ ପ୍ରସ୍ତାବିତ ଜେଏସ୍‌ଡ଼ବ୍ଲ୍ୟୁ ଇଭି କାରଖାନା, କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କାରଖାନା ବିଳମ୍ବିତ ହୋଇ ଚାଲିଛି। ଏହି ଦୁଇ ପ୍ରକଳ୍ପର ଭବିଷ୍ୟତ ଏବେ ବି ଅନିଶ୍ଚିତ। ଏହି ସମୟରେ ସୌର ମଡ୍ୟୁଲ୍ ନିର୍ମାତା ୱାରୀ କମ୍ପାନୀର ଢେଙ୍କାନାଳ ପ୍ରକଳ୍ପ ମଧ୍ୟ ଅନିଶ୍ଚିତା ମଧ୍ୟକୁ ଠେଲି ହୋଇ ଯାଇଛି ।

ଦେଶର ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ୱାରୀ ଢେଙ୍କାନାଳ ପ୍ରକଳ୍ପ ଗୁଜରାଟ, ମହାରାଷ୍ଟ୍ରକୁ ସ୍ଥାନାନ୍ତର କରିବା ନିମନ୍ତେ ବିଏସ୍‌ଇ ଓ ଏନ୍‌ଏସ୍‌ଇକୁ ଅବଗତ କରିଛି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ଏହି ପ୍ରକଳ୍ପରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ୱାରୀ ପକ୍ଷରୁ ପ୍ରାୟ ୨୫ ହଜାର କୋଟି ଟଙ୍କା ନିବେଶରେ ଢେଙ୍କାନାଳରେ ▶ପୃଷ୍ଠା-୭

## ୨୪ରୁ ପୁଣି ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇଛି ।ମାତ୍ର ରବିବାରଠାରୁ ମୌସୁମୀ ନିମ୍ନ ଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇବ। ତେବେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ଥିବାରୁ ୨୪ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ଘୂର୍ଣ୍ଣିବଳୟ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2025
Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ଫୁଲୁଛି ସୁବର୍ଣ୍ଣରେଖା; ବଢୁଛି ବିପଦ

# ବାଲିଆପାଳରେ ସ୍ଥିତି ଗମ୍ଭୀର

### ପାଣିଘେରରେ ୮ ପଞ୍ଚାୟତର ୨୦ହଜାର ଲୋକ

### ସୁଅରେ ଭାସି ଯୁବକ ନିଖୋଜ



■ **କାଳିପଦା/ଲଙ୍ଗଳେଶ୍ୱର/ଭୋଗରାଇ, ୨୧।୬ (ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡିହି ବ୍ୟାରେଜ୍ ଗେଟ୍ ଖୋଲାଯିବାରୁ ଗତକାଲିଠୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କିଛି ବ୍ଲକ୍‌ରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ବାଲେଶ୍ୱର ଜିଲ୍ଲା ରାଜଘାଟଠାରେ ସୁବର୍ଣ୍ଣରେଖା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଥିବା ବେଳେ ବାଲିଆପାଳ, ଭୋଗରାଇ, ବସ୍ତା ଓ ଜଳେଶ୍ୱର ବ୍ଲକ୍‌ରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ବନ୍ୟା ଯୋଗୁଁ ବାଲିଆପାଳ ▶ପୃଷ୍ଠା-୭

## ନେଦାର ୨ ହଜାର ଲୋକ ସ୍ଥାନାନ୍ତର

■ **ସାରସକଣା, ୨୧।୬ (ସମିସ):** ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଶୀର୍ଷା ପଞ୍ଚାୟତ ନେଦା ଗ୍ରାମର ତଳିଆ ଅଞ୍ଚଳରେ ନଈବଢ଼ି ପାଣି ପଶିଯିବା ସହ ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତରେ ବାଧା ଉପୁଜିଛି। ସୁବର୍ଣ୍ଣରେଖାର ଜଳସ୍ତର ବଢୁଥିବାରୁ ନେଦା ଗ୍ରାମରୁ ପ୍ରାୟ ୨୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ମାଗଣା ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ▶ପୃଷ୍ଠା-୭


Join EXCELSIOR to RISE HIGHER

TOP 20-A1 Rankers 2025




Result Analysis AHSE-2025

| PERCENTAGE | MARKS | STRENGTH |
|---|---|---|
| 90% & ABOVE | 540 & ABOVE | 73 |
| 85% & ABOVE | 510 & ABOVE | 133 |
| 500 & ABOVE | | 148 |
| 80% & ABOVE | 480 & ABOVE | 199 |
| 75% & ABOVE | 450 & ABOVE | 239 |
| 70% & ABOVE | 420 & ABOVE | 273 |
| 60% & ABOVE | 360 & ABOVE | 314 |

| | | |
|---|---|---|
| TOTAL STUDENTS APPEARED | 314 | % |
| TOTAL STUDENTS PASSED | 314 | 100% |
| TOTAL 1st DIVISION | 314 | 100% |
| HIGHEST INDIVIDUAL SCORE IN AHSE 2025 | | 570 |
| NO. OF STUDENTS WHO EXCEEDED THEIR 10th% | | 221 |
| NO. OF STUDENTS WHO MAINTAINED THEIR 10th% | | 76 |

26 STUDENTS WITH 90% IN 10TH HAD JOINED WITH US.
73 STUDENTS HAVE SECURED 90% IN A.H.S.E. EXAM.

IMPROVEMENT ANALYSIS

| 10TH DATA | PERCENTAGE | 12TH RESULT DATA |
|---|---|---|
| 26 STUDENTS | ABOVE 90% | 73 STUDENTS |
| 53 STUDENTS | ABOVE 85% | 60 STUDENTS |
| 84 STUDENTS | ABOVE 80% | 66 STUDENTS |
| 103 STUDENTS | ABOVE 75% | 40 STUDENTS |
| 33 STUDENTS | ABOVE 70% | 34 STUDENTS |
| 15 STUDENTS | ABOVE 60% | 41 STUDENTS |

OUR BEST ACADEMIC ACHIEVEMENT IN A.H.S.E. 2025 - PRANAKRUSHNA MAHANTA, WHO HAD SECURED 72% IN MATRIC SECURED 92% IN A.H.S.E. EXAM.


ଉତ୍ତିଷ୍ଠତ ଜାଗ୍ରତ

Excelsior Science Residential Higher Secondary School (CHSE)
Permanently Recognized by Govt. of Odisha
Chhotraypur, Jajpur Road, Jajpur

For Admission please Contact:

| | |
|---|---|
| CHSE - | 9437189122, 9437064112, 8457022795, 9437071103, 7978075324, 8328948954. |
| CBSE - | 7008136699, 8249205993, 8596846553. |

# ସାମୂହିକ ଯୋଗକଲେ ୧୦ ହଜାର ସମ୍ବଲପୁରବାସୀ





**ସମ୍ବଲପୁର, ୨୧।୬(ସମିସ)**


ଶନିବାର ଭୋର୍ ୫ଟାରୁ ମା' ସମଲେଶ୍ୱରୀ ମନ୍ଦିର ପରିସର ଏବଂ ମହାନଦୀ ରିଭର୍‌ଫ୍ରଣ୍ଟରେ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଲୋକଙ୍କ ସୁଅ ଛୁଟିଥିଲା। ଅବସର ଥିଲା ସମ୍ବଲପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମ। ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ଅତିଥିଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ ଛାତ୍ରଛାତ୍ରୀ, କ୍ରୀଡାବିତ୍, ଶିକ୍ଷକଶିକ୍ଷୟିତ୍ରୀ, ସିଭିଲ ସୋସାଇଟି ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ତଥା ସାଧାରଣ ଜନତା ଯୋଗାଭ୍ୟାସ କରିଥିଲେ। ସକାଳ ସାଢ଼େ ୬ଟା ସମୟରେ ଆନ୍ତର୍ଜାତୀୟ ଯୋଗଦିବସ ଉପଲକ୍ଷେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସିଧାପ୍ରସାରଣ ହୋଇଥିଲା। ଏହାପରେ ସକାଳ ୭ଟାରୁ ୭ଟା ୪୫ ମିନିଟ ପର୍ଯ୍ୟନ୍ତ ଯୋଗ ଶିକ୍ଷକଙ୍କ ପ୍ରଶିକ୍ଷଣରେ ଯୋଗାଭ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୧୦ ହଜାର ସମ୍ବଲପୁରବାସୀ ଯୋଗ ଦେଇଥିଲେ। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମା' ସମଲେଶ୍ୱରୀ ମନ୍ଦିର ପରିସର ଓ ମହାନଦୀ ରିଭର୍‌ଫ୍ରଣ୍ଟ ସହ ହୀରାକୁଦ ଜଳଭଣ୍ଡାର ବୁର୍ଲା ପାୱାର ହାଉସ ନିକଟରେ ମଧ୍ୟ ଯୋଗାଭ୍ୟାସ କରାଯାଇଥିଲା। ଜିଲ୍ଲାର କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ମହକୁମା, ବ୍ଲକ ମହକୁମା ଏବଂ ପଞ୍ଚାୟତସ୍ତରରେ ମଧ ଯୋଗ ଦିବସ ପାଳିତ ହୋଇଯାଇଛି।

ଏହି ବିଶାଳ ସାମୂହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୨ଟି ବିଦ୍ୟାଳୟର ୩୮୩୦ରୁ ଅଧିକ ଛାତ୍ରଛାତ୍ରୀ, ୪୮୦ ଜଣ ଏସ୍କର୍ଟ ଶିକ୍ଷକ, ୪୦ଜଣ ଶାରୀରିକ ଶିକ୍ଷା ଶିକ୍ଷକ, ୨୫୦ ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀ ତଥା ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ସାମୂହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗର ଯୁବକ ଓ ଯୁବତୀ, ପୁରୁଷ ଓ ମହିଳା ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ତଥା ସିଭିଲ ସୋସାଇଟି ସଦସ୍ୟମାନେ ଭାଗ ନେଇଥିଲେ। ସମଲେଶ୍ୱରୀ ମନ୍ଦିର ପରିସର ଏବଂ ରିଂରୋଡ ମହାନଦୀ ରିଭର୍‌ଫ୍ରଣ୍ଟ ଅଞ୍ଚଳକୁ ୧୨ଟି ଜୋନ୍‌ରେ ବିଭକ୍ତ କରାଯାଇ ପ୍ରଶାସନିକ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମ୍ବଲପୁରକୁ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମର ଅନ୍ୟତମ କେନ୍ଦ୍ର ଭାବେ ଚୟନ କରାଯାଇଥିଲା। ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁବ୍ରତ ପ୍ରଧାନ ପୂର୍ବରୁ ସମ୍ବଲପୁର ଗସ୍ତରେ ଆସି ଆନ୍ତର୍ଜାତିକ ଯୋଗ ଦିବସ ୨୦୨୫ ପାଳନ ପ୍ରସ୍ତୁତି ଅନୁଧ୍ୟାନ କରି ଆବଶ୍ୟକ ପରାମର୍ଶ ଦେଇଥିଲେ।

ଏହି ଅବସରରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଲେ ଯେ, ଗାଁ ଠାରୁ ଆରମ୍ଭ କରି ସହର ଯାଏ, ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ଯାଏ ସମସ୍ତ ବୟସ ବର୍ଗର ଜନସାଧାରଣଙ୍କୁ, ଉଭୟ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବା ଲାଗି, ଯୋଗର ଆବଶ୍ୟକତା ରହିଛି। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ହେଉଛି ଯୋଗ:ଧର୍ମେନ୍ଦ୍ର

ଅନାଦି ଅନନ୍ତ କାଳରୁ ଭାରତରେ ଜନ୍ମ ନେଇଥିବା ଯୋଗ ଅଭ୍ୟାସ ବିଶ୍ୱରେ ଏକ ଜନଆନ୍ଦୋଳନରେ ପରିଣତ ହେଉଛି। ଯୋଗ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ



ବୋଲି ଶନିବାର ସମ୍ବଲପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ପୀଠ ଓ ମହାନଦୀର ଉପକୂଳ ଅଞ୍ଚଳରେ ସମ୍ବଲପୁରର ଜନସାଧାରଣଙ୍କ ସହ ଯୋଗ କରିଥିଲେ। ବିଶେଷ ଭାବରେ ସ୍କୁଲରୁ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ, ସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମବେତ ହୋଇ ଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଯୋଗ ଦିବସ -୨୦୨୫ ବିଷୟବସ୍ତୁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଶିକ୍ଷା ମନ୍ତ୍ରୀ କହିଥିଲେ, ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ୨୦୧୪ରେ ପ୍ରଧାନମନ୍ତ୍ରୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ।

ସମ୍ବଲପୁରର ଗୋଟିଏ ଚରିତ୍ର, ସଂସ୍କୃତି ଓ ଉତ୍ସାହ ଅଛି। ଶାରୀରିକ ସୁସ୍ଥତାରେ ସମ୍ବଲପୁର ରାଜ୍ୟ ଓ ଦେଶର ପ୍ରମୁଖ ଅଞ୍ଚଳ ଭାବରେ ଉଭା ହେଉଛି। କ୍ରୀଡ଼ା, ବ୍ୟାୟାମ, କୁସ୍ତି ତଥା ପ୍ରାତଃ ଭ୍ରମଣ ଓ ସଂଧ୍ୟା ଭ୍ରମଣ ଲୋକମାନଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। ସମସାମୟିକ ସମୟରେ ଆମକୁ ସମ୍ବଲପୁରକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ପଡ଼ିବ। ଆଗାମୀ ଦିନରେ ଯେପରି ସମ୍ବଲପୁର ଜିଲ୍ଲାର ପ୍ରତିଟି ଗାଁର ନାଗରିକ ଯୋଗ ଦିବସ ପାଳନ କରିବେ, ସେ ଦିଗରେ ଆମେ ପ୍ରସ୍ତୁତିକରିବା ଦରକାର। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଜିଲ୍ଲାର ନାଗରିକଙ୍କ ମଧ୍ୟରେ ସମ୍ପନ୍ନତା ଆଣିବା ପାଇଁ ପ୍ରୟାସ କରିବା ସହ ସୁସ୍ଥ ଓ ସୁଖୀ ଜୀବନଯାପନ ପାଇଁ ଯୋଗକୁ ଗ୍ରହଣ କରିବା ପାଇଁ ଶ୍ରୀ ପ୍ରଧାନ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ।

## ଧୀରେନ୍ ପୂଜାରୀଙ୍କ ଦେହାନ୍ତ

**ସମ୍ବଲପୁର, ୨୧।୬(ସମିସ):** ସମ୍ବଲପୁର ସହର ଝାଡୁଆପଡ଼ାର ମୂଳନିବାସୀ ପୂର୍ବତନ ସମ୍ବଲପୁର କାର୍ଯ୍ୟନିର୍ବାହୀ ଅଧିକାରୀ, ପୂର୍ବତନ ନବରଙ୍ଗପୁର ଜିଲ୍ଲାପାଳ ତଥା ପୂର୍ବତନ ଏମ୍‌ଡି



ସିଭିଲ ସପ୍ଲାଏ ଧୀରେନ୍ କୁମାର ପୂଜାରୀଙ୍କ ଗତକାଲି ବିଳମ୍ବିତ ରାତ୍ରିରେ ଭୁବନେଶ୍ୱର ସତ୍ୟନଗର ସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ଥିଲେ ସ୍ୱର୍ଗତ ସୂର୍ଯ୍ୟ କୁମାର ପୂଜାରୀଙ୍କ ସୁପୁତ୍ର ଏବଂ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଙ୍କ ରୋହିତ ପୂଜାରୀଙ୍କ ବଡବାପା। ତାଙ୍କ ଦେହାନ୍ତରେ ପୂଜାରୀ ପରିବାରରେ ଶୋକର ଛାୟା ଖେଳିଯାଇଛି। ପରିବାର ବର୍ଗ ଆତ୍ମାର ସଦଗତି ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଝାଡ଼ାରେ ମହିଳାଙ୍କ ମୃତ୍ୟୁ

**କୁଚିଣ୍ଡା, ୨୧।୬(ସମିସ):** କୁଚିଣ୍ଡା ଉପଖଣ୍ଡରେ ପ୍ରଥମ କରି ଜଣେ ମହିଳା ତରଳ ଝାଡ଼ାରେ ଆକ୍ରାନ୍ତ ହୋଇ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସି ତାଙ୍କର ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ଜଣକ ଜମନକିରା ବ୍ଲକ ଚିନି ମହୁଲ ଗ୍ରାମର ଡିଲେଶ୍ୱର ଘଣ୍ଟଆଳଙ୍କ ପତ୍ନୀ ପୂର୍ଣ୍ଣିମା ଘଣ୍ଟଆଳ(୩୯)। ସୂଚନା ଅନୁସାରେ ପୂର୍ଣ୍ଣିମାଙ୍କୁ ଗତ ଶୁକ୍ରବାର ରାତିରେ ୪ରୁ୫ ଥର ତରଳଝାଡା ଲଗାତାର ଭାବେ ହୋଇଥଲା। ଝାଡାରେ ଦୁର୍ବଳ ହୋଇ ପଡ଼ିଥିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଜମନକିରା ଡାକ୍ତରଖାନାକୁ ଆଣି ଥିଲେ। ସେଠାରେ ସାମାନ୍ୟ ଚିକିତ୍ସା କରି କୁଚିଣ୍ଡା ଡାକ୍ତରଖାନାକୁ ସ୍ଥାନାନ୍ତର କରିଦେଇଥିଲେ। ପରିବାରଲୋକ ତୁରନ୍ତ କୁଚିଣ୍ଡା ଡାକ୍ତରଖାନାକୁ ସକାଳ ୮ ଟା ୫୮ରେ ଆଣିଥିଲେ। କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସା ଆରମ୍ଭ ହେବାର କିଛି ସମୟ ପରେ ଅର୍ଥାତ ୯ ଟା୩୦ମିରେ ତାଙ୍କର ମୃତ୍ୟୁ ଘଟିଥିଲା। ତରଳ ଝାଡ଼ାରେ ଉପଖଣ୍ଡରେ ପ୍ରଥମ ମହିଳା ରୋଗୀଙ୍କ ମୃତ୍ୟୁ ହୋଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଉକ୍ତ ଗ୍ରାମକୁ ଯାଇ ମୃତ୍ୟୁରକାରଣ ଖୋଜୁ ନହେଲେ ଯାଜପୁର ଭଳି ଧନଜୀବନ ନଷ୍ଟ ହେବର ଆଶଙ୍କା ପ୍ରକାଶ ପାଇଛି।

## କୁଚିଣ୍ଡାରେ ଅନ୍ତର୍ଜାତୀୟ ଯୋଗ ଦିବସ

**କୁଚିଣ୍ଡା, ୨୧।୬(ସମିସ):** କୁଚିଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ବ୍ଲକ ଓ ଏନ୍‌ଏସି ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ହେଉଛି ଭାରତୀୟ ଦର୍ଶନ ଓ ଜ୍ଞାନ ପୁଞ୍ଜର ଏକ ଅନୁଭୂତି ସିଦ୍ଧି ବିଭବ, ଯୋଗ ସୂତ୍ର ହେଉଛି ବିଶ୍ୱ ମାନବ ସାମାଜକୁ ଭାରତର ଏକ ମହାର୍ଘ ଅବଦାନ। ୨୦୧୫ ମସିହା ଠାରୁ ଜୁନ ୨୧ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ରୂପେ ପାଳନ କରିଆସୁଛନ୍ତି ଏହା ଆମ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବ ବିଷୟ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବ୍ଲକ ଓ ଏନ୍‌ଏସି ମିଳିତ ଉଦ୍ୟମରେ ଅନୁଷ୍ଠିତ ଯୋଗ ଶିବିରରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପଜିଲ୍ଲାପାଳ ଗୌରବମୟ



ପଧାନ, ବିଡ଼ିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ, ଏବିଡ଼ିଓ ସହଦେବ ନନ୍ଦ, ଏନଏସି ଇଓ ମନୋରଞ୍ଜନ ସୁନା, ଡେପୁଟି କଲେକ୍ଟର ଲୋଚନ ଶବରଙ୍କ ସହ ବ୍ଲକ ଓ ଏନ୍‌ଏସିର ସମସ୍ତ କର୍ମଚାରୀ, ସ୍ଥାନୀୟ କ୍ରୀଡ଼ାପ୍ରେମୀ, ଅଞ୍ଚଳର ଯୁବ ସମାଜ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସାମ୍ବାଦିକ, ସମାଜିକ ସଂଗଠନ ପ୍ରମୁଖ ଯୋଗ ଦେଇ ଶିବିରକୁ ସାଫଲ୍ୟ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ


ସିଆରପିଏଫ୍ ଗ୍ରୁପ୍ ସେଣ୍ଟର


ସମ୍ବଲପୁର ରେଳ ମଣ୍ଡଳ


ଜମନକିରା ବ୍ଲକ୍

### ସିଆରପିଏଫ୍ ଗ୍ରୁପ୍ ସେଣ୍ଟର

**ସମ୍ବଲପୁର, ୨୦।୬ (ସମିସ):** ସମ୍ବଲପୁର ଜିଲ୍ଲା ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ଠାରେ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଗ୍ରୁପ୍ ସେଣ୍ଟର ସମ୍ବଲପୁରର ପୋଲିସ ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନରେ ପରିଚାଳିତ କାର୍ଯ୍ୟକ୍ରମରେ ରେଞ୍ଜ ସମ୍ବଲପୁରର ଉପମହାନିରୀକ୍ଷକ ଦଲିପ ସିଂହ ଅମ୍ବେଶ, ଅନ୍ୟାନ୍ୟ ଅଧିକାରୀ, ଯବାନଙ୍କ ସହିତ ନିକଟସ୍ଥ ଗ୍ରାମ ଗୋଶାଳା, କଳାମାଟି, ବସନ୍ତପୁରର ଗ୍ରାମବାସୀ ପ୍ରାୟ ୨୫୩ ଜଣ ଅଂଶଗ୍ରହଣ କରିଥିଲେ। ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହ ଯୋଗର ଐତିହାସିକ ଗୁରୁତ୍ୱ ସହ ଭାରତ ସରକାରଙ୍କ ଯୋଗ ସମ୍ବନ୍ଧୀୟ ଯୋଜନା ଏବଂ ଏହି ବର୍ଷର ବିଷୟ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଆଲୋକପାତ କରିଥିଲେ। ଯୋଗ କେବଳ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟର ଏକ ମାଧ୍ୟମ ନୁହେଁ, ବରଂ ଏହା ସାମାଜିକ ସମନ୍ୱୟ ଏବଂ ପ୍ରକୃତି ସହିତ ସଂଯୋଗର ଏକ ଶକ୍ତିଶାଳୀ ମାଧ୍ୟମ। ଭାରତ ସରକାରଙ୍କ ଅଭିଯାନ ଅଧୀନରେ ଗତ ଏକମାସ ଧରି ଗ୍ରୁପ୍ ସେଣ୍ଟର ସମ୍ବଲପୁର ଦ୍ୱାରା ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବ୍ରହ୍ମାକୁମାରୀ ପ୍ରତିଷ୍ଠାନ ସହିତ ଯୋଗ ଉପରେ ବକ୍ତୃତା, ସ୍ୱାସ୍ଥ୍ୟ ଯାଞ୍ଚ ଶିବିର, ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, ସାଇକଲ ରାଲି ଏବଂ ସମ୍ବଲପୁରର ହୀରାକୁଦ ଡ୍ୟାମ୍ ପାର୍କ, ନବୋଦୟ ବିଦ୍ୟାଳୟ ଏବଂ ମା ସମଲେଶ୍ୱରୀ ମନ୍ଦିର ପରିସରରେ ସାମୂହିକ ଯୋଗାଭ୍ୟାସ ଅନ୍ତର୍ଭୁକ୍ତ ଥିଲା।


ବୁର୍ଲା ଡିଏଭି ବିଦ୍ୟାଳୟ

### ବୁର୍ଲା ଡିଏଭି ବିଦ୍ୟାଳୟ

ବୁର୍ଲାସ୍ଥିତ ଡିଏଭି ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ମିଶ୍ର ଯୋଗ ଦେଇ ପ୍ରାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଶାନ୍ତନୁ ତ୍ରିପାଠୀ, ଶୁଭେନ୍ଦୁ ବାରିକ, ରାଜଶ୍ରୀ ସାହାଣୀ ପ୍ରମୁଖ ପରିଚାଳନା କରିଥିଲେ। ଯୋଗ ଆଧାତିତ ବିଷୟ ବସ୍ତୁକୁ ନେଇ କୁଇଜ, ଚିତ୍ରାଙ୍କନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ନାୟକ ସଂଯୋଜନା କରିଥିବା ବେଳେ, ଶିକ୍ଷୟିତ୍ରୀ ସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜଗନ୍ନାଥ କଲୋନୀ କ୍ଲବ୍

### ଜଗନ୍ନାଥ କଲୋନୀ କ୍ଲବ୍

ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ଜଗନ୍ନାଥ କଲୋନୀ କ୍ଲବ ପରିସରରେଯୋଗ ଶିବିରର ଆୟୋଜନ କରାଯାଇଥିଲା। ଜଗନ୍ନାଥ କଲୋନୀବାସୀ ସକାଳୁ ବହୁ ସଂଖ୍ୟାରେ ଆସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କ୍ଲବ୍ ସମ୍ପାଦକ ସମରଜୀତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ସ୍ଥାନୀୟ ଯୋଗ ପ୍ରଶିକ୍ଷକ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।

### ସମ୍ବଲପୁର ରେଳ ମଣ୍ଡଳ

ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ରେଳବାଇ କମ୍ୟୁନିଟୀ ହଲରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାଷ ଚନ୍ଦ୍ର ଚୌଧରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି 'ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ହେଉଛି ଏକ ମାଧ୍ୟମ'। କାର୍ଯ୍ୟକ୍ରମରେ ରେଳବାଇ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କର ପରିବାର ସଦସ୍ୟ ଯୋଗଦାନ କରି ଯୋଗାଭ୍ୟାସ କରିଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ସମ୍ବଲପୁରର ରାଜେଶ କୁମାର ସାହୁ ଓ କଞ୍ଚନ ସୋମ ଅଗ୍ରୱାଲ ଯୋଗ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜୀତ ସିଂ ସନସନୱାଲ, ରେଳବାଇ ଅଧିକାରୀ, ରେଳବାଇ କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ଷ୍ଟେସନ ଓ ୟୁନିଟ୍ ଗୁଡ଼ିକରେ ମଧ ଯୋଗ ଦିବସ ପାଳନ କରାଯାଇଥିଲା। ପୋନ୍ନା ଭେଙ୍କଟେଶ କାର୍ଯ୍ୟକ୍ରମର ସଂଯୋଜନା ଥିଲେ।

### ଜମନକିରା ବ୍ଲକ୍‌ସ୍ତରୀୟ

ଜମନକିରା ବ୍ଲକସ୍ତରୀୟ ଯୋଗ ଦିବସ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ, ଜମନକିରା ପ୍ରବୀଣ। ବିଲୁଙ୍ଗ ତହସିଲଦାର, ବ୍ଲକର ସମସ୍ତ କର୍ମଚାରୀ, ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ହରିଶ ଚନ୍ଦ୍ର ବାଘ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନନ୍ଦ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ପିଇଟି ଶିକ୍ଷକ ସତ୍ୟବ୍ରତ ଦେହୁରୀ ଯୋଗ ଶିକ୍ଷା ଦେଇଥିଲେ। ଛାତ୍ରୀ ଅନ୍ୱେଷା ଦିବେଦୀ ଓ ସଂସ୍କୃତି ନାୟକ ଯୋଗରେ ସହଯୋଗ କରିଥିବା ବେଳେ ସିଡିପିଓ ମମତା ପଟେଲ, ସିଆରପି, ଅଙ୍ଗନ ୱାଡ଼ି କର୍ମୀ, ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିର

ଜମନକିରା ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିଲା। ବିଦ୍ୟାଳୟର ସଭାପତି ସାଲେକରାମ୍ ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ଏବଂ ଶିଶୁ ଭାଇ ଭଉଣୀ ଉପସ୍ଥିତ ଥିଲେ। ଉକ୍ତ ଯୋଗ ଦିବସରେ ବିଦ୍ୟାଳୟର ସସ୍ମିତା ଗୁରୁମା ପରିଚାଳନା କରିବା ସହିତ ବିଭିନ୍ନ ଯୋଗ ଏବଂ ଆସନ ବିଷୟରେ ସୂଚନା ଦେଇଥିଲେ। ଶେଷରେ ସସ୍ମିତା ଗୁରୁମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁଠୁ ସହର ସବୁଠି ଯୋଗ ପରିବେଶ




**ବରପାଲି, ୨୧।୬(ସମିସ):** ବରପାଲି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନିୟ ଲିଟିଲଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେସ୍ଥିତ ଏଞ୍ଜେଲସ ହଲ, ଏଞ୍ଜେଲସ ଗାର୍ଡନ ଓ ଶିରିଡିସାଇ ମନ୍ଦିର ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଯୋଗ ସଙ୍ଗମ ଅନଲାଇନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତି, କାର୍ଯ୍ୟକର୍ତ୍ତା ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ମିଳିତ ଭାବେ ପ୍ରାୟ ୫୧୯ଜଣ ଯୋଗ କରିଥିଲେ। ବିଦ୍ୟାଳୟ ୨୫ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।ସେହିପରି ବରପାଲି ମହାବିଦ୍ୟାଳୟ ପରିସରରେ ଯୋଗଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସରସ୍ୱତୀ ଶିଶୁମନ୍ଦିର ଯୋଗଗୁରୁ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଗୁରୁ ପ୍ରଥମେ ଯୋଗର ଉପଯୋଗୀତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସହଯୋଗ କରିଥିଲେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ, ଅଧ୍ୟାପିକା ଶ୍ରୀମତୀ ସୀମାଞ୍ଜଳି ଦାସ ଏବଂ ରେଡକ୍ରସ କାଉନସିଲର ଅଧ୍ୟାପକ ଅଲେଖ କୁମାର ମହାନନ୍ଦ ଓ ଅଧ୍ୟାପିକା ନତାଶା ସିକନ୍ଦର ପ୍ରମୁଖ।ଶେଷରେ ଅଧ୍ୟାପକ ଅଲେଖ କୁମାର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ରେଡ଼କ୍ରସ ଓ ଏନଏସଏସ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଯୋଗର ଉପାଦେୟତା ଉପରେ ଆଲୋକପାତ କରିଥିଲେ।ଯୋଗ ଶିକ୍ଷକ ଭାବେ ଯୋଗଗୁରୁ ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ସୁଧାଂଶୁ କୁମାର ଦାଶ ସୁସ୍ଥ ଜୀବନ ସମ୍ପର୍କିତ ଭିନ୍ନ ଭିନ୍ନ ଯୋଗ ପ୍ରଣାଳୀ ଉପରେ ବ୍ୟବହାରିକ ଶିକ୍ଷା ପ୍ରଦାନ କରିଥିଲେ। ଉଭୟ ରେଡ୍‌କ୍ରସ ଓ ଏନଏସ୍‌ଏସ ସ୍ୱେଚ୍ଛାସେବୀଙ୍କ ସମେତ ମହାବିଦ୍ୟାଳୟ ସମସ୍ତ ଛାତ୍ରୀ ଓ ଅଧ୍ୟାପକ ଓ ଅଧ୍ୟାପିକା ସହକର୍ମୀ ବୃନ୍ଦ ସାମିଲ ହୋଇଥିଲେ।

## ● ଗୋବିନ୍ଦପୁର ପଞ୍ଚାୟତ



ଗୋବିନ୍ଦପୁର ପଞ୍ଚାୟତରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ମାନସିକ ଶାନ୍ତି ପ୍ରାପ୍ତ ହୋଇଥାଏ, ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆସନ୍ତୁ ପ୍ରତିଦିନ ଯୋଗ କରିବା ପାଇଁ ସଂକଳ୍ପ ନେବା ଓ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ବୋଲି ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ପଞ୍ଚାୟତବାସୀଙ୍କୁ ବାର୍ତ୍ତା ଦେଇଥିଲେ।କାର୍ଯ୍ୟକ୍ରମରେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ପଞ୍ଚାୟତ ନିର୍ବାହୀଅଧିକାରୀ ଡୋଳାମଣି ପ୍ରଧାନ, ସମିତି ସଭ୍ୟ ଜ୍ଞାନଚନ୍ଦ୍ର ବିଶ୍ୱାଳ। ଯୋଗ ପ୍ରଶିକ୍ଷଣ ଦେବା ପାଇଁ ବଗେଇବିରା ଇଣ୍ଡିୟାନ ମିଲିଟାରୀ ଏକାଡେମୀର ଫାଉଣ୍ଡର ତଥା ସଭାପତି ପୁରନ୍ଦର ଭୋସାଗରଙ୍କ ସହ ଏକାଡେମୀର ଛାତ୍ରଛାତ୍ରୀ ଏବଂ ୱାର୍ଡମେମ୍ବର ଚିନ୍ତାମଣି ବାରିକ, ଉସଦ ସା, ଏମ୍‌ବିକେ ଫିଉଟି ବାରିକ, କୌଶଲ୍ୟା ସାହୁ, ମୌଥିଲି ହିଆଲ, ପୁଷ୍ପାଞ୍ଜଳୀ ବନଛୋର, ଆଶା କର୍ମୀ ଗୀତାଞ୍ଜଳି ଦୁଆନ୍, ଆଶା ବାଗ୍ ଅଙ୍ଗନବାଡ଼ି କର୍ମୀ ସୁଭାଙ୍ଗିନୀ ସାହୁ, ପୁଷ୍ପାଞ୍ଜଳୀ ଭୋଇ ସହ ପଞ୍ଚାୟତର ସମସ୍ତ ସିଆର୍‌ପି, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସମସ୍ତ ଏସ୍‌ଏଚ୍‌ଜି ଗ୍ରୁପର ମହିଳା ସାମିଲ ହୋଇଥିଲେ।

## ● ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ



ଆଜି ତାରିଖ ୨୧ ଜୁନ ଶନିବାର ଦିନ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ନୂତନ ନିର୍ମିତ ସ୍ପୋର୍ଟସ୍ ଏରିନା ଭିତରେ ଏକ ଶାନ୍ତିମୟ ପରିବେଶରେ ଭବ୍ୟ ଭାବେ ଯୋଗ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଚେୟରମ୍ୟାନ୍ ସୁମନ ସାୱଡିଆ, ମ୍ୟାନେଜମେଣ୍ଟ ସଦସ୍ୟ, ଶିକ୍ଷକବୃନ୍ଦ ଏବଂ ଚତୁର୍ଥ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଯୋଗ ଶିକ୍ଷକ ସୁରଜ ପ୍ରଧାନଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ଯୋଗ ଆସନର ଅଭ୍ୟାସ କରିଥିଲେ। ସଙ୍ଗୀତ ଶିକ୍ଷକ ଦୀପକ ମନ୍ନାରାଗ ଭୈରବ ଉପରେ ଆଧାରିତ ଶିବ ଭଜନ ଗାଇ ବାତାବରଣକୁ ଅଧିକ ମନୋରମ କରିଥିଲେ। ଶିକ୍ଷକ ଦେବବ୍ରତ ପାଣିଗ୍ରାହୀ ସୁନିୟୋଜିତ ଭାବେ କାର୍ଯ୍ୟକ୍ରମର ପରିଚାଳନା କରି ଧନ୍ୟବାଦ ଜ୍ଞାପନ କରିଥିଲେ।

## ● ରାଣା ପ୍ରତାପ ସ୍କୁଲ



ବରଗଡ଼ ରାଣା ପ୍ରତାପ ସ୍କୁଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଡ.ଡୋଳାମଣି ଶତପଥୀ, କପିଲ ବାଗ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ସିଆରସିସି ପାର୍ବତୀ ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ନିଳୀମା ପ୍ରଧାନ, ଗୀତା ଜାଲ, ବବିତା ନାଏକ, ଦୀପିକା କୁଲୁ, ନନ୍ଦିତା ସାହୁ, ସୁନୀତା ମିଶ୍ର ତପସ୍ୱିନୀ ତ୍ରିପାଠୀ, ଜ୍ୟୋତି ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିଲେ।

## ● ପଦ୍ମପୁରରେ ଯୋଗ ଦିବସ

ପଦ୍ମପୁର: ପଦ୍ମପୁରର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗଦିବସ ପାଳନ କରାଯାଇଛି। ରାଜାଜୀ ଟାଉନ ହଲ ଠାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରି ଯୋଗ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସ୍ନେହା ଆରୁଗୁଲା ଉପସ୍ଥିତ ରହି ଯୋଗ ନିମନ୍ତେ ସମସ୍ତଙ୍କୁ ପ୍ରେରଣା ଦେଇଥିବା ବେଳେ ସମ୍ମାନିତ ଅତିଥି ଡ.ବାଞ୍ଛାନିଧି ପଣ୍ଡା ଆନ୍ତର୍ଜାତିକ ଯୋଗ ଦିବସର ମହତ୍ତ୍ୱ ଓ ସାରା ବିଶ୍ୱରେ ଭାରତର ବଢ଼ୁଥିବା ସମାନ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଯୋଗ ମହୋତ୍ସବ ସମିତି, ଓଡ଼ିଶାର ଜିଲ୍ଲା ସଂଯୋଜକ ମାର୍ତ୍ତଣ୍ଡଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରୀତେଶ ରଞ୍ଜନ ମେହେର ମଞ୍ଚ ସଞ୍ଚାଳନ କରିଥିବା ବେଳେ ନବପ୍ରଭାତ ଗୁରୁକୂଳ ଆଶ୍ରମର ବ୍ରହ୍ମଚାରିମାନେ ଯୋଗାଭ୍ୟାସ ଓ ପ୍ରାର୍ଥନା କରାଇଥିଲେ। କାର୍ଯ୍ୟକ୍ରମଟି ଉଭୟ ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ଓ ପଞ୍ଚାୟତ ସମିତି, ରାଜାବୋଡାସମ୍ବରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା।

## ● ଜନତା ହାଇସ୍କୁଲ

ଅମ୍ବାଭୋନା:ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ଜ୍ୟୋତିଶ୍ଚନ୍ଦ୍ର ପଧାନ ଓ ରଞ୍ଜିତ ସାହୁ ଶିକ୍ଷାର୍ଥୀମାନଙ୍କୁ ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର, ଅନୁଲୋମ ବିଲୋମ, କପାଳଭାତି, ଭ୍ରାମରୀ, ଭସ୍ତ୍ରିକା ଆଦି ଯୋଗାଭ୍ୟାସ କରାଇବା ସହିତ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଜୁନିଅର୍ ରେଡ୍‌କ୍ରସ କାଉନସିଲର ସଞ୍ଜୟ ଖମାରୀ ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିବା ସହିତ ସମସ୍ତେ ସୁସ୍ଥ ଜୀବନ ଶୈଳୀ ଆପଣାଇବା ପାଇଁ ମତପ୍ରକାଶ କରିଥିଲେ।ପ୍ରଧାନଶିକ୍ଷକ ଶ୍ରୀ ନାୟକ ସୁସ୍ଥତା ବଜାୟ ନିମନ୍ତେ ଯୋଗର ଆବଶ୍ୟକତା ବିଷୟରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ଈଶ୍ୱର ପଧାନ, ସୁବାସ ଚନ୍ଦ୍ର ଖମାରୀ, ଅମୂଲ୍ୟ ଭୋଇ, ପଦ୍ମଲୋଚନ ବିଶି, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ସରିତା ପଟେଲ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପଧାନ, ଅନୀତା ପଧାନଙ୍କ ସମେତ ଜୁନିଅର ରେଡ୍‌କ୍ରସର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ● ଝାରବନ୍ଧରେ ବ୍ଲକସ୍ତରୀୟ ଯୋଗ ଦିବସ



'କର ଯୋଗ, ରୁହ ନିରୋଗ' ଉକ୍ତିର ସାର୍ଥକତାକୁ ଅବଲମ୍ବନ କରି ଶନିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଝାରବନ୍ଧ ତରଫରୁ ଝାରବନ୍ଧ ହାଇସ୍କୁଲ ପେଣ୍ଡାଲ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ବରଗଡ଼ ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଏବିଇଓ ଦୟାନିଧି କୈବର୍ତ୍ତ, ଏଇଇ ଫକୀର ଚରଣ ପ୍ରଧାନ, ଏବିଇଓ ଦିବ୍ୟାକିଶୋର ପଣ୍ଡା, ପ୍ରଧାନଶିକ୍ଷକ ଦୟାନିଧି ସାହୁ ପ୍ରମୁଖ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଝାରବନ୍ଧର ଯୋଗ ପ୍ରଶିକ୍ଷକ ନିମାଇଁ ବାରିକ, ଡଭାର ଡାଳିମ୍ବ ପ୍ରଧାନ ଏବଂ ସାଥି ଅଙ୍କିତା ଭୋଇ ଏବଂ ବିକ୍ରମ ସିଦାର ଯୋଗ ଅଭ୍ୟାସ କରିବାର ପ୍ରଣାଳୀ, ନିୟମ ତଥା ଉପକାରିତା ବିଷୟରେ ବୁଝାଇଥିଲେ। ଶିବିରରେ ବ୍ଲକ କର୍ମଚାରୀ, ଅଙ୍ଗନବାଡି କର୍ମଚାରୀ, କଲେଜ ଏବଂ ହାଇସ୍କୁଲର ଛାତ୍ରଛାତ୍ରୀ ତଥା ଜନସାଧାରଣ ସାମିଲ ଥିଲେ। ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ଗୌରବ ବେହେରା ଏବଂ ସଞ୍ଜୟ ପ୍ରଧାନଙ୍କ ଦ୍ୱାରା ନୌଲି କ୍ରିୟା ଏବଂ ଜଳନେତି ଅଭ୍ୟାସ ପ୍ରଦର୍ଶନ ସମସ୍ତଙ୍କୁ ବେଶ ଆକର୍ଷିତ କରିଥିଲା।

## ● ଆଦାନୀ ଫାଉଣ୍ଡେସନ



ବିଶ୍ୱ ଯୋଗ ଦିବସ ଅବସରରେ ଆଦାନୀ ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନର କର୍ମଚାରୀ, ଆଦାନୀ ସିମେଣ୍ଟର କର୍ମଚାରୀ, ଶ୍ରଦ୍ଧାଶ୍ରୀ ଗ୍ରୁପର ମହିଳା, ସ୍ଥାନୀୟ ଯୁବକ, ଛାତ୍ରଛାତ୍ରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ସୁମିତ୍ ପଣ୍ଡା ଯୋଗ କରାଇଥିଲେ। ଡ.ନାୟକ ଯୋଗର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ରଞ୍ଜନ ଜେନା, ଗୌତମ ବିଶ୍ୱାଳ ଓ ମହେନ୍ଦ୍ର ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ। ପ୍ରଦୀପ୍ତ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆଦାନୀ ଫାଉଣ୍ଡେସନ ତରଫରୁ ସହାୟତା ଦିଆ ଯାଉଥିବା ବିଦ୍ୟାଳୟ ଗୁଡିକରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଯୋଗ ଅଭ୍ୟାସ କରାଯାଇଥିଲା।

## ● ଖୁଜେନ ବିଦ୍ୟାଳୟ

ରାଜବୋଡା ସମ୍ବର ବ୍ଲକ ଅନ୍ତର୍ଗତ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତାୟ ଯାଗ ଦିବସ ପାଳିତ ହୋଇଯାଇଛି। ସୁସ୍ଥ ଜୀବନ ପାଇଁ ଯୋଗର ଲାଭ ସମ୍ପର୍କରେ ପିଲାମାନେ ଜାଣିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହେଉଛି। ସକାଳୁ ବିଦ୍ୟାଳୟ ପରିସରରେ ସହକାରୀ ଶିକ୍ଷୟତ୍ରୀ ସାବିତ୍ରୀ ଧରୁଆଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ବରିହା ସାମିଲ ହୋଇ ସୁସ୍ଥ ରହିବା ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ବୁଝାଇ ଥିଲେ। ସେହିପରି ଆନ୍ତର୍ଜାତିକ ଯୋଗ ଦିବସରେ ପଦ୍ମପୁର ବଡବନ୍ଧ ଠାରେ ଏନ୍‌ଏସି ପକ୍ଷରୁ ଚାରା ରୋପଣ କରାଯାଇଥିଲା।ପଦ୍ମପୁର ଡିସିବି ବ୍ୟାଙ୍କ ଶାଖା ପ୍ରବନ୍ଧକ ଏମ ରାଜେଶ ଓ ସମସ୍ତ ବ୍ୟାଙ୍କ କର୍ମଚାରୀ ଯୋଗଦାନ କରିଥିଲେ। ବ୍ୟାଙ୍କ ପକ୍ଷରୁ ଥଣ୍ଡା ପାନୀୟ ଓ ସର୍ବତ ବଣ୍ଟନ କରାଯାଇ ଥିଲା।



## ● ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ




ବରଗଡ଼: ବିକାଶ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ହାୟର ଏଜୁକେସନାଲ ଇଷ୍ଟିଚ୍ୟୁସନ୍ସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ କ୍ୟାମ୍ପସର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ବିକାଶ ଉଚ୍ଚ ଶିକ୍ଷା କ୍ୟାମ୍ପସ ସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ରେ ଯୋଗରେ ଅଂଶ ଗ୍ରହଣ କରିଥିଲେ। 'ଆର୍ଟ ଅଫ୍ ଲିଭିଙ୍ଗ'ର ତାଲିମ୍ ପ୍ରାପ୍ତ ଯୋଗ ପ୍ରଶିକ୍ଷକ ନାରାୟଣ କନ୍ସଲ୍‌ଙ୍କ ତତ୍ତ୍ୱାବଧାନରେ 'ଯୋଗ' ଶିବିର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପଧାନ, ଡ. ବିକ୍ରମ କୁମାର ଦାସ, ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ର ବ୍ରତ ମିଶ୍ର, ଶ୍ରୀମତୀ ଦିପାଞ୍ଜଳୀ ପଟେଲ, ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ଡିନ୍‌ଆର୍‌ଏସ୍ ଭି କ୍ରିଷ୍ଣା, ଡ. ଶୁଭେନ୍ଦୁ ଶୁ ଶେଖର ମିଶ୍ର, ଡ.ଦିଲ୍ଲିପ ଖମାରୀ ଏବଂ ଉପାଧ୍ୟକ୍ଷ ଦୀପକ କୁମାର ନାୟକଙ୍କ ସମେତ ବିକାଶ ହାୟର ଏଜୁକେସନାଲ କ୍ୟାମ୍ପସର ଛାତ୍ରାବାସର ସମସ୍ତ ଅନ୍ତେବାସୀ ଯୋଗ ଦେଇଥିଲେ। ଶ୍ରୀ ରାଓ ସଫଳ ଯୋଗ ଦିବସ ପାଇଁ 'ଆର୍ଟ ଅଫ୍ ଲିଭିଙ୍ଗ' ବରଗଡ଼ ପରିବାର ଏବଂ ପ୍ରଶିକ୍ଷକ ନାରାୟଣ କମ୍ସୁଲ ଏବଂ ସାଥୀଙ୍କୁ ଧନ୍ୟବାଦ ଜଣାଇବା ସହିତ ସମସ୍ତ ଆୟୋଜକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ● ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ




ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଦୈନନ୍ଦିନ ଜୀବନରେ ଯୋଗର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ବରଗଡ଼ ଆର୍ଟ ଅଫ୍ ଲିଭିଙ୍ଗ୍ ଅନୁଷ୍ଠାନର ଯଦୁନାଥ ପଧାନ, କପିଳ ଅଗ୍ରୱାଲ, ଭୀଷ୍ମଦେବ ଖମାରୀ, ନିରୋଜ ଶର୍ମା, ସୁଶ୍ରୀ ପାୟଲ ଅଗ୍ରୱାଲ, ସୁଶ୍ରୀ ଖୁସ୍ବୁ ବର୍ମା, ରାଜେଶ ସିଂହ ପ୍ରମୁଖ ଯୋଗ ପ୍ରଶିକ୍ଷକ ତଥା ସାମାଜିକ କର୍ମୀ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ସହକର୍ମୀଙ୍କୁ ଯୋଗ, ଆସନ, ପ୍ରାଣାୟାମ ଶିଖାଇଥିଲେ। ଯୋଗାଭ୍ୟାସ ପରେ ବିଶ୍ୱ କଲ୍ୟାଣ ନିମିତ୍ତ ସମସ୍ତେ ଶାନ୍ତି ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ ପରିଚାଳନା କରିଥିବାବେଳେ ତାଙ୍କୁ ସହଯୋଗ କରିଥିଲେ କ୍ରୀଡା ଶିକ୍ଷକ ତନ୍ମୟ ସାହୁ।ଏହାଛଡା ଯୋଗ ଦିବସ ପାଳନ ଅବସରରେ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ, ବୃକ୍ଷରୋପଣ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ଦୁଶ୍ଚିନ୍ତା ଦୂରୀକରଣରେ ଯୋଗର ଆବଶ୍ୟକତା ବିଷୟ ଆଧାରିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଇତିହାସ ବିଭାଗର ସହକାରୀ ପ୍ରଫେସର ଡ.ପୁଷ୍ପିତାରାଣୀ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।



# ପୁସ୍ତକ ଓ ପତ୍ରିକା ପରିଚୟ

## ବାପାଙ୍କ ସହ ଶେଷ ଜହ୍ନରାତି

ବିପ୍ଳବ





ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୯ ଟଙ୍କା

ପ୍ରତିଟି ସନ୍ତାନଙ୍କ ପାଇଁ ବାପା ଜଣେ ମାର୍ଗଦର୍ଶକ, ଶୁଭଚିନ୍ତକ, ପ୍ରେରଣାଦାତା । ବାପାଙ୍କ ଉପସ୍ଥିତିରେ ଜହ୍ନରାତି ବି ଅଧିକ ଆକର୍ଷଣୀୟ ଲାଗିଥାଏ । ପୁଣି ସେ ନ ଥିଲେ ସବୁଠି ଖେଳି ଯାଏ ନିରବତା, କରୁଣର ସ୍ୱର । ଗାଳ୍ପିକ ବିପ୍ଳବଙ୍କ 'ବାପାଙ୍କ ସହ ଶେଷ ଜହ୍ନରାତି' ପୁସ୍ତକର ଗପଗୁଡ଼ିକ ଏହାର ଏକ ଏକ ଜ୍ୱଳନ୍ତ ଉଦାହରଣ । ଏହି ପୁସ୍ତକର ଅଧିକାଂଶ ଗପରେ ବାପାଙ୍କ ସହିତ ନିବିଡ଼ ସଂପର୍କର ଚିତ୍ର ପ୍ରତିଫଳିତ ହୋଇଛି । ବୁଢ଼ା ବୟସରେ ରୋଗୀଣା ବାପାଙ୍କୁ କୌଣସି ଔଷଧ ସୁସ୍ଥ କରି ପାରେନା, ବରଂ ଟିକିଏ ଭଲ ପାଇବା, ଦି' ପଦ କଥା, ଟିକେ ହସଖୁସି, ଆଉ କିଛି ସମୟର ଆବଶ୍ୟକତା ଥାଏ । ଏହା ପ୍ରମାଣିତ ହୋଇଛି 'ବାପା' ଗପରେ । ପୁଅର ଟିକିଏ ଆତ୍ମୀୟପୂର୍ଣ୍ଣ କଥାବାର୍ତ୍ତା କିଭଳି ଜଣେ ଅସୁସ୍ଥ ବୁଢ଼ା ବାପାକୁ ବିଛଣାରୁ ଉଠାଇ ଦେଉଛି, ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଏହି ଗପରେ । ଏହି ପୁସ୍ତକରେ ସଂକଳିତ 'ବାପା ନଥିବା ପୃଥିବୀ', 'ଶେଷ ମାଣବସା', 'ବିଜୟ ଉତ୍ସବ', 'ବାପାଙ୍କ ସହ ଶେଷ ଜହ୍ନରାତି', 'ଘାସଫୁଲ', 'ଅମଣିଷ', 'ପିତା ଓ ପୁତ୍ର', 'ବାପା', 'ମୁଖା', 'ଧୋବେଇ କୋରଟିଆ', 'ଭାଇଭାଗ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । କାହାଣୀରେ ନୂତନତ୍ୱ, ସରଳ ଭାଷା, କଥନୀୟ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ରେବତୀ

ସଂପାଦିକା : ସୁବାସିନୀ ଜେନା





ଓଟି ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ'ର ୨୦୨୫ ଜୁନ୍ ସଂଖ୍ୟାର ସାହିତ୍ୟଠାରୁ ରୋଷେଇଶାଳ ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମୁକ୍ତିକାମୀ ସାହିତ୍ୟର ମୁଖବନ୍ଧ'ରେ ଫକୀରମୋହନଙ୍କ କଥା ସାହିତ୍ୟ ସଂପର୍କରେ ଏକ ତଥ୍ୟଭିତ୍ତିକ ଉଚ୍ଚକୋଟୀର ଆଲୋଚନା ପ୍ରକାଶ ପାଇଛି । ସେହିପରି ସ୍ୱାଗତିକା ସେଠୀଙ୍କ 'ତନ୍ତର ତନୁମନ'ରେ ଓଡ଼ିଶା ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଉପରେ ମାର୍ମିକ ଉପସ୍ଥାପନା କରାଯାଇଛି । ସେଭଳି ସୁରଚିତା ବେହେରାଙ୍କ 'ଚିନାମାଟିର ଚମକ'ରେ ଉତ୍ତର ପ୍ରଦେଶର ଖୁର୍ଜା ସହରରେ ଚିନାମାଟିର ସାମଗ୍ରୀ ପ୍ରସ୍ତୁତି, ବ୍ୟବସାୟ ଆଦି ସଂପର୍କରେ ମନଛୁଆଁ ବର୍ଣ୍ଣନା କରାଯାଇଛି । ସେହିପରି ସବିତା ବାରିକଙ୍କ 'କରୋନା କବିତା କାରୁଣ୍ୟର ଗାଥା', ଐତିହାସିକ ସତ୍ୟବାଦୀ ବଳିଆସିଂହଙ୍କ 'ମଣିନାଗଙ୍କ ମହିମା', ଲଳିତ ମୋହନ ମିଶ୍ରଙ୍କ 'ମହେନ୍ଦ୍ରଗିରିର ମୋହ', ପାରମିତା ଷଡ଼ଙ୍ଗୀଙ୍କ 'ମଥାନର ମାୟା' ଆଦି ପ୍ରବନ୍ଧ ଓ ଫିଚରଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ବାସୁଦେବ ସୁନାନୀ,ରତ୍ନାକର ରାଉତ, ମୋହିତ ଚକ୍ରବର୍ତ୍ତୀ, ପ୍ରଭାତ ନଳିନୀ ମହାପାତ୍ର, ଡକ୍ଟର ସିନ୍ଧୁ ସେନ୍, ଲିପିକା ଦାସ ପ୍ରମୁଖଙ୍କ କବିତାରେ ଜୀବନ, ଦର୍ଶନ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବିଜୟ ନାୟକ, ବିରଜା ରାଉତରାୟ, ସିଗ୍ମା ନାୟକଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ରେବତୀ'ର ନିୟମିତ ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ସୁଖପାଠ୍ୟ ହୋଇଛି । 'ରେବତୀ'ର ଜୁନ୍ ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

## ପଲ୍ଲୀପୁଷ୍ପ

ସଂପାଦକ : ସତ୍ୟବ୍ରତ ସାହୁ




ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ
ପଲ୍ଲାସାହି, ଯାଜପୁର- ୭୫୫୦୩୬
ମୂଲ୍ୟ: ୧୦୦ ଟଙ୍କା

ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ ତୃତୀୟ ବାର୍ଷିକ ମୁଖପତ୍ର ୨୦୨୫ 'ପଲ୍ଲୀପୁଷ୍ପ' ଆମର ହସ୍ତଗତ ହୋଇଛି । ଓଡ଼ିଶାର ଅନେକ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା,ଗପ, ପ୍ରବନ୍ଧ ଆଲୋଚନା, ଅନୁବାଦ, ଏକାଙ୍କିକା ଆଦିରେ ଏହି ପତ୍ରିକାଟି ସମୃଦ୍ଧଶାଳୀ ହୋଇଛି । କବିତା ବିଭାଗରେ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ଶ୍ରୀହରି ଧଳ, ଡକ୍ଟର ସତ୍ୟ ନାୟକ, ଡକ୍ଟର ସୁମନ କଲ୍ୟାଣ ବେହେରା, ଡ. କଳ୍ପନା ମଞ୍ଜରୀ ବେଉରିଆ, ହେମନ୍ତ ନାୟକ, ବନ୍ଦନା ସାହୁ ପ୍ରମୁଖଙ୍କ କବିତାରେ ମାନବୀୟ ଭାବାବେଗ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ଅଧ୍ୟାପକ ଅଶୋକ କୁମାର ନାୟକଙ୍କ 'ଫକୀରମୋହନ ସାହିତ୍ୟରେ ବ୍ୟଞ୍ଜନା', ଡକ୍ଟର କବିତା ମହାନ୍ତିଙ୍କ 'ଭାରତର ଆଲୋକ ସ୍ୱାମୀ ବିବେକାନନ୍ଦ', ମଧୁସୂଦନ ମହାପାତ୍ରଙ୍କ 'ଯାଜପୁରର ଯୁଗାନ୍ତକାରୀ ନାରୀକବି 'ରେବା ରାଏ', ଡକ୍ଟର ରଶ୍ମିତା ତ୍ରିପାଠୀଙ୍କ 'ଜାତୀୟତାର ବାର୍ତ୍ତାବହ ଗୋପବନ୍ଧୁ ଦାସ' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଗବେଷଣାଧର୍ମୀ ହୋଇଛି । ସେଭଳି ରାମଚନ୍ଦ୍ର ଦାଶଙ୍କ 'ଭୋକର ପୃଥିବୀ',ସ୍ନେହଲତା ଧୀରଙ୍କ 'ପାହାନ୍ତି ସ୍ୱପ୍ନ', ଭାଗିରଥୀ ପାଣିଗ୍ରାହୀଙ୍କ 'ପୁଅ ପାଇଥିଲି ଦିଅଁକୁ ପୂଜି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ଗୀତି କବିତା, ଶିଶୁ କବିତା, ଏକାଙ୍କିକା, ଅନୁବାଦ ଆଦି ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ପଲ୍ଲୀପୁଷ୍ପ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ପ୍ରାର୍ଥନା



ଛନ୍ଦା ମିଶ୍ର



ନୂଆବର୍ଷର ପ୍ରଥମ ଦିନରେ ଏପରି ଘଟଣାଟିଏ ଦେଖିବ ବୋଲି ବିଲ୍‌କୁଲ ବି ଭାବି ନଥିଲା ଅବନୀ । ସେ ଭାବିଥିଲା, ଆଉ ଯାହା ହେଉ କି ନହେଉ ଏଥର ନୂଆବର୍ଷରୁ ସେ ନିଜ ଶରୀରର ଠିକ୍ ଭାବେ ଯତ୍ନ ନେବ, ନହେଲେ ଯେମିତି ତା'ର ସାଙ୍ଗ ଦୁଇ ଜଣଙ୍କୁ ଡାଇବେଟିସ୍ ହେଲାଣି ନା... । ହେଲେ ଭୋର୍‌ରେ ମର୍ଣ୍ଣିଂ ୱାକ୍ ସମୟରେ ଏ ଅଭାବନୀୟ ଦୃଶ୍ୟଟି, ହୃଦୟକୁ ତା'ର କୋରି ପକାଇଲା । ମନ ତା'ର ବିକଳ ହୋଇ ଉଠିଲା । ଏଡେ ସୁନ୍ଦର କଅଁଳିଆ ଶିଶୁଟିକୁ କିଏ ଏତେ ନିଷ୍ଠୁର ଯେ, ଏମିତି କପଡ଼ା ଗୁଡ଼େଇ ରାସ୍ତା କଡ଼ ଆମ୍ବ ଗଛ ତଳେ ଛାଡ଼ି ଦେଇ ଯାଇଛି !

କଳା ମଚମଚ ଗୋଛାଏ ବାଳ ମୁଣ୍ଡରେ, ଗୋରା ତକତକ ଚେହେରା, ନିଦରେ ଶୋଇ ବି ଶିଶୁଟି ଗୋଲାପି ଓଠରେ ମୁରୁକି ମୁରୁକି ହସି ଦେଉଥିଲା । ଅବନୀ ଦେଖିବା ପୂର୍ବରୁ ଆଉ ଚାରି ପାଞ୍ଚ ଜଣ ସେଠାରେ ପହଞ୍ଚି ଯାଇଥିଲେ । ଗଛ ଉପରେ ଥାଇ ଆଠ ଦଶଟି ମାଙ୍କଡ଼ ବି ଚାହିଁ ରହିଥିଲେ ତଳକୁ । ଭାଗ୍ୟକୁ ବୁଲା କୁକୁରଙ୍କ ଆଖିରେ ପଡ଼ିନି, ନହେଲେ... । ଓଃ ଆଉ ଆଗକୁ ଭାବି ପାରୁନଥିଲା ଅବନୀ । ଲୋକେ ବି ସେଇ କଥା କହୁଥିଲେ, "କୁକୁର ଝୁଣି ଖାଇ ଯାଇଥାନ୍ତେ ଛୁଆଟିକୁ, କେମିତି ହେଇଥିବ ସେ ମାଆଟି କେଜାଣି, ନିଜ ଗର୍ଭରୁ ଜନ୍ମ ଦେଇ କେହି କ'ଣ ଏମିତି ଫୋପାଡ଼ି ଦେଇ ପାରେ !"

ଧୀରେ ଧୀରେ ଭିଡ଼ ବଢୁଥିଲା । କିଏ କହୁଥିଲା, "କାହାର ପାପର ଫଳ ହେଇଥିବ... ଆଉ କିଏ କହୁଥିଲା, ବୋଧେ ପୁଅ ଭାବିଥିଲା, ଝିଅ ଜନ୍ମ ହେଲା, ତେଣୁ... ।" ତେବେ ସମସ୍ତେ କଳିକାଳକୁ ଦୋଷ ଦେଉଥିଲେ, ସତେ ଯେମିତି ଆଗରୁ କେବେ ଏମିତି ହୋଇ ନଥିଲା, ଏଇ ପ୍ରଥମ କରି ଏପରି ଘଟଣା ଘଟିଛି! କେହି କିନ୍ତୁ ଛୁଆଟିକୁ ଛୁଉଁ ନଥିଲେ । କି ଜାତି ନେଇ କି ଜାତି ହେଇଥିବ, କହି । ଅବନୀ ଭାବୁଥିଲା, ଯଦି ସମ୍ଭବ ହେଇଥାନ୍ତା, ତେବେ ସେ ନିଶ୍ଚୟ ଛୁଆଟିକୁ କୋଳେଇ ନେଇଥାନ୍ତା । କିନ୍ତୁ ସେ ତ ନିଜେ ଅବିବାହିତ, ବେକାର...ନିଜ ରକ୍ଷଣ ଯେଉଁଠି ଅସମ୍ଭବ... । ଜଣେ ସ୍ଥାନୀୟ ପୋଲିସ୍‌କୁ ଫୋନ୍ କରିଥିଲେ ।

"ପୋଲିସ୍ ଆସି କ'ଣ କରିବ କରୁ, କାଇଁ କାଦୁଅକୁ ଯିବା ଗୋଡ଼ ଧୋଇବା ।" ମନ୍ତବ୍ୟ ଦେଇଥିଲେ, ସବ୍‌ଜାନତା ପରି ଅଣ୍ଟାରେ ହାତ ଦେଇ ଛିଡ଼ା ହୋଇଥିବା ବୃଦ୍ଧ ଜଣେ ।

ଏଇ ସମୟରେ ଘଟିଗଲା ଆଉ ଗୋଟିଏ ଅଘଟଣ । ମା' ମାଙ୍କଡ଼ଟିଏ ଗଛ ଉପରୁ ନିଜ ଛୁଆ ସହିତ ପାଖ ଗଛକୁ ଡେଇଁଲା ବେଳକୁ ତାକୁ ଜାବୁଡ଼ି ଧରିଥିବା ଛୁଆଟି ଖସି ପଡ଼ିଥିଲା ତଳକୁ । ଆଉ ଠିକ୍ ଏଇ ସମୟରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌ଟିଏ ତାକୁ ଧକ୍କା ଦେଇ ଚାଲିଗଲା । ଛୁଆଟି ସେଇଠି କୁଁ କୁଁ ହୋଇ ପ୍ରାଣ ତ୍ୟାଗୀ ଦେଲା ପରି ମନେ ହେଲା । ଲୋକମାନେ ଆହାଃ ଚୁ ଚୁ କରୁଥିଲେ ବି ମାଙ୍କଡ଼ ପଲ ଗଛ ଉପରେ ଥିବାରୁ ଛୁଆଟି ପାଖକୁ ଆସିବାକୁ କେହି ସାହସ କଲେ ନାହିଁ । କିନ୍ତୁ ଦୁଇଟି ବୁଲା କୁକୁର ନୂଆ ବର୍ଷରେ ଭଲ ଆହାରଟିଏ ମିଳିଲା ଭାବି ତାକୁ ଟାଣି ନେବାକୁ ଧାଇଁ ଆସିଲେ ।

ହେଲେ ମାଆ, ଯେତେ ଯା' ହେଲେ ମାଆ ନା...

ଦୁର୍ବଳିଆ ମାଆ ମାଙ୍କଡ଼ଟି ଖିଁ ଖିଁ କରି ଖିଙ୍କାରି ହୋଇ ଦୌଡ଼ି ଆସିଲା, ଆଉ ବୁଲା କୁକୁରମାନେ ନେବା ପୂର୍ବରୁ ମଲା ଛୁଆଟିକୁ ନିଜ ଛାତିରେ ଜାକି ଚଢ଼ିଗଲା ଗଛ ଉପରକୁ । ଛୁଆଟିର ମୁହଁକୁ ବିକଳ ହୋଇ ଆଉଁସି ପକାଇଲା । ବାରମ୍ବାର ତା' ମୁହଁକୁ ଏପଟ ସେପଟ କରି ଦେଖୁଥିଲା । ସେଠାରୁ ଆଖି ଫେରେଇ ଆଣିଲା ଅବନୀ । ପେଟ ଭିତରଟା ତା'ର ଘାଣ୍ଟି ହେଇଗଲା ।

ଏବେ ସମସ୍ତଙ୍କ ଧ୍ୟାନ ପୁଣି ଫେରି ଆସିଲା ମଣିଷ ଶିଶୁ ନିକଟକୁ । ପୋଲିସ୍ ଆସି ସାରିଥିଲା । କ'ଣ କ'ଣ ଲେଖା ପଢ଼ା କରି ଦୁଇ ଚାରି ଜଣଙ୍କ ଦସ୍ତଖତ ନେଇ ଛୁଆଟିକୁ ନେଇ ପୋଲିସ୍ ଗାଡ଼ି ଚାଲିଗଲା । ପୋଲିସ୍ ନେଲା ବେଳେ ଜଣାପଡ଼ିଲା, ଶିଶୁଟି ପୁଅ ବୋଲି । ତାହେଲେ ନିଶ୍ଚେ ଅବୈଧ ହେଇଥିବ ବୋଲି ସବ୍‌ଜାନତା ଜଣକ ନିଜ ମତ ଦେଇ, "ଦେଖୁଛ ମୁଁ କେତେ କଥା ଜାଣିଛି!" ଏଇ ଭଙ୍ଗୀରେ ସମସ୍ତଙ୍କ ଉପରେ ନିଜର ଆଖି ବୁଲେଇ ଆଣିଲେ । ଭିଡ଼ ଭାଙ୍ଗିଲା ।

ଉଦାସ ମନ ନେଇ, ଆଉ ଆଜି ଚାଲିବାକୁ ଯିବନି ଭାବି, ଅବନୀ ଫେରିଲା ତା' ମେସ୍‌କୁ । ନୂଆବର୍ଷରେ ଚାଲିବା ନହେଲା ନାହିଁ, ଆଜି ଟିକେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବ ଭାବି ଗାଧୋଇ ସାରି ମନ୍ଦିରରେ ପହଞ୍ଚିଲା । ଭାବିଥିଲା, ତା'ର ଚାକିରି ଓ ଆର୍ଥିକ ଅନାଟନ ବିଷୟରେ କହି ଠାକୁରଙ୍କୁ କିଛି ମାଗୁଣି କରିବ । ହେଲେ ଠାକୁରଙ୍କ ଆଖିରେ ତା' ଆଖି ମିଶିଗଲା ଯେମିତି, ଆଖିରେ ତା'ର ଲୁହ ଭରି ଗଲା । ଆଖି ଆଗରେ ନାଚି ଉଠିଲା ମଲା ଛୁଆକୁ ଧରି ବିକଳ ହେଉଥିବା ମା' ମାଙ୍କଡ଼ର ମୁହଁଟି, ମନେ ପଡ଼ିଗଲା, କପଡ଼ାରେ ଗୁଡ଼େଇ ହୋଇ ଶୋଇଥିବା ନିଷ୍ପାପ ମଣିଷ ଶିଶୁଟି । ଥାକ ଥାକ କରି ରଖିଥିବା ନିଜର ସବୁ ଅଳି ଅର୍ଦ୍ଦଳିକୁ ପାଶୋରି ଦେଇ ତା' ହୃଦୟ ବ୍ୟାକୁଳ ହୋଇ କହି ଉଠିଲା, ଠାକୁରେ, ପୁନର୍ବାର ଯଦି ଜନ୍ମ ଦେବ, ତେବେ ମତେ ମଣିଷପଣିଆ ଥିବା ମାଙ୍କଡ଼ଟିଏ ପଛେ କରିବ, ହୃଦୟହୀନ ମଣିଷଟିଏ ନୁହେଁ... । ■

ମୋ: ୯୪୩୭୪୫୩୬୧୦

# ପୂର୍ବପୁରୁଷ

ଭଗବାନ ଜୟସିଂହ



ସେମାନେ ଆଉ ନାହାଁନ୍ତି । ଏକ ଏକ
ହୋଇ ଚାଲିଗଲେଣି କେଉଁକାଳୁ ।
ସେମାନଙ୍କ
ଫେରିବା ରାସ୍ତାର ଆଲୁଅ ଲିଭିଗଲାଣି
ଯିବା ପରେ ପରେ ।

ସେମାନଙ୍କୁ ଭୁଲିଯିବାର ମୁରୁଜ
ଲିପି ହେଇଗଲାଣି ଆକାଶ ସାରା
ସେମାନଙ୍କ ପୂରାପୂରି ଶୁଖି ଯାଇଥିବା କ୍ଷତରେ
କ୍ଷୟ ହୋଇଗଲାଣି ରାତି
ଚନ୍ଦ୍ରର ପାଦ ଛନ୍ଦି ହୋଇଗଲାଣି
ଛନ୍ଦହୀନ ପବନ ଫାଶରେ ।

ଯେଉଁମାନେ ଗଲେଣି ମାନେ
ଗଲେଣି, ଭୟରେ ହେଉକି ଭ୍ରାନ୍ତିରେ
ସେମାନଙ୍କର ଆଉ ଫେରିବାର ନାହିଁ
ଆଉ ଲେଉଟିବାର ନାହଁ ନଦୀଙ୍କର
ସମୁଦ୍ର ଆଁ-ରୁ ।

ସେମାନେ ଏବେ କେଉଁଠି କେଜାଣି
ହସହୀନ ପୃଥିବୀର
ଏପାଖେ ନା ସେପାଖେ
ନା ନୀରବି ଯାଇଥିବା ବୀଭତ୍ସ ଝଡ଼ରେ
ଯଦିଓ ସେମାନଙ୍କ ଚାଲିଯିବାର ଚିତ୍ର
ଲିଭି ଯାଇଛି ଅସ୍ତାଚଳରୁ ।

ଆଜି ସେମାନେ ନାହାନ୍ତି
ତଥାପି ସେମାନଙ୍କୁ ନିଘା କରି ପାଣି
ଫାଟିଗଲାଣି ରକ୍ତ
ରକ୍ତର ପ୍ରତିଟି କୋଷରେ ଜମାଟ
ବାନ୍ଧି ଗଲାଣି ମେଘ
ଏବେ କିନ୍ତୁ ସୂର୍ଯ୍ୟ ଉଇଁବାର ନାହିଁ ।

ଆଜି ଏତେ ବର୍ଷ ପରେ
ଆଉ ଖୋଜନା ସେମାନଙ୍କୁ
ସେମାନେ କେବେଠୁଁ ମିଳେଇ ଗଲେଣି ପବନରେ
ଫିକା ଅନ୍ଧାରରେ ଫିକା ଦିଶିଲାଣି ଫଟୋଫ୍ରେମ
ଆଜି, ଏତେ ବେଶୀ ଆଲୁଅରେ
ମତେ ଆଉ ଡାକନା ଥରକୁ ଥର

ମୋର ଏବେ ଯିବାର ନାହିଁ । ■

ସେଣ୍ଟ୍ରାଲ ସ୍କୁଲ ରୋଡ୍
ତାଳବଣିଆ
ପୁରୀ, ୭୫୨୦୦୨
ମୋ: ୯୫୫୬୭୭୨୩୩୦୦

# ଉତ୍ସବ

ଗଜାନନ ମିଶ୍ର



କୋଉଥିପାଇଁ?
କୋଉଥିପାଇଁ ଉତ୍ସବ?

ମାଆଠୁ ଦୂରରେ,
ମାଆଙ୍କ ଭାଷାକୁ ଅନାଦର,
ମାତୃଭୂମି ଖଣ୍ଡିତ, କ୍ଷତାକ୍ତ,
ଲୁଣ୍ଠିତ, ଅବହେଳିତ
ଆଉ ଆମେ ପରଧନରେ
ମନାଉଛେ ଖୁସି ଆଉ
ଆନନ୍ଦ, ମଦନମସ୍ତ!

କିଏ ଏ ରାଜ୍ୟର ମାଲିକ?
କିଆଁ ପାଟି ବନ୍ଦ ଏମାନଙ୍କର?
ଭୃତ୍ୟର ଭୟାନକ ଷଡ଼ଯନ୍ତ୍ର!
ଚାଲିଛି ହରିଲୁଟ ପ୍ରତିମୁହୂର୍ତ୍ତ ।

ମାଟିକୁ ମାଟିରେ ମାପି
ଆକାଶରେ ଖଞ୍ଜିବା
ଆମର ଭାଗ୍ୟ ।
ଆକାଶରେ ଆକାଶରେ
ପବନ ହେବା ଲେଖା ।


ଓଜନିଆ ଆଉ ହାଲୁକା
ପବନ ଆଉ ପାଣି
ବସିଲାବେଳେ ନିଆଁ ସହ
ମିତ୍ର ଦେଖି ପରଖି ସମୟକୁ
ଚିହ୍ନି ହୁଏ କିଏ କାହାର! ■

ତପୋବନ, ଟିଟିଲାଗଡ଼-୭୬୭୦୩୩



# ଓଡ଼ିଶାରେ ନାଥ ସାହିତ୍ୟର ପରମ୍ପରା

ଡକ୍ଟର ସତ୍ୟଜିତ ଦାସ



ଅନେକ ଧର୍ମାବଲମ୍ବୀ ଓଡ଼ିଶାରେ ସୃଷ୍ଟି ହୋଇ ସର୍ବଧର୍ମର ସମନ୍ୱୟର ବାର୍ତ୍ତା ଦେଇଛନ୍ତି । ଓଡ଼ିଶାରେ ନାଥଧର୍ମ ଅତିପ୍ରାଚୀନ । ଅନୁସନ୍ଧାନରୁ ଜଣାଯାଏ, ଦ୍ୱାଦଶ ଶତାବ୍ଦୀରୁ ନାଥଧର୍ମର ବିକାଶ ଘଟିଛି । ୮୪ ସିଦ୍ଧାଚାର୍ଯ୍ୟଙ୍କର ବିବରଣୀ ଅତି ପ୍ରାଚୀନ ଓଡ଼ିଆ ଗ୍ରନ୍ଥଗୁଡ଼ିକରେ ନାଥ ଧର୍ମର ଉଲ୍ଲେଖ ରହିଛି । ନାଥ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ 'ନ'-କାର ଦ୍ୱାରା ପରମ ତତ୍ତ୍ୱଙ୍କର ଅନାଦି ରୂପ ଓ 'ଥ'-କାର ଦ୍ୱାରା ତ୍ରିଭୁବନର ସ୍ଥିତିର ସୂଚନା ଦେଇଥାଏ । ସେହିପରି ଅନ୍ୟ ଏକ ଅର୍ଥ 'ନା' ଅର୍ଥ ନାଥବ୍ରହ୍ମ (ଯିଏ ମୋକ୍ଷଦାୟକ) 'ଥ' ଅର୍ଥ ଯିଏ ଅଜ୍ଞାନକୁ ଦୂର କରେ । ନାଥ ଧର୍ମ ସାଧାରଣତଃ ଏକ ଯୋଗଭିତ୍ତିକ ଧର୍ମ । ଏହାର ପ୍ରବର୍ତ୍ତକ ଓ ମୁଖ୍ୟ ପ୍ରଚାରକଗଣ 'ନାଥ' ଉପାଧି ବା ସଂଜ୍ଞା ଗ୍ରହଣ କରିଥାନ୍ତି । ନାଥ ଶବ୍ଦ ହେଉଛି ଗୋରେଖପନ୍ଥୀ ଯୋଗୀମାନଙ୍କର ଏକ ଉପାଧି ଏବଂ ଓଡ଼ିଶାରେ ନାଥ ଶବ୍ଦଟି ସାଧାରଣତଃ ଯୋଗୀ ବା ଯୋଗୀ ଜାତିକୁ ବୁଝାଇଥାଏ ।

ନାଥ ଧର୍ମର ପ୍ରାଚୀନତା ସମ୍ପର୍କରେ ଅନେକ ମତ ଦେଖିବାକୁ ମିଳିଥାଏ । ବୈଦିକ ସମୟରୁ ଏହି ଧର୍ମ ପ୍ରଚଳିତ ଥିଲା ଏବଂ କାଳକ୍ରମେ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ସଂସ୍ପର୍ଶରେ ଆସି ଏହାର ନୀତି ନିୟମ ସାଧନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି । ମେଘାସ୍ଥିନିସ୍‌ଙ୍କ ଭ୍ରମଣ ବୃତ୍ତାନ୍ତରେ ନାଥ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ ରହିଛି । ବୈଦିକ ଯୁଗରେ ନାଥମାନେ 'ବ୍ରାତ୍ୟ' ନାମରେ ଅଭିହିତ ହେଉଥିଲେ ପରବର୍ତ୍ତୀ ସମୟରେ ନାଥ ଓ ଯୋଗୀ ପ୍ରଭୃତି ନାମରେ ପରିଚିତ ହେଲେ । ଏହି ଧର୍ମ, ବ୍ରାତ୍ୟଭୂମି ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ଆଦି ସ୍ଥାନରେ ଲୋକପ୍ରିୟ ହୋଇଥିଲା । ଅଥର୍ବ ବେଦର ବ୍ରାତ୍ୟ କାଣ୍ଡରେ ନାଥ ଯୋଗୀ ପ୍ରସଙ୍ଗ ବର୍ଣ୍ଣିତ ରହିଛି । 'ମନୁସ୍ମୃତି'ରେ ବ୍ରାହ୍ମଣ ବଟୁର ଷୋଳବର୍ଷ ମଧ୍ୟରେ ଉପନୟନ ସଂସ୍କାର ନ ହେଲେ ବ୍ରାତ୍ୟ ନାମରେ ଅଭିହିତ ହୋଇଥାନ୍ତି । ବୈଦିକ ଯୁଗରେ ଏଇ ବ୍ରାତ୍ୟ ଶୈବମାନେ ପୁରାଣରେ ନାଥ ଓ ଉପନିଷରେ ଯୋଗୀ ନାମରେ ପରିଚିତ ହେଲେ । 'ବ୍ରହ୍ମ ବୈବର୍ତ୍ତ ପୁରାଣ'ରେ ମହାଦେବଙ୍କ କ୍ରୋଧାଗ୍ନିରୁ ଏକାଦଶ ରୁଦ୍ର ଓ ତାଙ୍କ ପତ୍ନୀମାନଙ୍କର ଜନ୍ମ ହୋଇଥିଲା । ସେମାନଙ୍କଠାରୁ ଶିବ ପାର୍ଷଦଙ୍କ ଜନ୍ମ । 'ସ୍କନ୍ଦ ପୁରାଣ', 'ବ୍ରହ୍ମାଣ୍ଡ ପୁରାଣ', 'ଶିବ ପୁରାଣ', 'ନାରଦ ପରିବ୍ରାଜକ' ଉପନିଷଦରେ ଗୋରକ୍ଷନାଥ ପ୍ରଭୃତି ନାଥ ଧର୍ମ ଆଚାର୍ଯ୍ୟଙ୍କ ନାମ ଉଲ୍ଲେଖ ରହିଅଛି । ପୁରାଣ ଓ ଉପନିଷଦ ସମୟରୁ ଏମାନେ ଯୋଗୀ ଭାବେ ଖ୍ୟାତ ଥିଲେ । ନାଥପନ୍ଥୀମାନଙ୍କର ଆରାଧ୍ୟ ଦେବ ହେଉଛନ୍ତି ଆଦିନାଥ ଶିବ । ସୁତରାଂ ଶୈବ ଧର୍ମର ଏକ ଶାଖା ରୂପେ ନାଥଧର୍ମକୁ ଗ୍ରହଣ କରାଯାଇଥାଏ । 'ଗୋରେଖ ସଂହିତା' ଅନୁସାରେ ଗୋରେଖନାଥ ହେଉଛନ୍ତି ନାଥଧର୍ମର ପ୍ରବର୍ତ୍ତକ ଏବଂ ଯୋଗୀ ଜାତି ତାଙ୍କଠାରୁ ସୃଷ୍ଟି ହୋଇଛି । ଭଗବାନଙ୍କର ଏକାଦଶ ଅବତାର ମଧ୍ୟରେ ମହାଯୋଗୀ ଅବତାର ପ୍ରଧାନ । ବିନ୍ଦୁନାଥ, ମୀନନାଥ, ଗୋରେଖନାଥ, ଛାୟାନାଥ, ସତ୍ୟନାଥ ପ୍ରଭୃତି ନାଥ ମତବାଦର ବିଶିଷ୍ଟ ମହାତ୍ମାଗଣ ମହାଯୋଗୀଙ୍କଠାରୁ ଜନ୍ମ ଲାଭ କରିଥିଲେ । ସିଦ୍ଧାଚାର୍ଯ୍ୟ ମୀନନାଥ ଓ ଗୋରେଖନାଥଙ୍କ ଦ୍ୱାରା ଖ୍ରୀ ୧୦ମ-୧୧ମ ଶତାବ୍ଦୀରେ ସମଗ୍ର ଭାରତରେ ନାଥ ଧର୍ମକୁ ଲୋକପ୍ରିୟ ଧର୍ମରେ ପରିଣତ କରିଥିଲେ । କେବଳ ଭାରତ ବର୍ଷରେ ନୁହେଁ, ବେଲୁଚିସ୍ତାନ, ନେପାଳ, ତିବ୍ବତ ଆଦି ଦେଶଗୁଡ଼ିକରେ ଏହି ଧର୍ମାବଲମ୍ବୀମାନେ ବସବାସ କରୁଥିଲେ ।

ଓଡ଼ିଶାର ନାଥ ଧର୍ମ ଇତିହାସରୁ ଜଣାଯାଏ ଗଙ୍ଗ ବଂଶ ରାଜା ଗଜପତି ଭାନୁଦେବଙ୍କ ପୁତ୍ର ଶୈଳେନ୍ଦ୍ର ଦେବ ଯୋଗ ସାଧନାରେ ସିଦ୍ଧିପ୍ରାପ୍ତ ହୋଇ ଶୈଳନାଥ ନାମରେ ପରିଚିତ ହେଲେ । ସେ ରାଜନଗରରେ ଏକ ମଠ ସ୍ଥାପନ କରିବା ସହିତ ଉମାକାନ୍ତେଶ୍ୱର ଓ ମତ୍ସ୍ୟେନ୍ଦ୍ରନାଥଙ୍କ ପଦ୍ମପାଣି ମୂର୍ତ୍ତି ସ୍ଥାପନ କରିଥିଲେ । ନାଥଧର୍ମର ବାରଟି ସମ୍ପ୍ରଦାୟ ମଧ୍ୟରୁ ସତ୍ୟନାଥୀ ଶାଖାର ପୀଠ ଭୁବନେଶ୍ୱର ଓ ପୁରୀଠାରେ ରହିଛି । ଓଡ଼ିଶାରେ ଥିବା ନାଥଧର୍ମ ପୀଠଗୁଡ଼ିକ ମଧ୍ୟରେ କପିଳାସ, ଆଳି, ମାଣତିରି, ଶିମୁଳିଆ, ତିର୍ତ୍ତୋଲର ଛପଡ଼ା ଗ୍ରାମର ଗୋରେଖ ଗାଦି, ଜଗତସିଂହପୁରର ହରିନାଥ ଗାଦି, କୁଳଣଗିରି (ରତ୍ନଗିରି ନିକଟରେ), କେୟାରବାଙ୍କ, କେନ୍ଦ୍ରାପଡ଼ାର ବିର୍ସ୍ୱତୀ, ଭୁବନେଶ୍ୱରର କପାଳି ମଠ, ପଦ୍ମପୁରର କାଳ ଭୈରବ ମଠ ଆଦି ଅନ୍ୟତମ । ନାଥପନ୍ଥୀ ଯୋଗୀମାନେ ଭିକ୍ଷାବୃତ୍ତି ସହିତ ବୈଦ୍ୟବୃତ୍ତି ମଧ୍ୟ କରିଥାନ୍ତି । ସବୁ ସମ୍ପ୍ରଦାୟର ନାଥ ଯୋଗୀମାନେ ଦୀକ୍ଷାଗ୍ରହଣ କରିଥାନ୍ତି । ଯେକୌଣସି ଜାତିର ଲୋକ ଦୀକ୍ଷା ଗ୍ରହଣ କରିପାରନ୍ତି । କର୍ଣ୍ଣରେ କୁଣ୍ଡଳ, ଶିଖା ଛେଦନ, ଦେହରେ ପାଉଁଶ ବୋଳି ନାଥ ଧର୍ମ ଗ୍ରହଣ କରିଥାନ୍ତି । ଅନେକ ଯୋଗୀ ଗୃହସ୍ଥାଶ୍ରମରେ ଜୀବନ ଧାରଣ କରିଥାନ୍ତି । ଗୃହସ୍ଥମାନଙ୍କର ଉପନୟନ, ବିବାହ ଓ ଅଶୌଚାଦି କର୍ମ ସାମବେଦ ମତରେ ପାଳିତ ହୋଇଥାଏ । ଏହି ଧର୍ମର ଉପାସ୍ୟ ନାଥ ସ୍ୱରୂପ ସଗୁଣ ଓ ନିର୍ଗୁଣତାର ଊର୍ଦ୍ଧ୍ୱରେ । ଯୋଗମାର୍ଗରେ ହିଁ ନାଥସ୍ୱରୂପଙ୍କର ଉପଲବ୍ଧି କରିହୁଏ । ନାଥପନ୍ଥୀ ଶୂନ୍ୟତତ୍ତ୍ୱ ବା ଶୂନ୍ୟ ସାଧନାକୁ ଗୁରୁତ୍ୱ ଦେବା ଫଳରେ ଯୋଗର ବିଭିନ୍ନ ସ୍ୱରୂପ ମଧ୍ୟରେ ହଠଯୋଗ ସହିତ ସପ୍ତାଙ୍ଗ, ଅଷ୍ଟାଙ୍ଗ ଯୋଗର ଗୁରୁତ୍ୱ ବଢ଼ିଲା । ଫଳରେ ଏହା ନାଥ ସାହିତ୍ୟର ପ୍ରମୁଖ ଅଂଶ ପାଲଟିଗଲା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଘଟ, ପରଚେ, ନିସ୍ୱତି ଯୋଗର ସାଧନା, କାୟାକଳ୍ପ ପ୍ରଭୃତି ଯୋଗତତ୍ତ୍ୱ ଏହି ଧର୍ମର ଆଧାର ପାଲଟିଗଲା । କବି ସଦାନନ୍ଦ ବ୍ରହ୍ମା 'ଲଳିତ ଲୋଚନା' କାବ୍ୟରେ ନାଥଯୋଗୀଙ୍କର କଠିନ ସାଧନାର ଚିତ୍ର ଦେଖିବାକୁ ମିଳିଥାଏ । ଏହି କଠୋର ସାଧନା ଦ୍ୱାରା ଚିତ୍ତ ସ୍ଥିର ହୁଏ ଓ ବୈରାଗ୍ୟଭାବ ଜାତ ହୋଇ ନାଥ ଯୋଗୀ କେନ୍ଦରାରେ ଝଙ୍କାର ତୋଳି ଗାଇଥାଏ:-

" ଭଜୁ କିନା ରାମ ନାମରେ ରାଜନ ଭଜୁ କିନା ରାମ ନାମ ।
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମ ॥
ସେହି କାଳ ଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ॥"

ନାଥ ଧର୍ମ ସଂପର୍କିତ ଅନେକ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ରହିଛି । 'ଶିଶୁ ବେଦ', 'ଅମରକୋଷ ଗୀତା', 'ଗୋରେକ୍ଷ ଗୀତା', 'ସପ୍ତାଙ୍ଗ ଯୋଗ','ଟୀକା ଗୋବିନ୍ଦ ଚନ୍ଦ୍ର', 'ରୁଦ୍ର ସୁଧାନିଧି' ପ୍ରଭୃତି ଗ୍ରନ୍ଥ ଅନ୍ୟତମ । ସେହିପରି ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଓ ଦ୍ୱାରିକା ଦାସଙ୍କ 'ପରଚେ ଗୀତା' ଗ୍ରନ୍ଥଗୁଡ଼ିକ ନାଥ ଧର୍ମ ଓ ଦର୍ଶନ ସମ୍ବଳିତ ।

ଓଡ଼ିଶାର ଧର୍ମ ଓ ସାହିତ୍ୟରେ ନାଥ ଧର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଧ୍ୟାପକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ନାଥ ଧର୍ମ ଉପରେ ଗବେଷଣା କରିଛନ୍ତି । ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ, ଡକ୍ଟର ବଂଶୀଧର ମହାନ୍ତି ପ୍ରମୁଖ ନାଥ ଧର୍ମ ବିଷୟରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସମାଜ ସଂସ୍କାର ଓ ସଦାଚାର ପ୍ରତିଷ୍ଠା ଉଦ୍ଦେଶ୍ୟରେ ନାଥ ଧର୍ମ ସୃଷ୍ଟି ହୋଇଥିଲା । ଆଜି ମଧ୍ୟ ଅଲାବୁ ପାତ୍ର ଓ କେନ୍ଦରାର ସ୍ୱରରେ ଗାଁ ଦାଣ୍ଡରେ ଏହି ଧର୍ମର ଜୟଗାନ ଦେଖିବାକୁ ମିଳେ । ■

ବେଗୁନିଆ ମହାବିଦ୍ୟାଳୟ
ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨

### ପରକୀୟା ପ୍ରୀତି ନେଲା ଜୀବନ

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା!

ଜଳେଶ୍ୱର ବ୍ଲକ୍, ୨୧।୬(ସମିସ): ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରିବା ଭଳି ଏକ ଘଟଣା ଜଳେଶ୍ୱର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗ୍ରାମରେ ଏହି ଅପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ରମାକାନ୍ତ ଘୋଷ (୩୮)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଡିପିପୁର ଗ୍ରାମର ମାନସ ଘୋଷଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁଯାୟୀ, ରମାକାନ୍ତ ୧୦ ବର୍ଷ ତଳେ ଭୋଗରାଇ ବ୍ଲକ୍ ଜୟରାମାପୁର ଗ୍ରାମର ଜାହ୍ନବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଅଗ୍ରୱାଲ ଛକ ନିକଟରେ ଏକ ଚା' ଦୋକାନ କରିଥିବା ବେଳେ ରମାକାନ୍ତ ରାଜ୍ୟ ବାହାରେ କାମ କରୁଥିଲେ। କିଛି ଦିନ ତଳେ ରମାକାନ୍ତ ଗାଁକୁ ଆସିଥିଲେ। ଏହି ସମୟରେ ମାନସଙ୍କ ସହ ଜାହ୍ନବୀଙ୍କର ଅତ୍ୟଧିକ ମିଳାମିଶା ଦେଖି ସେ ସନ୍ଦେହ କରିଥିଲେ। ଏ ସଂପର୍କରେ ସେ ଜାହ୍ନବୀଙ୍କୁ ପ୍ରଶ୍ନ କରିବା ସହ ବିରୋଧ ମଧ୍ୟ କରିଥିଲେ। ଏଥିରେ ରାଗିଯାଇ ରମାକାନ୍ତଙ୍କୁ ସବୁଦିନ ପାଇଁ ବାଟରୁ ହଟାଇଦେବାକୁ ଜାହ୍ନବୀ ଯୋଜନା କରିଥିଲେ। ଏଥିରେ ପ୍ରେମିକ ମାନସ ତାଙ୍କୁ ସହାୟତା କରିଥିଲା। ଗତକାଲି ବିଳମ୍ବିତ ରାତିରେ ଉଭୟ ମାନସଙ୍କୁ ହତ୍ୟା କରିବା ପରେ ତାହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ରମାକାନ୍ତଙ୍କ ବେକରେ ଲୁଗା ଦେଇ ତାଙ୍କୁ ଘର ଭିତରେ ଟାଙ୍ଗି ଦେଇଥିଲେ। ତେବେ କୌଣସି ସୂତ୍ରରୁ ସେମାନଙ୍କର ଏ ଷଡ଼ଯନ୍ତ୍ର ସଂପର୍କରେ ଗ୍ରାମବାସୀମାନେ ଜାଣିବା ପରେ ସକାଳୁ ଆଜି ଦୁହିଁଙ୍କୁ ଅଟକ ରଖିଥିଲେ। ଅଲଗା ଅଲଗା ପଚରାଉଚରା କରିବାରୁ ଦୁହିଁଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା ଏବଂ ଏ ସଂପର୍କରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ମାନସଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା।

# ମା' ଛେଉଣ୍ଡ ଦୁଇ ଶିଶୁଙ୍କୁ ନିର୍ଯାତନା

ଭୁବନେଶ୍ୱର,୨୧।୬(ସମିସ): ମା ଛେଉଣ୍ଡ ଦୁଇ ଶିଶୁଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ ଜେଜେମା ଏବଂ ବାପା। ଖାଇବାକୁ ନଦେବା ସହ କଥା କଥାରେ ମାଡ଼ ମାରୁଥିଲେ। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜିଜିପି କଲୋନୀରେ ଦେଖିବାକୁ ମିଳିଛି। ବୋହୂଙ୍କ ମୃତ୍ୟୁ ପରେ ଦୁଇ କୋମଳମତି ଶିଶୁଙ୍କୁ ଏଭଳି ନିର୍ଯାତନା ଦେଇଛନ୍ତି। ଏପରିକି ଜେଜେମା ଏବଂ ବାପା ମାଡ଼ ମାରି ଦୁଇ ଶିଶୁଙ୍କୁ ଅଚେତ କରି

**■ ଉଦ୍ଧାର କଲା ଚାଇଲ୍ଡ ଲାଇନ୍**
**■ ମା'ପୁଅଙ୍କୁ ଗିରଫ କଲା ପୁଲିସ**

ପକାଇଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ପୁଲିସ ଆସି ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଚାଇଲ୍ଡ ଲାଇନ୍ ସଦସ୍ୟମଙ୍କ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବାପା ଶରତ ପାତ୍ର ଏବଂ ଜୋସ୍ନାରାଣୀ ପାତ୍ରଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ସଂଗୀନ ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ମାସକ ତଳେ ଦୁଇ ଶିଶୁଙ୍କ ମା'ର ମୃତ୍ୟୁ ପରେ ସବୁ କଥା ବାପା ଏବଂ ଜେଜେମାଆ ବୁଝୁଥିଲେ। ହେଲେ ମା' ମରିବା ପରେ ସେମାନଙ୍କର ଆରମ୍ଭ ହୋଇଥିଲା ନିର୍ଯାତନା। ଖାଇବାକୁ ନଦେଇ କାମ କରିବାକୁ କୁହନ୍ତି। ସେମାନେ ମନା କଲେ ମାଡ଼ ମାରୁଥିଲେ। ପଡ଼ୋଶୀ ଲୋକ ଶିଶୁ କାନ୍ଦିବାର ଶୁଣୁଥିଲେ ମଧ୍ୟ ଆକଟ କରାଯାଉଥିବା ଭାବି କିଛି କୁହନ୍ତି ନାହିଁ। ଆଜି ସେମାନଙ୍କୁ ମାଡ଼ ମରାଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖି ଚାଇଲ୍ଡ ଲାଇନ୍ ଏବଂ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୁଇ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଦୁହେଁ ଭାଇ-ଭଉଣୀ ହୋଇଥିବା ବେଳେ ପିଲା ଦୁହିଁଙ୍କ ଦେହସାରା ଦେଖିବାକୁ ମିଳିଛି କ୍ଷତ ଦାଗ। ମାଆ ଚାଲିଗଲା ପରେ ନୃଶଂସ ଜେଜେମାଆ ଦୁହିଁଙ୍କୁ ଅକଥନୀୟ ନିର୍ଯାତନା ଦେଇ ଏଭଳି ଅବସ୍ଥା କରିଛନ୍ତି ବୋଲି ଶିଶୁ କହିଛନ୍ତି। ୫ ଦିନ ହେଲା ଖାଇବାକୁ ନଦେବା ସହ ନିସ୍ଥୁର ଭାବେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ହସ୍ପିଟାଲରେ ଚିକିତ୍ସା କରାଯାଇ ଚାଇଲ୍ଡ ଲାଇନ୍ ନିଜ ପାଖରେ ରଖିଛି।

ମାସେ ତଳେ ୨ ଶିଶୁଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମାନସିକ ସ୍ଥିତି ହରାଇ ବସିଥିଲେ। ଫଳରେ ଜେଜେମା କୁନି କୁନି ପିଲାଙ୍କୁ ମାଡ଼ ମାରିବା ସହ ଘରେ ବନ୍ଦ କରି ରଖିଥିଲେ। ଏପରିକି ୫ ଦିନରୁ ଅଧିକ ହେବ ଖାଇବାକୁ ଦେଇ ନଥିଲେ। ସ୍ଥାନୀୟ ଲୋକେ କହିଛନ୍ତି ଯେ ଭଉଣୀ ସମ୍ପତ୍ତି ପାଇଁ ଭାଇକୁ ନିଜ ଇଙ୍ଗିତରେ ନଚାଉଥିଲେ।

# ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଶିକ୍ଷକ ନିଲମ୍ବିତ

କପ୍ତିପଦା, ୨୧।୬(ସମିସ): କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ଶିକ୍ଷକ ଭବାନନ୍ଦ ନାଏକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଭବାନନ୍ଦ କପ୍ତିପଦା ବ୍ଲକ୍ ଅଧୀନ ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଖଣ୍ଡ ପୁଲିସ ଅଧିକାରୀ ଚିଠି ଲେଖି କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଫଳସ୍ୱରୂପ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ଗତ ୧୯ ତାରିଖରେ ଶିକ୍ଷକ ଶ୍ରୀ ନାଏକଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ କପ୍ତିପଦା ପୁଲିସ୍ ବିଭିନ୍ନ ପର୍ଯ୍ୟାୟରେ ୯ ଜଣଙ୍କୁ ଗିରଫ କରିଛି।

# କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ସହାୟତା

ଭୁବନେଶ୍ୱର, ୨୧।୬ (ସମିସ): ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶନିବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହଶହ ସଂଖ୍ୟାରେ ଆସିଥିବା ଓଡ଼ିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ୍ ଅଧୀନରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର। ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ଼ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫ୍‌ଙ୍କ ପାଇଁ ୪୧କୋଟି ୧୭ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡ଼ା, ଟୋପି, ମଶାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି। ଏସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

**■ ରେଳଷ୍ଟେସନରେ ଅଟକିଗଲା ଲିଫ୍ଟ**

# ଡେଇଁ ପଡିଲେ ଦିବ୍ୟାଙ୍ଗ



ଭଦ୍ରକ,୨୧।୬ (ସମିସ): ଅଧାରେ ଅଟକିଯିବାରୁ ଭିତରେ ଫସିଯିବା ଭୟରେ ଜଣେ ଦିବ୍ୟାଙ୍ଗ ଲିଫ୍ଟରୁ ଡେଇଁ ପଡ଼ି ଗୁରୁତର ହୋଇଛନ୍ତି। ଭଦ୍ରକ ରେଳଷ୍ଟେସନ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ସେ ହେଲେ, ଖଡ଼ଗପୁର ଅଞ୍ଚଳର ସୁକୁମାର ସିଂ। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ସୁକୁମାର ଟ୍ରେନ୍‌ରେ ଭିକ୍ଷାବୃତ୍ତି କରନ୍ତି। ଆଜି ସେ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ଲିଫ୍ଟରେ ଚଢ଼ିଥିଲେ। ମାତ୍ର ଲିଫ୍ଟଟି କିଛି ଉପରକୁ ଉଠିବା ପରେ ଅଟକି ଯାଇଥିଲା। ତେଣୁ ଲିଫ୍ଟରେ ଫସିଯିବା ଭୟରେ ସେ ରିପ୍ୟାରିଂ ଚାମ୍ବର୍ ଖୋଲି ଡେଇଁ ପଡ଼ିଥିଲେ। ରେଳବାଇ ତରଫରୁ ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଚଳନ୍ତା ବାଇକ୍‌ରେ ବ୍ୟବସାୟୀଙ୍କୁ ଗୁଳିମାଡ଼



ଭଦ୍ରକ,୨୧।୬(ସମିସ): ଭଦ୍ରକ ସହର ଚରମ୍ପା ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଳାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପାସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଦୁଇରାଉଣ୍ଡ ଗୁଳି ଫୁଟାଇଥିଲେ। ଫଳରେ ବାଇକ୍‌ରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆଜି ରଥଯାତ୍ରର ସ୍ୱତନ୍ତ୍ର ସମୀକ୍ଷା ବୈଠକ

ପୁରୀ,୨୧।୬(ସମିସ): ରବିବାର ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ। ଟାଉନ ହଲ୍ ପରିସରରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ବୈଠକରେ ମନ୍ତ୍ରୀ, ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଆସନ୍ତା ୨୭ ତାରିଖ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଏଥର କିଛି ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏଥର ଅଧିକ ଶ୍ରଦ୍ଧାଳୁ ସମାଗମ ହେବା ସମ୍ଭାବନା ଅଛି। ତେଣୁ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କ'ଣ ସବୁ ପ୍ରସ୍ତୁତି କରାଯାଇଛି ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ପୂର୍ବରୁ ଅନୁଷ୍ଠିତ ଦୁଇଟି ସମନ୍ୱୟ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଠିକଣା ସମୟକୁ ସବୁ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଅଧିକାରୀମାନେ କି ପ୍ରକାର ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ସବିଶେଷ ସୂଚନା ଦେବେ। କାହାର କ'ଣ କାମ ବାକି ରହିଯାଇଛି ଏବଂ ଅଧିକ କ'ଣ କଲେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

**■ ଶ୍ରୀମନ୍ଦିରରେ ଖଳି ଲାଗି ଏକାଦଶୀ**

# ଦାରୁଦିଅଁଙ୍କୁ ଲାଗି ହେଲା ପୁଷ୍ପ, ତୁଳସୀ

ପୁରୀ, ୨୧।୬(ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆୟୁର୍ବେଦିକ ପଦ୍ଧତିରେ ଉପଚାର। ଗୁପ୍ତ ସେବା କରୁଛନ୍ତି ଦଇତାପତି ସେବକ। ଇତିମଧ୍ୟରେ ବଡ଼ଓଡ଼ିଆ

## ଆଜି ରାଜପ୍ରସାଦ ବିଜେ

ମଠରୁ ଆସିଥିବା ଫୁଲୁରି ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାସିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ଏଥିସହ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ରବିବାର ଦ୍ୱାଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି। ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟବିଜୟ ଦ୍ୱାରା ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।

## ଅବଶିଷ୍ଟାଂଶ...

### ନିବେଶକଙ୍କ ବିଶ୍ୱାସ...

୬ ଗିଗାୱାଟର ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୟୁନିଟରେ କମ୍ପାନୀ ଇନ୍‌ଗଟ, ୱେଫର୍ସ ସେଲ୍ ଏବଂ ସୋଲାର ମଡ୍ୟୁଲ ଉତ୍ପାଦନ କରିଥାନ୍ତା। ଏହି କମ୍ପାନୀ ସ୍ଥାପନ ହୋଇଥିଲେ ପ୍ରାୟ ୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାନ୍ତା। ଏହି ପ୍ରକଳ୍ପ ପାଇଁ ଥରେ ନୁହେଁ ଦୁଇଥର ଶିଳାନ୍ୟାସ ହୋଇଥିଲା। ଥରେ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିବା ବେଳେ କିଛି ସପ୍ତାହ ତଳେ ଢେଙ୍କାନାଳ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଦୁଇଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏହି କମ୍ପାନୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବ ଯୋଗୁଁ ଅନ୍ୟତ୍ର ଚାଲିଯିବାକୁ ନିଷ୍ପତ୍ତି ନେଇଛି। କାମ ବିଳମ୍ବ ହେଉଥିବାରୁ କମ୍ପାନୀର ଅଡିଟ କମିଟ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲା। ଏହ ପରାମର୍ଶ ଆଧାରରେ ଓଡ଼ିଶା ବଦଳରେ ଏହା ତାମିଲନାଡୁ ଓ ଗୁଜୁରାଟରେ ନିଜ ଶିଳ୍ପ ସ୍ଥାପନ କରିବ ବୋଲି କମ୍ପାନୀ ପକ୍ଷରୁ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ ଓ ଏନ୍‌ଏସ୍‌ଇ)କୁ ଅବଗତ କରାଯାଇଛି।

ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ପ୍ରକଳ୍ପରୁ ଓହରିଯିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଥିଲା। ଏହାକୁ ନେଇ ଆଜି ବେଶ୍ ତମ୍ବିତୋଫାନ ହେବା ପରେ କମ୍ପାନୀ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଥିବା କୁହାଯାଉଛି। ଆମେ ଓଡ଼ିଶା ଛାଡ଼ି ଯାଉନାହୁଁ। ଓଡ଼ିଶାରେ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆମେ ଆମ ପ୍ରତିଶ୍ରୁତିରେ ଦୃଢ଼ ରହିଛୁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ଦିନ ବ୍ୟବଧାନରେ କମ୍ପାନୀ ପକ୍ଷରୁ ଦୁଇ ଦୁଇଟି ପରସ୍ପର ବିରୋଧୀ ବିଜ୍ଞପ୍ତି ପ୍ରକାଶକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ କମ୍ପାନୀର ମତ ପରିବର୍ତ୍ତନ ପଛରେ ଚାପ ପଡ଼ିଥିବା ଶିଳ୍ପ ସମୀକ୍ଷକମାନେ ମତ ଦେଉଛନ୍ତି। ଗତକାଲି କମ୍ପାନୀ ସ୍ଥାନାନ୍ତର ସୂଚନା ଦେଇଥିବାବେଳେ ଗୋଟିଏ ଦିନ ମଧ୍ୟରେ କମ୍ପାନୀ ନିଜ ନିଷ୍ପତ୍ତିରୁ ଓହରିଯିବାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ପୂର୍ବରୁ ଆର୍ସେଲର ନିପ୍ପନ- ମିତ୍ତଲ ଓ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ସ୍ୱପ୍ନ ଧିରେ ଧିରେ ଘୁଞ୍ଚି ଘୁଞ୍ଚି ଯାଉଛି। ଏପରିକି ଆର୍ସେଲର-ମିତ୍ତଲ ପ୍ରକଳ୍ପ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ହେବା ଏକପ୍ରକାର ନିଶ୍ଚିତ କୁହାଯାଉଥିବା ବେଳେ ସେଠାରେ ଜମି ଅଧିଗ୍ରହଣ କାମ ଜାରି ରହିଛି। ସେହିପରି ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମଧ୍ୟ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇଥିବା ନେଇ କୁହାଯାଉଛି। ଏବେ ପୁଣି ଆଉ ଏକ ବଡ଼ ଶିଳ୍ପ ଓଡ଼ିଶାରୁ ଚାଲିଯିବା ନିମନ୍ତେ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ରାଜ୍ୟର ଶିଳ୍ପ ବାତାବରଣକୁ ପ୍ରଶ୍ନଘେରରେ ଠିଆ କରିଛି।

### ବାଲିଆପାଳରେ ସ୍ଥିତି...

ବ୍ଲକ୍‌ର ନଦୀତଟ କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା ଆଦି ୮ଟି ପଞ୍ଚାୟତର ଅନ୍ୟୁନ ୨୦ହଜାର ଲୋକ ବନ୍ୟା ପାଣିଘେରରେ ରହିଛନ୍ତି। ସେଗୁଡ଼ିକ ମଧ୍ୟରୁ ଝଲଝଲିଆ, ଚଡ଼ପାଳପଡ଼ା, ପାଳଚମ୍ପେଇ, ଚଡ଼ ବଡ଼ାପାଳ, ମନ୍ମନଗର, ରସଲପୁର, ଇକଡ଼ପାଳ, ତାଳପଦା ଆଦି ଗାଁ ସଂପୂର୍ଣ୍ଣ ଭାବେ ପାଣିଘେରରେ ରହିଛି। ଗତକାଲି ରାତିରୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ବନ୍ୟା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକମାନଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳ ଓ ପାଖ ସ୍କୁଲକୁ ଚାଲିଯିବା ପାଇଁ କୁହାଯାଇଥିଲା। ସେହିପରି, ବନ୍ୟା ଯୋଗୁଁ ପଞ୍ଚୁରୁଖୀ ଗ୍ରାମର ଏକ ବନ୍ଧ ଭାଙ୍ଗିଯିବା ଭଳି ସ୍ଥିତି ଦେଖାଦେଇଛି। ଗ୍ରାମବାସୀ ଉକ୍ତ ବନ୍ଧକୁ ଜଗି ରହିଛନ୍ତି। ସେହିପରି ବଡ଼ାପାଳ ଗ୍ରାମର ନିଆଶି ଜେନା, ରତିକାନ୍ତ ଜେନା, ତାଙ୍କ ସ୍ତ୍ରୀ, ବାବୁଲି ଜେନା ପ୍ରମୁଖ ସର୍ଦ୍ଦାର ସାହି ଏକ ଟାପୁକୁ ଗାଈ ଚରାଉବାକୁ ଯାଇଥିବା ବେଳେ ବନ୍ୟାପାଣି ଘେରରେ ରହିଯାଇଥିଲେ। ଆଜି ସେମାନଙ୍କୁ ଆଜି ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛି।

ଅପରପକ୍ଷେ, ବନ୍ୟା ଯୋଗୁଁ ଭୋଗରାଇ ବ୍ଲକ୍‌ର ସମସ୍ତ ତଳିଆ ଅଞ୍ଚଳ ବୁଡ଼ିଯାଇଥିବା ବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସେହିପରି ବନ୍ୟାର ପ୍ରଖର ସୁଅରେ ଆଜି ଜଣେ ଯୁବକ ଭାସି ଯାଇଛନ୍ତି। ସେ ହେଲେ, କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ନବକୃଷ୍ଣ ପିଳାରଙ୍କ ପୁଅ ଅପୁ। ଅପୁ ଆଜି ସକାଳେ ଜାମକୁଣ୍ଡା ଲକ୍ ନିକଟକୁ ସଉଦା ଆଣିବାକୁ ଯାଉଥିବା ବେଳେ ବନ୍ୟା ପାଣିରେ ଭାସି ଯାଇଥିଲେ। ଗାଁର ଯୁବକମାନେ ଡଙ୍ଗା ନେଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ହସ୍ତକ୍ଷେପ ପରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା। କିନ୍ତୁ ଖବର ଲେଖା ହେବା ସୁଦ୍ଧା ତାଙ୍କର ପତ୍ତା ମିଳିପାରିନାହିଁ।

ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ସୌମ୍ୟଦୀପ ଚକ୍ରବର୍ତ୍ତୀ, ମନ୍ମଥ କୁମାର ବାରିକ ପ୍ରମୁଖ ପାଣିଘେରରେ ଥିବା ଲୋକଙ୍କୁ ଭେଟିବା ସହ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ସାହାଯ୍ୟ ଓ ସହାୟତା ପାଇଁ ପ୍ରଶାସନ ଲୋକଙ୍କ ପାଖରେ ସଠିକ୍ ସମୟରେ ପହଞ୍ଚି ନ ଥିବାରୁ ବିଧାୟିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

### ନେଦାର ୨ ହଜାର...

ପାଇଁ ଓଡ୍ରାଫ ଟିମ୍, ଏନଡିଆରଏଫ ଟିମ୍ ଏବଂ ସାରସକଣା, ବାଙ୍ଗିରିପୋଷି ଅଗ୍ନିଶମ ବାହିନୀ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ସଜାର ରହିଛନ୍ତି।

ସୂଚନାନୁଯାୟୀ, ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍ ଗେଟ୍ ଦେଇ ପ୍ରାୟ ୬ରୁ ୭ଲକ୍ଷ କ୍ୟୁସେକ ପାଣି ନିଷ୍କାସନ ହେଉଛି। ଏଭଳି ସ୍ଥିତିରେ ଜାମଶୋଳା ଘାଟରେ ସୁବର୍ଣ୍ଣରେଖା ଏବେ ବିପଦ ସଂକେତଠାରୁ ୪ ମିଟର ଉପରେ ରହିଛି। ବନ୍ୟାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଏବଂ ପୁଲିସକୁ ମୁତୟନ କରାଯାଇଛି। ଅନ୍ୟପକ୍ଷେ ଏହାର ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ନେତା କି ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ୨୪ରୁ ପୁଣି...

ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଥମେ ଓଡ଼ିଶା ଓ ପରେ ଝାଡ଼ଖଣ୍ଡରେ ଅଧିକ ବର୍ଷା କରାଇବ। ତେଣୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶନିବାର ସୋନପୁରରେ ୨୭, କଟକରେ ୨୧ ଓ ପାରାଦୀପରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।


**OFFICE OF THE PANCHAYAT SAMITI: KOLNARA**
DIST- RAYAGADA, PIN CODE-765017, ODISHA i-170
E-mail ID: ori-kolnara@nic.in

**INVITATION FOR BIDS (I.F.B)**
**e-Procurement Notice**
**IDENTIFICATION No. PS- KOL No. 02 OF 2025-26**

1. The Block Development Officer, Kolnara, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works: **03 (Three)**
3. Cost of Tender paper: **₹6000/- (Rupees Six Thousand)** only for each work
4. Class of Contractor: **"D & C" Class**
5. Date & Time of availability in website & receipt online: **From 11:00 Hrs of 26.06.2025 to 17:00 Hrs of 08.07.2025**
6. Date of opening of Technical Bid: **11:00 Hrs of 10.07.2025**
7. The Bidders have to participate in ONLINE bidding only. Further details can be seen from the State Govt. Portal website: **https://tendersodisha.gov.in**
8. Any Corrigendum/Addendum will be displayed in the website **https://tendersodisha.gov.in** only

**Sd/- Block Development Officer**
**Kolnara**
OIPR-19053/11/0002/2526

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 20/06/2025. I, **Saraswati Sahu,** aged about 40 years, W/o- Subash Sahu, Permanent resident of At- Sukunabhata, P.O. Marlad, P.S. Titilagarh, Dist. Bolangir, (Odisha), Pincode No. 767066 now residing at the same place affirm that I have changed my minor daughter's name from **Babey Sahu** (old name) To **Beby Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Beby Sahu** (new name).
**Saraswati Sahu**

**AFFIDAVIT**
I, Gunanidhi Barik, father of Satyajiti Barik, residing at At: Balarampur Garh, PO: Balarampur Talagada, Sub-District: Dharmasala, District: Jajapur, Odisha – 755023, do hereby declare that I have changed the name of my minor son from Satyajiti Barik to Satyajit Barik. Henceforth, he shall be known as **Satyajit Barik** for all official and future purposes.

**AFFIDAVIT**
I Anju Rani Khatua, W/o- Kartik Khatua, resident of village/po , Gunaibasan Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No.2221/2025 that My son name as Manoj Khatua in his Birth Certificate, that wrongly mentioned as Monaj Khatua in Adhar. Manoj Khatua and Monaj Khatua is one & same person. Hence my son shall be known as **Manoj Khatua** for all future purpose.

**AFFIDAVIT**
By virtue of an affidavit before Executive Magistarte, Bargarh, I, Rajkishan Kuanr, S/o- Bisi Kuanr, R/o- Village- Debgarhtikra, Khandatha, Po.- Khandatha, Ps.- Sadar, Dist.- Bargarh, Odisha, declare that, my daughter will be known as & her name will be used as **Gunjan Kuanr, D/o- Rajkishan Kuanr (Father) & Rinki Kuanr (Mother)** for all purposes.

**AFFIDAVIT**
By virtue of an affidavit No. 738, dtd. 19.06.2025 before the Notary Public, Malkangiri, I, Debe Kabasi have changed my name and address from Debe Podiami, D/o- Podia Padiami, Vill- Karastaguda, Po- Thumusapalli, Ps/Dist.- Malkangiri to Debe Kabasi, W/o- Ganesh Kabasi, Vill- Nuaguda, Po/Ps.- Korukunda, Dist.- Malkangiri after my marriage. Henceforth I shall be known as Debe Kabasi, W/o- Ganesh Kabasi, resident of Vill- Nuaguda, Po/Ps- Korukunda, Dist.- Malkangiri, Odisha for all purposes.
**Sd/- Debe Kabasi**

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
**Contact**
**GADHWAL GROUP**
**Mob.: 9437015112**

**AFFIDAVIT**
I, Priyanka Mahapatra, aged about 37 years, W/o- Niranjan Acharya, resident of Plot No-491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No- 496, dtd- 12/06/2025 that now onwards I shall be known as **PRIYANKA MOHAPATRA** for all future purposes.

**AFFIDAVIT**
I, Niranjan Nayak, aged about 40 years, H/o- Priyanka Mohapatra, resident of Plot No.491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No-498, dtd- 12/06/2025 that now onwards I shall be known as **NIRANJAN ACHARYA** for all future purposes.

**AFFIDAVIT**
I, Jaspreet Singh Wadhwa, aged about 45 years, S/o- Mahender Singh, resident of At- Plot No. TT-14, Civil Township, Po- Rourkela, Ps- Raghunathpali, Dist- Sundargarh, Odisha, Pin- 769004 declare by this affidavit No. A/19, dtd. 01/05/2025 that now onwards I shall be known as **JASPREET SINGH** for all future purposes.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

# କର ଯୋଗ ରୁହ ନିରୋଗ

## ନେହେରୁ ଆସୋସିଏସନର କାର୍ଯ୍ୟଶାଳା



ବରଗଡ଼, ୨୧।୬(ସମିସ): ବୟସ୍କ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ଉନ୍ନତିରେ ଯୋଗ ଏକ ଅବିନାଶୀ ଅସ୍ତ୍ର ଭାବେ ପ୍ରମାଣିତ ହୋଇଛି। ଶନିବାର ଆନ୍ତର୍ଜାତିକ ଯୋଗ ଦିବସରେ ନେହେରୁ ଆସୋସିଏସନ ଦ୍ୱାରା ମହିଳା ଯୋଗାଭ୍ୟାସ ଅଭିଯାନ ପାଇଁ କାର୍ଯ୍ୟଶାଳା ଆୟୋଜିତ ହୋଇଥିଲା। ଯୋଗ ପ୍ରଶିକ୍ଷିକା ଶିବାନୀ ଭୋଇ ମହିଳା ମାନଙ୍କ ଜୀବନରେ ହର୍ମୋନ ପରିବର୍ତ୍ତନକୁ ସନ୍ତୁଳିତ କରିବା ସହ ଶାରୀରିକ ଓ ମାନସିକ ଦୃଢତା ଯୋଗ ଦ୍ୱାରା ପ୍ରାପ୍ତ ହୋଇପାରିବ ବୋଲି କହିଥିଲେ। ଯୋଗ ଶିଷ୍ୟା ଆରତୀ ମହାପାତ୍ର ଯୋଗ ଦ୍ୱାରା ନିଜର ସକରାତ୍ମକ ଅଭିଜ୍ଞତା କହିଥିଲେ। ଆୟୁର୍ବେଦ ମେଡିକାଲ ଅଫିସର ଡ.ଅଜିତ ଦର୍ଜୀ ଯୋଗ ଦ୍ୱାରା ବୃଦ୍ଧାବସ୍ଥାରେ ଅସ୍ଥି ଦୁର୍ବଳତା, ଅନିଦ୍ରା, ଅର୍ଥରାଇଟିସ, ଡିପ୍ରେସନ ଓ ଉଚ୍ଚରକ୍ତଚାପ ଭଳି ସମସ୍ୟାକୁ ହ୍ରାସ କରିହେବ ବୋଲି କହିଥିଲେ। ଏପରିକି ପ୍ରସବ ଯନ୍ତ୍ରଣା ମଧ୍ୟ ସହଜ ହେବା ସହ ଅନ୍ୟାନ୍ୟ ସମସ୍ୟାକୁ ରୋକିବାକୁ ଯୋଗ ସମର୍ଥ ବୋଲି ଡ.ଦର୍ଜୀ କହିଥିଲେ।
ଦୁଇବର୍ଷ ପୂର୍ବରୁ ବରଗଡ଼ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେହେରୁ ଆସୋସିଏସନ ଦ୍ୱାରା ପ୍ରଥମଥର ପାଇଁ ସ୍ୱତନ୍ତ୍ର ରୂପେ କେବଳ ମହିଳା ମାନଙ୍କ ପାଇଁ ଯୋଗାଭ୍ୟାସ ଅଭିଯାନ ଆରମ୍ଭ କରା ଯାଇଥିଲା। ଆସୋସିଏସନର ଯୋଗ ପ୍ରଶିକ୍ଷକ ସୁଶିଲ ଭୋଇ ଓ ତାଙ୍କ ସହଧର୍ମିଣୀ ପ୍ରଶିକ୍ଷିକା ଶିବାନୀ ଭୋଇ ତଥା ଆସୋସିଏସନର ମହିଳା ସଂଯୋଜିକା ଅନୁପମା ମିଶ୍ରଙ୍କ ଉଦ୍ୟମ କ୍ରମେ ଖୁବ୍ କମ୍ ସଂଖ୍ୟକ ମହିଳାଙ୍କୁ ନେଇ ଏହା ଆରମ୍ଭ ହେଲା। ଛୋଟ ପ୍ରୟାସ ଭାବେ ଆରମ୍ଭ ହୋଇଥିବା ଯୋଗ ଅଭିଯାନ ଏବେ ବିଶାଳ ରୂପ ନେଇଛି।

## ମହିଳା ଡିଗ୍ରୀ ମହାବିଦ୍ୟାଳୟ

ପଦ୍ମପୁର: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନାର ଖେଳ ଶିକ୍ଷକ ବୁଲୁ ମଲିକ ଯୋଗଦେଇ ଛାତ୍ରୀମାନଙ୍କୁ ଯୋଗର ବିଭିନ୍ନ ଦିଗ ଓ ଆବଶ୍ୟକତା ସମ୍ବନ୍ଧରେ ବୁଝାଇବା ସହ ଯୋଗ ଅଭ୍ୟାସ କରାଇଥିଲେ। ସମସ୍ତ ଛାତ୍ରୀ ତଥା କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ।

## ହେମା ନାଟ୍ୟ ଅନୁଷ୍ଠାନ


ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗାଁରେ ଥିବା ସଚେତନ ହେମା ନାଟ୍ୟ ଅନୁଷ୍ଠାନ ତରଫରୁ ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' ପାଳିତ ହୋଇ ଯାଇଛି। ଏହି ଅବସରରେ ଗୁରୁ ଆନନ୍ଦ ବାଗ, ରାଜ ସାହୁ, ମହେନ୍ଦ୍ର ସାହୁ, ଘନଶ୍ୟାମ ସାହୁ, ଘନଶ୍ୟାମ ଭୋଇ, ଚତୁର୍ଭୁଜ ସାହୁ, ନନ୍ଦିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାଇସିଲେଟ ପଞ୍ଚାୟତ ସମିତି କଲେଜ



ଗାଇସିଲେଟ: ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲେଟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଖେଳ ଶିକ୍ଷକ ହେମନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ଯୋଗ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଅଧ୍ୟାପିକା ପ୍ରତୀକ୍ଷା ଡନସନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋଜ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣାୟମ, ଧ୍ୟାନ ଓ ଯୋଗଭାସ ସହ ମନ୍ତ୍ର ପାଠ କରାଯାଇଥିଲା। ଯୋଗଗୁରୁ ପ୍ରଶାନ୍ତ ସାହୁ ଛାତ୍ରଛାତ୍ରୀଙ୍କୁ ଭିନ୍ନଭିନ୍ନ ଯୋଗର ପ୍ରଣାଳୀ ସହ ବ୍ୟବହାରିକ ଶିକ୍ଷଣୀୟ ଜ୍ଞାନ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପକ, ଅଧ୍ୟାପକ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ ସହ ଅଧ୍ୟାପକ ବାଚସ୍ପତି ପଧାନ, ପ୍ରାଧ୍ୟାପକ ଉମାକାନ୍ତ ସାହୁ ଓ ଶ୍ରୀକାନ୍ତ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ପ୍ରାଧ୍ୟାପକ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ

## ଜିଲ୍ଲାସ୍ତରୀୟ ଯୋଗାଭ୍ୟାସ ଶିବିର





ବରଗଡ଼: ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗମୟ ହୋଇଛି ସାରା ଜଗତ। ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଥିମ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଇନଡୋର ଷ୍ଟାଡିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୋଗାଭ୍ୟାସ ଶିବିରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ସାମାଜିକ ଅନୁଷ୍ଠାନ, କ୍ରୀଡାବିତ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଆଭାସୀ ମଧ୍ୟମରେ ଜଡିତ ହେବା ସହ ସାମୂହିକ ଯୋଗାଭ୍ୟାସ କରିଥିଲେ। ଜିଲ୍ଲା କ୍ରିଡା ଅଧିକାରୀ ଅଜୟ ପଟ୍ଟନାୟକ ଏବଂ ଅବକାରୀ ଅଧିକ୍ଷକ ସୁବନ ନାୟକଙ୍କ ଉଦ୍ୟମରେ ଆୟୋଜିତ ଯୋଗାଭ୍ୟାସ ଶିବିରରେ ଆର୍ଟ ଅଫ ଲିଭିଙ୍ଗ ଅନୁଷ୍ଠାନ ବରଗଡ଼ ଶାଖାର କର୍ମକର୍ତ୍ତା ଉପସ୍ଥିତ ରହି ଯୋଗାଭ୍ୟାସ ପ୍ରଦର୍ଶନ କରିଥିଲେ। ଜିଲ୍ଲାରୁ ଜାତୀୟ ସ୍ତରରେ ଯୋଗ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ତାଙ୍କ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରଯାଇଥିଲା।

## ମାଣ୍ଡୋସିଲରେ ବିଶ୍ୱ ଯୋଗ ଦିବସ



ପାଇକମାଳ: ପାଇକମାଳ ବ୍ଲକ ମାଣ୍ଡୋସିଲ ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ଗଙ୍ଗାଧର ରଣାଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିବା ବେଳେ ଖେଳ ଶିକ୍ଷକ ଉତ୍ତମ ରଣା ଛାତ୍ରଛାତ୍ରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ସେହିପରି ମାଣ୍ଡୋସିଲ ଯୁକ୍ତଦୁଇ କଲେଜ ଅଧ୍ୟାପକ ତେଜରାଜ ସାହୁଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଛି। ଖେଳ ଶିକ୍ଷକ ବୈବସ୍ୱତ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଯୋଗ କରାଇଥିଲେ। ଡୁମ୍ବେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ଯୋଗ ଶିକ୍ଷକ ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଶିକ୍ଷକ ସୁଦାମ କନ୍ଧେର, ଡେଜଲିଙ୍ଗ ଦନ୍ତା ଓ ସୌତମ ଛତର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜାମସେଠ ପଞ୍ଚାୟତ ହାଇସ୍କୁଲରେ ପ୍ରଧାନଶିକ୍ଷକ ଗୋପାଳ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଛିନ୍ଦେଇକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଖେଳ ଶିକ୍ଷକ ଶ୍ରବଣ ମେହେର ଛାତ୍ରଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ବରିଷ୍ଠ ଶିକ୍ଷକ ଲମ୍ବୋଦର ଦାସ, ସଭାପତି ସନ୍ତୋଷ ପାଢ଼ୀ, ଟଙ୍କଧର ଦେହୁରୀ, ସନାତନ ବାଗ, ଅଶ୍ୱିନୀ ସାହୁ, ମଧୁସ୍ମିତା ମଲ୍ଲିକ, ସୁକାନ୍ତି ସା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଅମ୍ବାଭୋନା: ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମୁଖ୍ୟ ଡ.ନାରାୟଣ ପଶାୟତଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଡ.ଦୁର୍ଗା ପ୍ରସାଦ ଦାଶ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଲମ୍ବୋଦର ସାହୁ ବିଭିନ୍ନ ଯୋଗାସନ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଫାର୍ମାସିଷ୍ଟ ରୋହିତ ସାହୁ ପରିଚାଳନା କରିଥିଲେ। ସେହିପରି



ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅମ୍ବାଭୋନା ଦ୍ୱାରା ଆୟୁଷ ଡ.ପ୍ରଶାନ୍ତ ପଣ୍ଡାଙ୍କ ସଂଯୋଜନାରେ ଯୋଗ ପ୍ରଶିକ୍ଷକ ଲମ୍ବୋଦର ସାହୁ ଯୋଗ ଶିକ୍ଷା ଦେଇଥିଲେ। ସେହିପରି କୁମ୍ଭୋ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ତ୍ରିପାଠୀଙ୍କ ସଂଯୋଜନାରେ କୁମ୍ଭୋରେ ଯୋଗଗୁରୁ ହେମନ୍ତ ସାହାଙ୍କ ପ୍ରଶିକ୍ଷଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଏତଦ ବ୍ୟତୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡୁଙ୍ଗୁରି, ସ୍ୱାସ୍ଥ୍ୟ ଉପକେନ୍ଦ୍ର ବାଞ୍ଜିପାଲି, ଭୋଇନାତୋରା, ଲେଥେର, ଉତ୍ତମ, ରୁଚିଦା, ଝାରପାଲି ପ୍ରଭୃତି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା।

## ବରିଷ୍ଠ ନାଗରିକ ଭବନ

ବିଜେପୁର : ବିଶ୍ୱ ଯୋଗ ଦିବସ ୨୦୨୫ ଅବସରରେ ବରିଷ୍ଠ ନାଗରିକ ଭବନ ବିଜେପୁରଠାରେ ଯୋଗ ଶିବିର ଆୟୋଜିତ ହୋଇଛି। ଯୋଗେଶ ଚନ୍ଦ୍ର ମେହେରଙ୍କ ପରିଚାଳନାରେ ବରିଷ୍ଠ ନାଗରିକମାନେ ସକାଳ ଘ ୫.୩୦ରୁ ୭.୩୦ ପର୍ଯ୍ୟନ୍ତ ଯୋଗ ଅଭ୍ୟାସ କରିଥିଲେ। ନବକିଶୋର ସାହୁଙ୍କ ଯୋଗ ଆଧାରିତ କବିତା ପାଠ ପରେ ପ୍ରଣବ ଧ୍ୱନୀ "ଓଁ"କାରରୁ ଆରମ୍ଭ ହୋଇ ବିଭିନ୍ନ ଯୋଗ ଓ ପ୍ରାଣାୟମକ କରାଯାଇଥିଲା। ଶେଷରେ ଶାନ୍ତିପାଠ ପୂର୍ବକ ଶିବିର ସମାପ୍ତ ହୋଇଥିଲା। ଏଥିରେ ସଦାନନ୍ଦ ପଧାନ, ଡ.ଧନେଶ୍ୱର ରଥ, ପ୍ରେମରାଜ ପଟେଲ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ଭୋଜରାଜ ସାହୁ, ପ୍ରଦୀପ ଗୁରୁ, ଅଜିତ ସାହୁ, ଅଶ୍ୱିନୀ ପଧାନ, ହିମାଦ୍ରୀ ବିହାରୀ ବେହେରା, ଆନନ୍ଦ ଚନ୍ଦ୍ର ସାହୁ, ସୁରେନ୍ଦ୍ର ବେହେରା, ଲବଣୀ ବିଶି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଲୁରୁପାଲିରେ ଯୋଗ କାର୍ଯ୍ୟକ୍ରମ

ଆଜି ଜୁନ ମାସ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ। ଏହି ଅବସରରେ ଅତାବିରା ବ୍ଲକ ଅଧିନ ମନାପଡ଼ା ପଞ୍ଚାୟତ ଲୁରୁପାଲି ଗାଁରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଏମବିକେ ଜାହ୍ନବୀ ପ୍ରଧାନଙ୍କ ନେତୃତ୍ୱରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ମାନେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଓ ଯୋଗର ଉପକାରିତା ସମ୍ପର୍କରେ ଏମବିକେ ଜାହ୍ନବୀ ବୁଝାଇଥିଲେ। ପ୍ରତ୍ୟେକ ଦିନ ଯୋଗ କରିବାକୁ ଅନୁରୋଧ କରିଥିଲେ।



## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

ଅତାବିରା: ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଛି। ଯୋଗ ଗୁରୁ ଯୋଗେଶ ପ୍ରଧାନ, ହରିବୋଲ ଅଦାବର, ମିନତୀ ଦାଶ ଛାତ୍ରଛାତ୍ରୀଙ୍କୁ ଯୋଗ ଦିବସ ବିଷୟରେ ବୁଝାଇବା ସହ ଯୋଗାଭ୍ୟାସ କରାଇଥିଲେ। ଅଧ୍ୟକ୍ଷ ବବୃବାହାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ତଥା ଯତୀନ୍ଦ୍ର ପ୍ରଧାନ, ଟିକେଲାଲ ଚାନ୍ଦ, ରତନ ଦୀପ, ସରୋଜ ରଥ, ଗଜିନ୍ଦ୍ର ବାଗ, ରାମଚନ୍ଦ୍ର ପ୍ରଧାନ, ନିରଞ୍ଜନ ପସାୟେତ, ସୁନୀଲ ଖମାରୀ, ଯୁଗଳ ସାହୁ, ଜୟଶ୍ରୀ ନନ୍ଦ, ଗିରିଜା ସାହୁ, ମିଲାନିକା ନନ୍ଦ, ସୁଶ୍ରୀ ପୂଜା ପଟେଲଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠାନର ସଭାପତି ଶେଷଦେବ ନାଏକ କୃତଜ୍ଞତା ଜ୍ଞାପନ କରିଥିଲେ।




## ଲରମ୍ବା କଲେଜ

ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଲରମ୍ବା କଲେଜରେ ଯୋଗଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ.ପ୍ରମୋଦ ଭୋଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୧୫ଜଣ ଛାତ୍ରଛାତ୍ରୀ ସମେତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିରେ କଲେଜ ଏନସିସିର ଆର୍ମି ଓ ନାଭାଲ ଗ୍ରୁପ, ଏନଏସଏସ, ରେଡକ୍ରସ ସକ୍ରିୟ ଭୂମିକା ରହିଥିଲା। ଏହି ଉପଲକ୍ଷେ କଲେଜ ପରିସରରେ ଏକ ସଫେଇ ଅଭିଯାନ କରଯାଇଥିଲା।



# ସାହିତ୍ୟିକ ନାରାୟଣ ପୃଷେଠଙ୍କ ଜୟନ୍ତୀ



**ପଦ୍ମପୁର, ୨୧।୬(ସମିସ):** ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାରସ୍ୱତ ସାଧକ ନାରାୟଣ ପୃଷେଠଙ୍କ ଜୟନ୍ତୀ ଉତ୍ସବ ଆଗାମୀ ସାହିତ୍ୟ ସଂସଦ ତରଫରୁ ପାଳିତ ହୋଇଛି। ସଂସଦର ସଭାପତି ଡ.ପ୍ରମୋଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡ.ଜୟକେତନ ତ୍ରିପାଠୀ ସଂଯୋଜନା କରିଥିଲେ। ଉପସଭାପତି ସଞ୍ଜୟ ବହିଦାର ସ୍ୱାଗତ ଭାଷଣ ଓ ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ବିବରଣୀ ପ୍ରଦାନ କରିଥିଲେ। ଏଥି ସହିତ ସ୍ମୃତି ପୁସ୍ତିକା 'ଆଗାମୀ' ଓ ଡ.ପ୍ରମୋଦ ପାଢ଼ୀଙ୍କ ସମ୍ବଲପୁରୀ କବିତା ସଙ୍କଳନ 'ରସାଲି ଲେଡି' ପୁସ୍ତକକୁ ଡ.ବାଞ୍ଛାନିଧି ପଣ୍ଡା ଓ ଗୋବିନ୍ଦ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ଜୟନାରାୟଣ ତ୍ରିପାଠୀ, ପ୍ରଫେସର ରାଜେନ୍ଦ୍ର ପାଢ଼ୀ, ଆଇନଜୀବୀ ସନ୍ତୋଷ ଶତପଥୀ, ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ଅଧ୍ୟାପକ ସୁଶାନ୍ତ ମିଶ୍ର, ପ୍ରମୋଦ ଚନ୍ଦ୍ର ନାଥଙ୍କ ସମେତ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା କର୍ମକର୍ତ୍ତା ତଥା ବ୍ୟକ୍ତି ବିଶେଷ ସ୍ୱର୍ଗତ ପୃଷେଠଙ୍କ ସ୍ମୃତିଚାରଣ କରିଥିଲେ। କୁଞ୍ଜବିହାରୀ ସରାଫ, କିଶୋର ପାତ୍ର, ଟେନେସ୍ ପଣ୍ଡା ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷର ସହସମ୍ପାଦକ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିପଥ ସ୍କିମ୍ ଓ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

ବରଗଡ଼, ୨୧।୬(ସମିସ): ଅଗ୍ନିପଥ ସ୍କିମ୍ ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୩୦ ଜୁନ୍‌ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଲକାତାର ନିଯୁକ୍ତି କ୍ଷେତ୍ର ଅଧୀନସ୍ଥ ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୮ ଟି ସହରର ୨୨ ଟି କେନ୍ଦ୍ରରେ ପରୀକ୍ଷା ପରିଚାଳିତ ହେବ। ପଶ୍ଚିମ ଓଡ଼ିଶାର ପରୀକ୍ଷା ଢେଙ୍କାନାଳର ଆଇଅନ ଡିଜିଟାଲ ଜୋନ ବନମାଳୀପ୍ରସାଦ, ରାଉରକେଲାର ଆଇଅନ ଡିଜିଟାଲ ଜୋନ ସେକ୍ଟର ୪, ସମ୍ବଲପୁର ଆଇଅନ ଡିଜିଟାଲ ଜୋନ ମାଝିପାଲିରେ କରାଯିବ। ଅନଲାଇନ୍‌ରେ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜୀକରଣ ୱିଣ୍ଡୋ ୨୫ ଏପ୍ରିଲରୁ ଶେଷ ହୋଇଛି। ପ୍ରାର୍ଥୀମାନେ ଅଫିସିଆଲ ୱେବସାଇଟରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ। ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ସେମାନଙ୍କ ଆଡମିଟ୍ କାର୍ଡ ପାଇନଥିଲେ ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ଯୋଗାଯୋଗ କରିପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷା ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀଙ୍କୁ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ ଚୟନିତ ପ୍ରାର୍ଥୀଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି।

# ସାହିତ୍ୟିକ ଦୟାନିଧି ମିଶ୍ରଙ୍କ ଜୟନ୍ତୀ



ବରଗଡ଼, ୨୧।୬(ସମିସ): ବରଗଡ଼ ସ୍ଥିତ ନିଜ ବାସଗୃହରେ ସୁସାହିତ୍ୟିକ ଦୟାନିଧି ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଛି। ଉନ୍ମେଷକାଳୀନ ଓଡ଼ିଆ କଥା ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ସେ ଏକାଧାରରେ ଜଣେ ସାହିତ୍ୟିକ, ସମ୍ପାଦକ, ସ୍ୱାଧୀନତା ସଂଗ୍ରାମୀ, ସଂସ୍କାରକ ତଥା ରାଜନୀତିଜ୍ଞ ଭାବେ ସୁପରିଚିତ ଥିଲେ। ସାହିତ୍ୟିକ ତଥା ଦୟାନିଧି ପ୍ରେମୀଙ୍କ ଗହଣରେ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଦୟାନିଧି ମିଶ୍ରଙ୍କ ପୌତ୍ର ବିକ୍ରମାଦିତ୍ୟ ମିଶ୍ର ଏବଂ ବିଜୟକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। ପୁଣି ଡ.ଅଶୋକ ମହାପାତ୍ର, ଡ.ଅନନ୍ତ ମେହେର, ଅଧ୍ୟାପିକା ଜୟଶ୍ରୀ ସାହୁ, ସଂଗଠକ ସଞ୍ଜୀବ ମହାପାତ୍ର, ଦୁଃଖିସେବକ ସାହୁ, ଡିଗଲ ସାହୁ, ଶୁକ୍ରୁ ମେହେର, ଗୋପାଳ ଗୋଲପୁରିଆ, ଦୟାନିଧି ସ୍ମୃତି କମିଟିର ସଭାପତି ଡ.ବିଶ୍ୱନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସ୍ମୃତି କମିଟିର ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ● ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା

# ୨୪, ୨୫ରେ ସିନିୟର ଖେଳାଳି ମନୋନୟନ

ବରଗଡ଼, ୨୧।୬(ସମିସ): ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲା ସିନିୟର ଖେଳାଳି ମନୋନୟନ ଚଳିତ ମାସ ୨୪ ଓ ୨୫ ତାରିଖରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଇଚ୍ଛୁକ ଫୁଟବଲ ଖେଳାଳି ନିଜର ବୟସ ପ୍ରମାଣ ପତ୍ର, ଆଧାର କାର୍ଡ ଓ ଦୁଇଟି ଫଟୋ ନେଇ ସେହିଦିନ ସକାଳ ୮ରେ ଷ୍ଟାଡିୟମ୍‌ରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ ଫୁଟବଲ ସମ୍ପାଦକ ସେକ ସବଦର ଜଣାଇଛନ୍ତି।

# ପ୍ରସନ୍ନ ଆଚାର୍ଯ୍ୟଙ୍କୁ ସମବେଦନା ଜଣାଇଲେ ଧର୍ମେନ୍ଦ୍ର



ବରଗଡ଼, ୨୧।୬(ସମିସ): ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ବରଗଡ଼ ସ୍ଥିତ ବାସଭବନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାରଙ୍କ ମନ୍ତ୍ରୀ ରବି ନାଏକ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପି ନେତା ଡି. ମୁରଲୀ କ୍ରିଷ୍ଣାଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତୃ ମଣ୍ଡଳୀ ପହଞ୍ଚି ଶ୍ରୀ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ସ୍ୱର୍ଗତ ଚାରୁଶିଳା ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଓ ପାରିବାରିକ ସମ୍ପର୍କ ରହିଥିବା ବିଷୟରେ ଉଲ୍ଲେଖ କରି ସ୍ୱର୍ଗତ ଚାରୁଶିଳାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ପୁତୁରା ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ଆଚାର୍ଯ୍ୟ ପରିବାର ବର୍ଗ ସମସ୍ତେ ଉପସ୍ଥିତ ଥିଲେ।

# ଅଜଣା ଶବ ସତ୍କାର କଲେ ସମାଜସେବୀ

ବରଗଡ଼, ୨୧।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ପୁଲିସ ଦ୍ୱାରା ଏକ ଅଜଣା ଯୁବକଙ୍କ ଶବ ଉଦ୍ଧାର କରାଯାଇଥିଲା। ମୃତକଙ୍କ ଶବ ଗତ ସୋମବାର ଅମ୍ବାଭୋନା ବ୍ଲକ ଅଧୀନସ୍ଥ ମୁଣ୍ଡକଟି ରେଲୱେ ଗେଟ ନିକଟରେ ପଡ଼ିରହିଥିଲା। ଖବର ପାଇ ଅମ୍ବାଭୋନା ପୁଲିସ ମୃତ ଯୁବକଙ୍କ ଶବ ଉଦ୍ଧାର କରି ପଞ୍ଚନାମା ପାଇଁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଯୁବକଙ୍କ ପରିଚୟ ପାଇବା ପାଇଁ ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ଚେଷ୍ଟା କରାଯାଇଥିଲେ ମଧ୍ୟ ପରିଚୟ ମିଳି ପାରି ନଥିଲା। ଶବକୁ ନେବା ପାଇଁ କୌଣସି ସମ୍ପର୍କୀୟ ଆସିନଥିଲେ। ୪ ଦିନ ଅପେକ୍ଷା ପରେ ଅମ୍ବାଭୋନା ଥାନାଧିକାରୀ ବିପିନ ବାଗ ବାଧ୍ୟ ହୋଇ ସମାଜସେବୀ ସଂଘମିତ୍ରାଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଅଜଣା ବ୍ୟକ୍ତିଙ୍କ ଶବକୁ ଜୀରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଯାଇଛି। ସମାଜସେବୀ ସଂଘମିତ୍ରା ଏ ପର୍ଯ୍ୟନ୍ତ ଏହିଭଳି ୨୮ ଟି ଅଜଣା ଲୋକଙ୍କର ଶବ ସତ୍କାର କରି ସାରିଛନ୍ତି।



ସମ୍ବଲପୁର ବିଜୁ ଯୁବ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରି ମନ୍ଦିରରେ ଦୀପ ପ୍ରଜ୍ବଳନ

## ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ୧୦୮ ଦୀପ ଦାନ



**ଦେବଗଡ଼, ୨୧।୬(ସମିସ):** ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସୁ ଆରୋଗ୍ୟ କାମନା କରି ଶନିବାର ସନ୍ଧ୍ୟାରେ ଦେବଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ବଳମ ଗ୍ରାମ ସ୍ଥିତ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା ସହ ୧୦୮ ଦୀପ ଦାନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ, ଛାତ୍ର, ମହିଳାଙ୍କ ସମେତ ଜିଲ୍ଲା ବିଜେଡିର ସମସ୍ତ ଛାମୁଆ ସଂଗଠନର କର୍ମକର୍ତ୍ତା ସନ୍ଧ୍ୟାରେ ବଳମ ଶ୍ରୀରାମ ମନ୍ଦିରରେ ପହଞ୍ଚି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆସୁ ଆରୋଗ୍ୟ କାମନା କରି ୧୦୮ ଦୀପ ଦାନ କରିବା ସହ ହୋମର ଆୟୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପ୍ରତାପ କୁମାର ଦେବ, ଚନ୍ଦ୍ରଶେଖର ଭୁକ୍ତା, ମନୋଜ କୁମାର ପ୍ରଧାନ, କ୍ଷେତ୍ରବାସୀ ସାହୁ, ସିକୁ ପ୍ରଧାନ, ରାଜକିଶୋର ପ୍ରଧାନ, ହୀରାଲାଲ ସାହୁ, ଅରୁଣି ପ୍ରଧାନଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

## ଡିଜେ ଗାଡ଼ିରୁ ଚୋରି; ୨ଗିରଫ




**ସମ୍ବଲପୁର, ୨୧।୬(ସମିସ):** ଡିଜେ ଗାଡ଼ିରୁ ଚୋରି ହୋଇଥିବା ଅଭିଯୋଗରେ ବୁର୍ଲା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୁର୍ଲା ଥାନା ମହତାବ ନଗରର ରଜତ କୁମାର ପାଇକ ଓରଫ ରାଜେଶ କୁମାର(୨୧) ଓ ବୋର୍ଡ କଲୋନୀର ନରେନ୍ଦ୍ର ମିଶ୍ର(୩୬)। ସେମାନଙ୍କ ନିକଟରୁ ଚୋରି ହୋଇଥିବା ଲାଇଟ ଇନୋଭେସନ ମେସିନ, ଆମ୍ପ୍ଲିଫାୟାର ଓ ବ୍ୟବହୃତ କାର (ଓଡି୧୫ଡି୭୬୩୮)କୁ ପୁଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ ସଦେଇପାଲି ବିଜୁ କଲ୍ୟାଣ ମଣ୍ଡପ ପଛରେ କୈଳାଶ ଚନ୍ଦ୍ର ଦାଶଙ୍କ ଡିଜେ ଗାଡି ଛିଡା ହୋଇଥିଲା। ଗତକାଲି ରାତିରେ ସେଠାରୁ ଚୋରି ହୋଇଥିବା ନେଇ କୈଳାଶ ଜାଣିବାକୁ ପାଇଥିଲେ। ପୁଲିସକୁ ଅଭିଯୋଗ କରିବା ପରେ ଆଜି ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରିଛି।

ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

# 'ଶରୀରକୁ ନୂଆ ଶକ୍ତି ପ୍ରଦାନ କରେ ଯୋଗ'









**ଝାରସୁଗୁଡା, ୨୧।୬(ସମିସ)**

ଝାରସୁଗୁଡା ସହର ସ୍ଥିତ ଓଏମପି ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ, ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାରଙ୍କ ସହିତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ସମାଜସେବୀ ତଥା ବିଜେପିର ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ଯୋଗ ଆମକୁ ଭଲ ସ୍ୱାସ୍ଥ୍ୟ, ମନର ଶାନ୍ତି ଓ ସମତୁଳିତ ପ୍ରୋତ୍ସାହନ ଦିଏ। ଧ୍ୟାନ ସହିତ ଯୋଗ ଆମ ଶରୀର କୁ ଏକ ନୂଆଁ ଶକ୍ତି ପ୍ରଦାନ କରେ। ଏହି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଶତାଧିକ ଯୋଗ ପ୍ରେମୀ ଯୋଗ ଦେଇଥିଲେ। ସେହିପରି ବେଲପାହାଡ ଟିଆରଏଲ କ୍ରୋସାକୀ କମ୍ପାନୀ ପକ୍ଷରୁ ଆୟୋଜିତ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଟିଆରଏଲ କ୍ରୋସାକୀ ହସ୍ପିଟାଲର ନିର୍ଦ୍ଦେଶକ ଡା. ତୁଷାର କାନ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଟିଆରଏଲ୍ କ୍ରୋସାକୀ ଅଧିକାରୀ ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଟିଆରଏଲ କ୍ରୋସାକୀର ଯୁବଲି ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଲପାହାଡ଼ ପୌରାଞ୍ଚଳର ବରିଷ୍ଠ ନାଗରିକ ସଂଗଠନ, ରାଜନୈତିକ ଦଳର ନେତା, ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ମରାକୁଠା ସ୍ଥିତ ଓଡ଼ିଶା ମେଟାଲିକ କମ୍ପାନୀଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କମ୍ପାନୀର ବରିଷ୍ଠ ଅଧିକାରୀ ଶଙ୍କର ପ୍ରସାଦ ପାଢ଼ୀ, ସନ୍ତୋଷ କୁମାର ସିଂ, ତ୍ରିନାଥ ବେହେରା, ସଞ୍ଜୟ ସିଂ, ମିଳିନ୍ଦ ଖଣ୍ଡକାର, ବବିରାମ ବେହେରା ଉପସ୍ଥିତ ଥିଲେ।

ସେହିପରି ସ୍ଥାନୀୟ ବୁଢ଼ାପଡ଼ା ବୁରୋମାଲ ସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟରେ ବିଦ୍ୟାଳୟ ପ୍ରତିଷ୍ଠାତା ବିବେକା ନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବର୍ଷା ନ୍ଦିରୋ





ଫିଜିଓ ଥେରାପି ସେଣ୍ଟର ମୁଖ୍ୟ ଡାକ୍ତର ପ୍ରକାଶ ଚନ୍ଦ୍ର ରଣା ଯୋଗଦେଇଥିଲେ।

**ଆଇନସେବା ପ୍ରାଧିକରଣ**

ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ନୂତନ ଜିଲ୍ଲା କୋର୍ଟ ପରିସରରେ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପୋକ୍ସୋ) ପୂଜା ଶଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ମୃତି ରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, କନିଷ୍ଠ ଦେୱାନୀ ବିଚାରପତି ମୋନାଲିସା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁପ୍ରାସି ସୋନାଲି ମହାପାତ୍ର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଗ ଅଭ୍ୟାସ କରିଥିଲେ। ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିୟନ ଓଏସ୍ଏପି ହାବିଲଦାର ଭୂବିନ୍ଦ୍ର କୁମାର ରସାଳୀ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କାରଗାର, ସୁଲଧିଆପଡ଼ା ସ୍ଥିତ ସାଇ ଶ୍ରୀ ଡିଗନିଟି ହୋମ ଏବଂ ବେଲପାହାଡ ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ଠକ୍କର ବାପା ସେବା ସଦନର ଅନ୍ତେବାସୀଙ୍କୁ ନେଇ ଏକ ଯୋଗାଭ୍ୟାସ ଓ ଯୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବ୍ରଜରାଜନଗର :** ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ବରିଷ୍ଠ ଯୋଗ ପ୍ରଶିକ୍ଷକ ତଥା ଭାରତ ସ୍ୱାଭିମାନ ଅଧ୍ୟକ୍ଷ ପ୍ରଧାନ ଯୋଗ ଶିକ୍ଷିକା ସ୍ମିତା ଉପସ୍ଥିତ ରହି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍)ର କାର୍ଯ୍ୟକ୍ରମ ଅଧିକାରୀ ଡ. ରତ୍ନପର୍ଣ୍ଣା ମହାନ୍ତି ସଂଯୋଜନା କରିଥିଲେ। ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସୁପ୍ରକାଶ ଚୌଧୁରୀ, ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ବିକାଶ ନାୟକ, ଅଜୟ ଦୀପ, ସୁମିତ ତିର୍କି, ସୌମ୍ୟ ରଞ୍ଜନ ସାହୁ, ଶିବା ତ୍ରିବେଦି, ଏସ୍ ମାରାଣ୍ଡି, ଏସ୍ଏସ୍ ପୃଷ୍ଟି, ଆଶିଷ ଅବସ୍ଥି, ପ୍ରକାଶ ପଟ୍ଟନାୟକ, ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ସଙ୍ଗୀତା ସାହୁ, ଚାନ୍ଦନି ବିଶ୍ୱାଳ, ନଗମା ନିଶା ନନ୍ଦ, ଶ୍ୟାମା ଯାଦବ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

**ଦେବଗଡ଼:** ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଛି। ନୂଆଁ ବାଲିରୋଇ ସ୍ଥିତ ନିର୍ମାଣାଧୀନ ନୂତନ ଘରୋଇ ବସ୍ ଷ୍ଟାଣ୍ଡଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଆର୍ଥିକ ପରାମର୍ଶ ଦାତା ମନୁନାଥ ସେଠି, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ସାଂସଦ ପ୍ରତିନିଧି ଅରୁଣ କୁମାର ସାହୁ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇଥିଲେ। ଏହି ଅବସରରେ ପରିବାର ଫାଉଣ୍ଡେସନ୍ ଏବଂ କନ୍ୟାକୁମାରୀ ବିବେକାନନ୍ଦ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଯୋଗ ଗୁରୁ ଆଚାର୍ଯ୍ୟ ଲେଖରାଜଙ୍କ ନିର୍ଦ୍ଦେଶନାରେ ଯୋଗ ଅଧିବେଶନ ସହ ଧ୍ୟାନ, ଶାନ୍ତି ମନ୍ତ୍ର ସହ ଶପଥ ପାଠ କରାଇଯାଇଥିଲା। ସେହିପରି ଇଣ୍ଡୋର ଷ୍ଟାଡିୟମ୍‌ଠାରେ ପୌରପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ଜିଲ୍ଲାର ତିନୋଟି ବ୍ଲକ ମୁଖ୍ୟାଳୟସମେତ ୭୦ ପଞ୍ଚାୟତ ମୁଖ୍ୟାଳୟରେ ମଧ୍ୟ କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି।

**ରିଆମାଳ:** ରିଆମାଳ କଲ୍ୟାଣ ମଣ୍ଡପରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଯୋଗ ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା ଉଦ୍‌ଘାଟନ କରିଥିଲେ। ରିଆମାଳ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ପରିଚାଳନା ସଭାପତି ଘନଶ୍ୟାମ ସାହୁ, ପ୍ରହ୍ଲାଦ କୁମାର ମାଝୀ ଓ ହରେଶ ବେହେରା ଯୋଗ ଶିଖାଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ ନାଏକ, ବ୍ଲକ ବିତ୍ତ ଅଧିକାରୀ ମାଗୁଣି ନାଏକ, ଗୋଷ୍ଠୀ ସମାଜ ସୁରକ୍ଷା ଅଧିକାରୀ ଭୂପେନ୍ଦ୍ର ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକ ଡୋରଶ ସହୋଲା, ସହକାରୀ ନିର୍ବାହୀ ଯନ୍ତ୍ରୀ କରନ୍ ହାଁସଦା, ଜିପିଓ ନିଳୀମା ଏକ୍କା, ହେଡ କ୍ଲାର୍କ ଦାଶରଥି ବିଶ୍ୱାଳ, ବ୍ଲକ ଏବଂ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## 'ଜଗନ୍ନାଥ ଜୀ ଆଏ' ଗୀତର ମୁକ୍ତିଲାଭ

**ଝାରସୁଗୁଡା, ୨୧।୬(ସମିସ):** ପବିତ୍ର ରଥଯାତ୍ରା ଉପଲକ୍ଷେ ଡିପି ମେଲୋଡି ପକ୍ଷରୁ 'ଜଗନ୍ନାଥ ଜୀ ଆଏ' ଭକ୍ତିମୟ ଗୀତ ମୁକ୍ତିଲାଭ କରିଛି। ଏହି ଭଜନଟି ଛତିଶଗଡ଼ ରାଜ୍ୟ ରାଇଗଡ଼ ଜିଲ୍ଲା ଲୋଇଙ୍ଗ ଗାଁର ମୂଳବାସୀ ଏବଂ ଓଡ଼ିଶା ଝାରସୁଗୁଡ଼ା ଜିଲ୍ଲାର ଧୂଳୁଣ୍ଡା ଗାଁ ସହ ପାରିବାରିକ ଭାବରେ ସମ୍ପୃକ୍ତ ଥିବା ଦୀପକ ପ୍ରଧାନଙ୍କ ଉଦ୍ୟମରେ ପ୍ରସ୍ତୁତ ହୋଇଛି। ଏହି ଗୀତଟି ହିନ୍ଦୀ ଭାଷାରେ ରିଲିଜ ହୋଇଛି। ଏକ ଛୋଟ ପିଲାର ନିର୍ମଳ ଭକ୍ତି ଓ ଭଗବାନ ଜଗନ୍ନାଥଙ୍କ ଦୟାରୁ ଜନ୍ମ ନେଇଛି ଏହି ଗୀତ। ଗୀତର ସାରାଂଶରେ ଜଣେ ଛୋଟ ପିଲା ନିଜ ହୃଦୟରୁ ଜଗତର ନାଥ ଜଗନ୍ନାଥଙ୍କୁ 'ମୁଁ ତମ ସହ ଖେଳିବାକୁ, ମଜା କରିବାକୁ, ଖାଇବାକୁ ଚାହୁଁଛି ବୋଲି ହାତ ଯୋଡି ଡାକୁଛି। ଛୁଆଟିର ନିଷ୍ପାପ ପ୍ରାର୍ଥନାରେ ଜଗନ୍ନାଥ ତା' ପାଖକୁ ଆସି ତାର ପ୍ରତ୍ୟେକ ଇଚ୍ଛା ପୂରଣ କରିଛନ୍ତି। ନିଷ୍ୱାର୍ଥ ପର ଓ ନିର୍ମଳ ହୃଦୟରେ ବଡ଼ ଠାକୁରଙ୍କୁ ମାଗିଲେ ସେ ତାହାକୁ କିପରି ପୂରଣ କରନ୍ତି ତାହା ଏହି ଗୀତରେ ପ୍ରଦର୍ଶିତ ହୋଇଛି। ଏହି ଗୀତର ନିର୍ଦ୍ଦେଶନା ସାହିଲ ଦି ଷ୍ଟାର କରିଥିବାବେଳେ ଏଟିଆର କମ୍ପାନୀ ପକ୍ଷରୁ ଗୀତକୁ ପ୍ରକାଶନ କରାଯାଇଛି। ଗୀତରେ ପ୍ରଧାନ ଭୂମିକାରେ ଖୁସି ଆରାଧ୍ୟା ତିୱାରି ଏବଂ ଅରବାଜ୍ ଅଭିନୟ କରିଛନ୍ତି।

## ବିଦ୍ୟା ବିକାଶ ଗ୍ରୁପ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



**ସମ୍ବଲପୁର, ୨୧।୬(ସମିସ):** ବିଦ୍ୟା ବିକାଶ ଗ୍ରୁପ୍, ଶାସନ, ସମ୍ବଲପୁର ପରିସରରେ ଆଜି ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର କ୍ରୀଡ଼ା ବିଭାଗ ଏହାକୁ ପରିଚାଳନା କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ସମୂହ ଯୋଗାଭ୍ୟାସ କରିଥିଲେ। ବିଭିନ୍ନ ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇବା ସହିତ ଏହାର ଉପକାରିତା ବିଷୟରେ ଅବଗତ କରାଯାଇଥିଲା। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମେନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକୃଷ୍ଣ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ପ୍ରାଣାୟାମର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ଚିଫ୍ ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ସଞ୍ଜିବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସମ୍ବଲପୁର ସିନିୟର ସେକଣ୍ଡାରୀ ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ହାୟର ସେକଣ୍ଡାରୀ ସ୍କୁଲ ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହାନ୍ତ, ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଈଶ୍ୱର ନାଗ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧ୍ୟକ୍ଷ ଯଶୱନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗ ଓ ପ୍ରାଣାୟାମ କରିଥିଲେ। ଯୋଗ ଶିକ୍ଷକ ନିରୁପମା ସାହୁ ସମସ୍ତଙ୍କୁ ଯୋଗାସନ ଓ ପ୍ରାଣାୟାମର ପ୍ରଶିକ୍ଷଣ ଦେଇଥିଲେ।

## ଶ୍ରେଷ୍ଠ ଛାତ୍ରଙ୍କୁ 'ହର ପ୍ରସାଦ ନନ୍ଦ ସ୍ମୃତି ସମ୍ମାନ'

**ଦେବଗଡ଼, ୨୧।୬(ସମିସ):** ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଶନିବାର ପାଳିତ ହୋଇଛି। ଏହି ଅବସରରେ ଚିନ୍ମୟ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ସମ୍ମାନ ସହ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସୁନାମୁଣ୍ଡା ସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଓ ପୌର ପରିଷଦ ଭାରପାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଓ ହର ପ୍ରସାଦ ନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଅନିତା ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା




କମିଟିର ସଦସ୍ୟ ଅଶୋକ ଦେବ, ଗୋପବନ୍ଧୁ ପ୍ରଧାନ, ଜଗବନ୍ଧୁ ଶତପଥୀ, ଜୟନ୍ତ କୁମାର ସାହୁ, ହରେ କୃଷ୍ଣ ସାହୁ, ଅଜିତ ମୋଦୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପ୍ରତିଷ୍ଠାରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପୀୟୂଷ ପ୍ରଭାକର ସାହୁଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ସମ୍ମାନ ସହ ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧା ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଉଷାଙ୍କୁ ଲକ୍ଷପତି ଦିଦି ପୁରସ୍କାର

**ଇବଥର୍ମାଲ, ୨୧।୬(ସମିସ):** ଭୁବନେଶ୍ୱରଠାରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ବିଜେପି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ରେଙ୍ଗାଲି କଣ୍ଟାଟିକ୍ରା ଗ୍ରାମର ଉଷା ଗନିକ(୪୩) ଲକ୍ଷପତି ଦିଦି ପୁରସ୍କାର ହାସଲ କରିଛନ୍ତି। ସେ ଜଣେ ଆଦିବାସୀ ମହିଳା ହୋଇଥିବା ବେଳେ ଛେଳି ପାଳନ, କୁକୁଡା ପାଳନ, ରାସନ ଦୋକାନ ସହ ଚାଷ ଜମିରେ ଚାଷ ଓ ପନିପରିବା ଚାଷ କରି ବର୍ଷକୁ ପ୍ରାୟ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅବିବାହିତ ଉଷା ସାତ ପ୍ରାଣୀ କୁଟୁମ୍ବର ଏକ ବଡ ପରିବାରର ଏକାକୀ ଭରଣପୋଷଣ କରୁଛନ୍ତି। ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଚଲାଇ ବ୍ୟାଙ୍କରୁ ଋଣ ନେଇ ସେ କଠିନ ପରିଶ୍ରମ ବଳରେ ଆଜି ଲକ୍ଷପତି ଦିଦି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ତାଙ୍କଠାରୁ ପୁରସ୍କୃତ ହେବା ଓ ତାଙ୍କ ସହ କଥାବାର୍ତ୍ତାହେବା ତାଙ୍କ ପାଇଁ ବଡ ଉପଲବ୍ଧି ବୋଲି ସେ କହିଛନ୍ତି। ଗାଁକୁ ଫେରିବା ପରେ ତାଙ୍କୁ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।



## ଭିଜିଲାନ୍ସ ତଦାରଖ ଓ ନିବାରଣ କମିଟିର ବୈଠକ

**ଦେବଗଡ଼, ୨୧।୬(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଭିଜିଲାନ୍ସ ତଦାରଖ ଓ ଅତ୍ୟାଚାର ନିବାରଣ କମିଟି ବୈଠକ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଜିଲ୍ଲାପାଳ ଶ୍ରୀ ସାହୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିର୍ଯାତନା ନିବାରଣ ଆଇନ୍, ୧୯୮୯ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିର୍ଯାତନା ନିବାରଣ ନିୟମାବଳୀ, ୧୯୯୫ ଅନୁଯାୟୀ ନିର୍ଯାତିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଲୋକମାନଙ୍କ ପାଇଁ ଆର୍ଥିକ ସହାୟତା ସହ ଆଇନ ଗତ ସହାୟତା, ଆନ୍ତଃ ଜାତି ବିବାହ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଆର୍ଥିକ ଅନୁଦାନ ନେଇ ଜିଲ୍ଲାପାଳ ଆଲୋକପାତ କରିଥିଲେ। ବୈଠକରେ ତିଳେଇବଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତି ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ପଳସମା ସରପଞ୍ଚ ସୁଶିଲ କୁମାର, କାଉନସିବାହାଲ ସରପଞ୍ଚ ନମିତା ମାଝୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତାର ଅନୁପମା ରାଉତ, ଜନ ଶିକ୍ଷା ସଂସ୍ଥା ଅଧ୍ୟକ୍ଷା ବେବି ନାୟକ, ସପୋର୍ଟ ଅନୁଷ୍ଠାନର ଚନ୍ଦ୍ର ଶେଖର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଯୋଗ ଦେଇଥିଲେ।

## ସଂସ୍କାର ଭାରତୀର ବାର୍ଷିକ ସାଧାରଣ ସଭା

**ଦେବଗଡ଼, ୨୧।୬(ସମିସ):** ଦେବଗଡ଼ ଜିଲ୍ଲାସଦରର ସଂସ୍କୃତି ଭବନରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ ପକ୍ଷରୁ ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ପଶ୍ଚିମ ପ୍ରାନ୍ତର ସଭାପତି ହରେକୃଷ୍ଣ ଭୋଇ, ସମ୍ପାଦକ ଉମେଶ ପଣ୍ଡା, କୋଷାଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ନେଗି, ମଞ୍ଚ କଳା ଦାୟିତ୍ୱରେ ଥିବା ନୃତ୍ୟ ଗୁରୁ ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଦେବଗଡ଼ ଜିଲ୍ଲା ସଂଗଠନର ସଭାପତି ଭାବେ ସୁଜିତ କୁମାର ପାତ୍ର, ଉପସଭାପତି ଭାବେ ପ୍ରକାଶ ଦେବତା, ରାକେଶ କୁମାର ଶତପଥୀ, ଘନଶ୍ୟାମ ସାହୁ, ପ୍ରହ୍ଲାଦ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ଅମ୍ଳାଂଶୁ ପୂଜାରୀ, ସମ୍ପାଦକ ଭାବେ ଅଙ୍କୁର ରଞ୍ଜନ ସ୍ୱାଇଁ, ଅଜିତାଂଶୁ ପୂଜାରୀ, ଯାଜ୍ଞସିନି ନାୟକ, କୁମାରୀ ବିଷ୍ଣୁପ୍ରିୟା ଗର୍ତିଆ, କୁମାରୀ ଜୁଲି ଷଣ୍ଢ, କୁମାରି ରେଶମା ନାୟକ, କୋଷାଧ୍ୟକ୍ଷ ଭାବେ ଶୁଭମ୍ ଶେଖର ମହାଙ୍କୁର, କଳା ପ୍ରମୁଖ ବିଭାଗ ପାଇଁ ମଞ୍ଚକଳାରେ ବିଶାଲ କୁମାର ନାୟକ, ଚିତ୍ରକଳା ଏବଂ ଭାସ୍କର୍ଯ୍ୟ ପାଇଁ ପ୍ରଦିପ ପାତ୍ର, ହସ୍ତ କଳାରେ ଜନ୍ମେଜୟ ନାୟକ, ଲୋକକଳାରେ ଶିବାଶିଷ ଝାଙ୍କର, ସାହିତ୍ୟ କଳା ପାଇଁ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, କାର୍ଯ୍ୟକାରୀ ସଦସ୍ୟ ଭାବେ ଅଶୋକ କୁମାର ନନ୍ଦ, ବଂଶୀଧର ସାହୁ,




ପ୍ରେମାନନ୍ଦ ମାଝୀ, ଅନ୍ନଦା ଶଙ୍କର ପାଣି, ଜୟକୃଷ୍ଣ ସାହୁ ଓ ରିତିକ ଦେହୁରୀଙ୍କୁ ମନୋନୀତ କରାଯାଇଥିଲା। କର୍ମକର୍ତ୍ତା ମନୋନୟନ ବେଳେ ଡ. ଭାରତ ଭୂଷଣ ନନ୍ଦ, ଅରୁଣ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଯୁବ କଳାକାର ନମନ ନୟନ ନାୟକ ଓ ଚିନ୍ମୟରାଜ ବେହେରା, ଶ୍ରବଣ କୁମାର ନାୟକ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ପାନୀୟ ଜଳ ପାଇପ୍ ବିଛାରେ ଦୁର୍ନୀତି

**ଦେବଗଡ଼/କୁଣ୍ଢେଇଗୋଳା, ୨୧।୬(ସମିସ)**



ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ରିଆମାଳ ବ୍ଲକ କୁଣ୍ଢେଇଗୋଳା ଗ୍ରାମ ପଞ୍ଚାୟତରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ପାଇଁ ଘରୋଇ କମ୍ପାନୀ ପକ୍ଷରୁ ଚାଲିଥିବା ପାଇପ୍ ବିଛା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପାଇପ୍ ବିଛାଇବାକୁ ନିର୍ଦ୍ଧାରିତ ଏକ ମିଟର ମାଟି ଖୋଳା ନଯାଇ ମାତ୍ର ଏକ ଫୁଟ ଗାତ ଖୋଳି ପାଇପ୍ ବିଛା ଯାଉଥିବା କାରଣରୁ ପାଇପ୍ ଗୁଡିକ ମାଟି ଉପରେ ଦେଖାଯାଉଛି। ଫଳରେ ରାସ୍ତା ସଂକୁଚିତ ହେବା ସହ ପାଇପ୍ ଗୁଡ଼ିକ ଅଳ୍ପ ଦିନରେ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। କୁଣ୍ଢେଇଗୋଳା ଗ୍ରାମର ମାହରସାହି, ବଉଳସାହି, ଜଗନ୍ନାଥ ମନ୍ଦିର ସାହି ଓ ତଳସାହିରେ ଏକ ଫୁଟ ତଳେ ପାଇପ୍ ବିଛା ସରିଥିବା ବେଳେ ଡୋଲପଥର ଓ ଖଳୀପଶି ସାହିରେ ପାଇପ୍ ବିଛା କାର୍ଯ୍ୟ ବାକି ରହିଛି। କୁଣ୍ଢେଇଗୋଳା ଗ୍ରାମ ସମେତ ଅନ୍ୟ ଗ୍ରାମ ଗୁଡ଼ିକରେ ମଧ କମ୍ପାନୀ ପକ୍ଷରୁ ମନୋମୁଖୀ ଭାବେ ପାଇପ ବିଛା କାର୍ଯ୍ୟକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏ ସମ୍ପର୍କରେ ରିଆମାଳ ବ୍ଲକ କନିଷ୍ଠ ଯନ୍ତ୍ରୀ ଜନ୍ମେଜୟ ହାଁସଦାଙ୍କୁ ପଚାରିବାରୁ ଏକ ମିଟର ତଳେ ପାଇପ୍ ବିଛା ଯିବା ସରକାରୀ ନିୟମ ରହିଥିବା ପ୍ରକାଶ କରିଥିଲେ। ତେବେ ଠିକା ସଂସ୍ଥାର ଲାଭଖୋର ମନୋଭାବ ଯୋଗୁଁ ସରକାରୀ ଗାଇଡ଼ ଲାଇନ ଉଲଂଘନ କରି ମାଟି ଭିତରେ ପରିବର୍ତ୍ତେ ମାଟି ଉପରେ ପାଇପ ବିଛା କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

## ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କତା

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ମୌସୁମୀ ଦ୍ରୁତଗତିରେ ଉତ୍ତର ଭାରତରେ ବ୍ୟାପୀବାରେ ଲାଗିଛି। ଶୁକ୍ରବାର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର କିଛି ସ୍ଥାନରେ ମୌସୁମୀ ପହଞ୍ଚିଛି। ସାରା ଦେଶରେ ମୌସୁମୀ ତା'ର ଏଣ୍ଟ୍ରି ମାରିସାରିଛି। ଏବେ କେବଳ ଦିଲ୍ଲୀ, ହାରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବରେ ମୌସୁମୀ ପହଞ୍ଚିବା ବାକି ରହିଛି। ରାଜସ୍ଥାନର ୫୦ ପ୍ରତିଶତ ସ୍ଥାନରେ ମୌସୁମୀ ପହଞ୍ଚି ସାରିଛି। ଦେଶର ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଅଗାମୀ ଗୋଟିଏ ଦିନ ମଧ୍ୟରେ ହିମାଚଳ, ଉତ୍ତରାଖଣ୍ଡ, ଗୁଜରାଟ, ବିହାର, ଆସାମ, ମେଘାଳୟ, ହାରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କୋଙ୍କଣ- ଗୋଆରେ ବର୍ଷା ହେବାର ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜସ୍ଥାନ, ପଞ୍ଜାବ, ତେଲଙ୍ଗାନା, ଝାଡଖଣ୍ଡ, ଛତିଶଗଡ଼, ଓଡ଼ିଶା, କର୍ଣ୍ଣାଟକ ଉପକୂଳବର୍ତ୍ତୀ ସ୍ଥାନ, ବେଙ୍ଗଲ, ସିକିମ, କେରଳ ଓ ମଧ୍ୟ ପ୍ରଦେଶ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କହିଛି।

## ଶାହରୁଖଙ୍କ ବାସଭବନରେ ଫରେଷ୍ଟ ବିଭାଗର ଯାଞ୍ଚ୍

ମୁମ୍ବାଇ, ୨୧।୬(ଏଜେନ୍ସି): ସ୍ଥାନୀୟ ବାନ୍ଦ୍ରାର ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ବଙ୍ଗଳା 'ମନ୍ନତ'ରେ ବ୍ରିହାନମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ (ବିଏମ୍‌ସି) ଓ ଫରେଷ୍ଟ ବିଭାଗ ଯାଞ୍ଚ୍ କରିଛି। କୋଷ୍ଟାଲ ରେଗୁଲେସନ ଜୋନ (ସିଆରଜେଡ୍) ନିୟମର ଉଲ୍ଲଂଘନ ହୋଇଥିବା ନେଇ ଶୁକ୍ରବାର ଏହି ଯାଞ୍ଚ୍ ହୋଇଛି। ବିନା ଅନୁମତିରେ ଏହି ବଙ୍ଗଳାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇଛି କି ନା ସେ ନେଇ ଯାଞ୍ଚ କରାଯାଇଥିଲା ବୋଲି ବିଏମ୍‌ସି ଓ ଫରେଷ୍ଟ ବିଭାଗରେ ଅଧିକାରୀମାନେ କହିଛନ୍ତି। ୨୭, ୦୦୦ ବର୍ଗଫୁଟ୍ ଏରିଆରେ ଥିବା ଏହି ବଙ୍ଗଳାରେ ପୁନର୍ଗଠନ କାର୍ଯ୍ୟ ଚାଲୁ ରହିଛି। ୬ ମହଲା ବିଶିଷ୍ଟ ଏହି ବଙ୍ଗଳାରେ ଦୁଇ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରେ ଆଉ ଦୁଇଟି ମହଲା ସାମିଲ କରାଯିବାର ଯୋଜନା ରହିଛି। ଏଥିପାଇଁ ଶାହାରୁଖଙ୍କ ସମେତ ପତ୍ନୀ ଗୌରୀ ଓ ୩ ସନ୍ତାନ ଆର୍ଯ୍ୟନ, ସୁହାନା, ଅବରାମ ଅସ୍ଥାୟୀ ଭାବେ ମନ୍ନତଠାରୁ ୧୦ ମିନିଟ ଦୂର ଖାରରେ ଏକ ଡୁପ୍ଲେକ୍ସରେ ରହୁଛନ୍ତି। ଶାହରୁଖ ଏହି ବଙ୍ଗଳାକୁ ୨୦୦୧ରେ କ୍ରୟ କରିଥିଲେ। ତେବେ ୧୯୧୪ରୁ ମନ୍ନତର ଏକ ଐତିହାସିକ ପରମ୍ପରା ରହିଆସିଛି।

## ଚଳନ୍ତା ଟ୍ରେନ୍‌ରେ ଯୁବକକୁ ପିଟିପିଟି ହତ୍ୟା

ବାଗପତ, ୨୧।୬(ଏଜେନ୍ସି): ୟୁପିରେ ବାଗପତରେ ଚଳନ୍ତା ଟ୍ରେନ୍‌ରେ ଜଣେ ଯୁବକକୁ ପିଟି ପିଟି ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ସାହରାନପୁର- ଦିଲ୍ଲୀ ପାସେଞ୍ଜର ଟ୍ରେନ୍‌ରେ ବାଗପତ ଆସୁଥିଲେ। ଫଖରପୁର ଷ୍ଟେସନ ନିକଟରେ ସିଟ୍‌ରେ ବସିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ୧୫ରୁ ୨୦ଜଣ ଲୋକ ସାଥି ହୋଇ ଯୁବକଙ୍କୁ ଗୋଇଠା, ମୁଥ ମାରିବା ସହ ବେଲ୍ଟରେ ପିଟିଥିଲେ। ବାଗପତଠାରୁ ୧୦ କିମି ଦୂରରେ ଥିବା ଖେକଡ଼ା ଷ୍ଟେସନରେ ଟ୍ରେନ ରହିବା ପରେ ଅଭିଯୁକ୍ତମାନେ ଓହ୍ଲାଇ ପଳାଇଯାଇଥିଲେ। ଟ୍ରେନ୍‌ରେ ଯାଉଥିବା ଯୁବକଙ୍କ ଜଣେ ବନ୍ଧୁ ଜିଆରିପି ଓ ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ନାମ ହେଉଛି ଦୀପକ ଓ ସେ ଦିଲ୍ଲୀରେ ଚାକିରି କରୁଥିଲେ। ସେ ଦିଲ୍ଲୀ ବାଗପତସ୍ଥିତ ନିଜ ଘରକୁ ଯାଉଥିଲେ। ଶୁକ୍ରବାର ଏହି ଘଟଣା ଘଟିଥିଲେ ମଧ୍ୟ ଶନିବାର ଏହାର ଭିଡିଓ ସାମ୍ନାକୁ ଆସିଛି।

## ବେଲୁନ୍ ଦୁର୍ଘଟଣାରେ ୮ ମୃତ

ସାଓପାଓଲୋ, ୨୧।୬(ଏଜେନ୍ସି): ବ୍ରାଜିଲ୍‌ରେ ହଟ୍ ଏୟାର ବେଲୁନ୍ ଦୁର୍ଘଟଣାରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆକାଶରେ ଉଡୁଥିବା ବେଳେ ଏହି ବେଲୁନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ବେଲୁନରେ ସେତେବେଳେ ୨୧ଜଣ ଲୋକ ଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ମୃତ୍ୟୁବରଣ କରିଛନ୍ତି। ନିଆଁ ଲାଗିବା ପରେ ବେଲୁଟି ସିଧା ତଳକୁ ଖସି ମାଟିରେ ପଡ଼ିଯାଇଥିଲା।

# ଇରାନରେ ଭୂକମ୍ପ ନା ବିସ୍ଫୋରଣ?

- ଇରାନ ପରମାଣୁ ପରୀକ୍ଷା କରିଥିବା ନେଇ ଚର୍ଚ୍ଚା ବଢ଼ିଲା
- ତିନି ଉତ୍ତରାଧିକାରୀଙ୍କୁ ମନୋନୀତ କଲେ ଖାମନେଇ

ତେଲ ଆଭିଭ, ୨୧।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତିର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଯୁଦ୍ଧ ବନ୍ଦ ପାଇଁ ଜେନେଭାରେ ୟୁରୋପୀୟ ଦେଶଗୁଡିକ କରିଥିବା ବୈଠକରେ କୌଣସି ଠୋସ୍ ଫଳାଫଳ ବାହାରି ପାରି ନ ଥିବାବେଳେ ଦୁଇ ରାଷ୍ଟ୍ର ପରସ୍ପର ବିରୋଧରେ ଆକ୍ରମଣକୁ ଜୋରଦାର କରିଛନ୍ତି। ଏପରି ସମୟରେ ଇରାନରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଦ୍ୱାରା ଏହି ଭୂକମ୍ପ ଆସିଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବୃଦ୍ଧି ପାଇଛି ବୋଲି କୁହାଯାଉଛି।

ଯୁଦ୍ଧର ନବମ ଦିନରେ ତେଲ ଆଭିଭ ସମେତ ଅନେକ ସହର ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ବର୍ଷା କରିଥିବାବେଳେ ଇସ୍ରାଏଲ ସେନା (ଆଇଡିଏଫ) ଏହାର ଜବାବରେ ପରମାଣୁ ଠିକଣାକୁ ନିଶାଣ କରିଛି। ଆଜି ସକାଳେ ଆଇଡିଏଫ୍‌ର ୫୦ରୁ ଅଧିକ ଲଢୁଆ ବିମାନ ଇରାନର ଇସ୍‌ଫାହନ ପରମାଣୁ ପ୍ରତିଷ୍ଠାନରେ ବୋମା ମାଡ଼ କରିଛି। ତେବେ ଏହି ଆକ୍ରମଣ ପରେ କୌଣସି ରାସାୟନିକ ଲିକ୍ କିମ୍ବା ବିକିରଣ ହୋଇଥିବାର ସୂଚନା ମିଳିନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାରେ ୟୁରାନିୟମ ଠୁଳ କରି ରଖାଯାଉଛି। ନ୍ୟୁକ୍ଲିୟର ଫୁଏଲ ଫାବ୍ରିକେସନ ପ୍ଲାଣ୍ଟ ମଧ୍ୟ ରହିଛି। ପରମାଣୁ ଠିକଣାରେ ଆକ୍ରମଣ ସହିତ ଇରାନର ଆଉ ଜଣେ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କରିଛି। ଶୁକ୍ରବାର ତେହରାନର ଏକ ଆପାର୍ଟମେଣ୍ଟକୁ ନିଶାଣ କରି ଆଇଡିଏଫ ସୁଇସାଇଡ ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ବୈଜ୍ଞାନିକ ଇସାର ତବାତବାଇ-କମସେହ ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ଇରାନର ୧୧ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କଲାଣି। ସେହିପରି ଆଜି ଇରାନ ସେନାର ୩ କମାଣ୍ଡର ଏବଂ ୪ ଯବାନଙ୍କୁ ହତ୍ୟା କରିଥିବା ଇସ୍ରାଏଲ ଦାବି କରିଛି।

ଆକ୍ରମଣ ଦ୍ୱାରା ଇରାନର ପରମାଣୁ କାର୍ଯ୍ୟକ୍ରମ ୩ ବର୍ଷ ପଛକୁ ପଳାଇଛି ବୋଲି ଇସ୍ରାଏଲ ଦାବି କରୁଛି। ମାତ୍ର ଏପରି ସମୟରେ ଇରାନର ସେମନାନ୍ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଶୁକ୍ରବାର ରାତିରେ ହୋଇଥିବା ୫.୧ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ର ୧୦ କିମି ଗଭୀରତାରେ ଥିଲା ବୋଲି କୁହାଯାଉଛି। ଇରାନ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାରୁ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା ବୋଲି ଚର୍ଚ୍ଚା ହେଉଛି। କାରଣ ଇରାନର ସେମନାନ ସ୍ପେସ୍ ସେଣ୍ଟର ଏବଂ ସେମନାନ ମିସାଇଲ କମ୍ପ୍ଲେକ୍ସ ଥିବା ସହର ନିକଟରେ ଏହି ଭୂକମ୍ପ ହୋଇଛି। ଇରାନ



ସେନା ଦ୍ୱାରା ଏହା ପରିଚାଳିତ ହେଉଛି। ଏହାକୁ ଲାଗି ଫରଦୋ ଏବଂ ନତାଞ୍ଜ ପରମାଣୁ କେନ୍ଦ୍ର ମଧ୍ୟ ରହିଛି। ୟୁରୋପ ଶାନ୍ତି ଆଲୋଚନା ପ୍ରୟାସ ଜାରି ରଖିଥିବାବେଳେ ପରମାଣୁ କାର୍ଯ୍ୟକ୍ରମ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏପରି ସମୟରେ ହୋଇଥିବା ଭୂକମ୍ପକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ିବ ବୋଲି କୁହାଯାଉଛି। କିଛି ବିଶେଷଜ୍ଞ ମଧ୍ୟ ପରମାଣୁ ପରୀକ୍ଷଣ ଆଶଙ୍କା କରିଛନ୍ତି। ଭୂତଳରେ ପରମାଣୁ ଅସ୍ତ୍ରର ବିସ୍ଫୋରଣ ଯୋଗୁଁ ସୃଷ୍ଟି ହୋଇଥିବା 'ଟେକ୍‌ଟୋନିକ ଷ୍ଟ୍ରେସ୍' ପାଇଁ ଭୂକମ୍ପ ଆସିଥିବ ବୋଲି ବିଶେଷଜ୍ଞ କହୁଛନ୍ତି। ଆଉ କିଛି ରିପୋର୍ଟରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଭୂକମ୍ପ ଆସିଥିଲା ବୋଲି କୁହାଯାଉଛି। ଏହା ମଧ୍ୟରେ ଆମେରିକାର ୬ଟି ବି-୨ ଷ୍ଟିଲ୍‌ଥ ବମ୍ବର ମିସୋରିର ନୌସେନା ଘାଟୀରୁ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା ମାଇକ୍ରୋନେସିଆ ଦ୍ୱୀପର ଗୁଆମକୁ ଉଡ଼ାଣ ଭରିଛି। ଏହି ଲଢୁଆ ବିମାନ ବଙ୍କର ବଷ୍ଟର ବୋମା ନେଇ ଯାଉଥିବା କୁହାଯାଉଛି। ପୂର୍ବରୁ ଏହି ବୋମା ଇସ୍ରାଏଲ ମାଗିଥିଲା। ତେଣୁ ଏହା ଇସ୍ରାଏଲକୁ ଦିଆଯାଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିଜ ଉତ୍ତରାଧିକାରୀ ପାଇଁ ୩ ଜଣଙ୍କୁ ମନୋନୀତ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଖାମନେଇଙ୍କ ପୁଅ ମୋଜତବାର ନାମ ନାହିଁ। ପୂର୍ବରୁ ଖାମନେଇଙ୍କ ପୁଅ ହିଁ ତାଙ୍କ ଉତ୍ତରାଧିକାରୀ ହୋ।ବେ ବୋଲି କୁହାଯାଉଥିଲା।

## ଇରାନ୍‌ରୁ ଫେରିଲେଣି ୮୨୭ ଭାରତୀୟ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଭାରତ ସରକାରଙ୍କ ଅପରେସନ ସିନ୍ଧୁ ଜରିଆରେ ମୋଟ ଉପରେ ୮୨୭ ଜଣ ଭାରତ ଫେରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨୯୦ ଜଣ ଭାରତୀୟ ନାଗରିକ ସ୍ୱଦେଶ ଫେରିଛନ୍ତି। ସେହିପରି ଶନିବାର ସଂଧ୍ୟା ୪ଟା ୩୦ରେ ଆଉ ୩୧୦ ଜଣ ଭାରତୀୟ ନାଗରିକ ଦିଲ୍ଲୀରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କଶ୍ମୀରର ଛାତ୍ର। ଏହାକୁ ବାଦ୍ ଦେଲେ ଆଉକିଛି ନାଗରିକ ଦିଲ୍ଲୀ, ହାରିୟାଣା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୨୭ଜଣ ଭାରତୀୟ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଶୁକ୍ରବାର ରାତିରେ ଦୁଇଟି ପର୍ଯ୍ୟାୟରେ ୪୦୭ ଭାରତୀୟ ଫେରିଛନ୍ତି। ରାତି ୧୦.୩୦ରେ ୧୯୦ ଜଣ କଶ୍ମୀର ଛାତ୍ର ସମେତ ୨୯୦ ନାଗରିକ ଫେରିଥିଲେ। ସେହିପରି ରାତି ୩ଟା ଆସି ପହଞ୍ଚିଥିବା ବିମାନରେ ୧୧୭ ଜଣ ଭାରତ ଫେରିଥିଲେ। ଏହାପୂର୍ବରୁ ଜୁନ୍ ୧୯ରେ ୧୧୦ ଜଣ ଛାତ୍ର ଆର୍ମେନିଆ ଓ ଦୋହା ବାଟ ଦେଇ ଭାରତ ପହଞ୍ଚିଥିଲେ। ଶନିବାର ସନ୍ଧ୍ୟାରେ ଆଉଏକ ବିମାନ କିଛି ଭାରତୀୟଙ୍କୁ ଆଣିବାର କାର୍ଯ୍ୟକ୍ରମ ରହିଛି। ଇରାନରୁ ଦିଲ୍ଲୀ ପହଞ୍ଚିବା ପରେ ଏହି ଯାତ୍ରୀମାନେ 'ବନ୍ଦେ ମାତରମ' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇଥିଲେ ଓ କିଛି ଲୋକ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ସେମାନଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଆଉ କେତେକ ଲୋକ ମାଟିକୁ ମୁଣ୍ଡିଆ ମାରିଥିଲେ। ଭାରତରେ ପହଞ୍ଚିବା ପରେ ଆମକୁ ଶାନ୍ତି ମିଳିଛି ବୋଲି ଏମାନେ ଏଠାରେ ପହଞ୍ଚିବା ପରେ କହିଛନ୍ତି।

## ଇସ୍ରାଏଲ୍ ଆକ୍ରମଣକୁ ଭାରତ ନିନ୍ଦା କରୁ: ସୋନିଆ



ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଏଥିରେ ଭାରତର ଭୂମିକା ନେଇ ମୁହଁ ଖୋଲିଛନ୍ତି। ଏହି ଯୁଦ୍ଧ ଶନିବାର ୯ମ ଦିନରେ ପହଞ୍ଚିଛି। ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସେ ଖୋଲାଖୋଲି ଭାବେ ନିନ୍ଦା କରିଛନ୍ତି। ଏକ ଦୈନିକ ଖବରକାଗଜରେ ସ୍ତମ୍ଭ ଲେଖି ସେ ଏ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଇସ୍ରାଏଲ ନିଜେ ଏକ ପରମାଣୁ ଶକ୍ତି ଭାବେ ପ୍ରତିଷ୍ଠା ହାସଲ କରିଛି। କିନ୍ତୁ ପରମାଣୁ ଅସ୍ତ୍ର ତିଆରି କରିବା ଅଭିଯୋଗରେ ଇରାନ୍ ଉପରେ ଅନ୍ୟାୟ ଭାବେ ଆକ୍ରମଣ କରାଯାଉଛି। ଏହା ଇସ୍ରାଏଲ୍ ଦୋ ମୁହାଁ ନୀତିକୁ ସୂଚାଉଛି ବୋଲି ସେ କହିଛନ୍ତି। ପୁଣି ଇରାନ ଭାରତର ପୁରଣା ବନ୍ଧୁ। ଏବେ ଯୁଦ୍ଧ ଚାଲିଥିବା ବେଳେ ଭାରତର ନୀରବତା ଚିନ୍ତା ସୃଷ୍ଟି କରୁଛି। ଗାଜାରେ ଚାଲିଥିବା ଧ୍ୱଂସ ଓ ଇରାନ୍‌ରେ ହେଉଥିବା ଆକ୍ରମଣ ନେଇ ଭାରତ ତା'ର ଅଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ଏବେ ମଧ୍ୟ ବହୁତ ବିଳମ୍ବ ହୋଇନାହିଁ ଓ ଯଥେଷ୍ଟ ସମୟ ରହିଛି। ଭାରତ ଏ ନେଇ ଦୃଢ଼ ଭାବେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିବା ଉଚିତ। ଇରାନ ଏକାଧିକବାର ଭାରତକୁ ବିଭିନ୍ନ କ୍ଷେତ୍ରରେ ସମର୍ଥନ କରିଆସିଛି। ଗାଜାରେ ଏବେ ୫୫, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ଏବେ ସେଠାରେ ଭୋକରେ ଲୋକ ମରିବା ଆରମ୍ଭ କଲେଣି। ତେଣୁ ଇରାନ ସମର୍ଥନରେ ଭାରତକୁ ଏବେ ଖୋଲାଖୋଲ ମନ୍ତବ୍ୟ ଦେବା ଉଚିତ ବୋଲି ସୋନିଆ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି।

ଇସ୍ରାଏଲ ଇରାନ ଉପରେ ଏକତରଫା ଓ ନିର୍ମମ ଭାବେ ଆକ୍ରମଣ କରିଛି। ଇସ୍ରାଏଲ ଇରାନର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିଛି। ଏହା ବେଆଇନ ଓ ଆଞ୍ଚଳିକ ଶାନ୍ତିପ୍ରତି ବିପଦ ସୃଷ୍ଟି କରିଛି। ଇରାନ ଉପରେ ଚାଲିଥିବା ଆକ୍ରମଣକୁ କଂଗ୍ରେସ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱରେ ଇସ୍ରାଏଲ୍ କେବଳ ଆତଙ୍କ, ଅଶାନ୍ତି ବୃଦ୍ଧି କରିଛି ଓ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠା ନେଇ ତାଙ୍କ ପ୍ରତିବଦ୍ଧତାରୁ ଓହରିଯାଇଛନ୍ତି। ଏପରି ସ୍ଥଳେ ପଶ୍ଚିମ ଏସିଆରେ କିପରି ଶାନ୍ତି ପ୍ରତିଷ୍ଠା ହେବ ସେ ନେଇ କୁଟନୈତିକ ପ୍ରୟାସ ଭାରତ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି।

## ପୁଣି ନିର୍ବାଚନ କମିସନ-ରାହୁଲ ମୁହାଁମୁହିଁ



- ମତଦାନ କେନ୍ଦ୍ରର ଫୁଟେଜ ସାର୍ବଜନୀନ କରିହେବନି: ନିର୍ବାଚନ କମିସନର
- ଯିଏ ଜବାବ ଦେବା କଥା ସିଏ ପ୍ରମାଣ ନଷ୍ଟ କରୁଛନ୍ତି : ରାହୁଲ

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ମତଦାନ କେନ୍ଦ୍ରରେ ହେଉଥିବା ୱେବକାଷ୍ଟିଂର ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯିବ ନାହିଁ ବୋଲି ଭାରତର ନିର୍ବାଚନ କମିସନ (ଇସିଆଇ) ସ୍ପଷ୍ଟ କରିଦେଇଛନ୍ତି। ଏହାକୁ ସାର୍ବଜନୀନ କଲେ ଭୋଟରଙ୍କ ପ୍ରତି ବିପଦ ସୃଷ୍ଟି ହେବ। ଏହାଦ୍ୱାରା ଭୋଟର ଏବଂ ଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ। ଭୋଟ ଦେଉଥିବା ଏବଂ ନ ଦେଉଥିବା ବ୍ୟକ୍ତି ଉଭୟେ ଅସାମାଜିକଙ୍କ ଚାପ, ଭେଦଭାବ ଏବଂ ଧମକର ଶିକାର ହୋଇପାରନ୍ତି। ଏହା ସହିତ ସିସିଟିଭି ଫୁଟେଜ ସାର୍ବଜନୀନ କଲେ ଜନପ୍ରତିନିଧି ନିୟମରେ ଥିବା ବ୍ୟବସ୍ଥା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମଧ୍ୟ ଉଲ୍ଲଘଂନ ହେବ। ତେବେ ଏହି ସବୁ ଭିଡିଓ ଅନ୍ତରୀଣ ପର୍ଯ୍ୟବେକ୍ଷଣ ପାଇଁ ଉଦ୍ଦିଷ୍ଟ ଥାଏ। କିନ୍ତୁ ନିର୍ବାଚନ ସମ୍ବନ୍ଧିତ ଶୁଣାଣି ସମୟରେ ଯଦି କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ଏହାକୁ ସେୟାର କରାଯିବ ବୋଲି ଇସିଆଇଙ୍କ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଜବାବ ଦିଆଯାଇଛି।

ଉଦାହରଣ ଦେଇ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଯଦି କୌଣସି ରାଜନୈତିକ ଦଳକୁ ଏକ ବୁଥ୍‌ରେ କମ୍ ଭୋଟ ମିଳେ ତେବେ ସେହି ଦଳ ସିସିଟିଭି ଫୁଟେଜ ଆଧାରରେ କିଏ ଭୋଟ ଦେଇଛି ଏବଂ କିଏ ଦେଇନି ତାହା ସହଜରେ ଚିହ୍ନଟ କରିଦେବ। ଏହା ପରେ ଭୋଟ ଦେଇ ନ ଥିବା ଲୋକଙ୍କୁ ସମସ୍ୟାରେ ପକାଯାଇପାରେ। ଏହା ପୂର୍ବରୁ ଗତ ମାସରେ ନିର୍ବାଚନ ପ୍ରକ୍ରିୟାରେ ୪୫ ଦିନ ପରେ ୱେବକାଷ୍ଟିଂ ଏବଂ ଭିଡିଓ ଫୁଟେଜକୁ ନଷ୍ଟ କରିବା ପାଇଁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ଅବଧି ଭିତରେ କେହି ଫଳାଫଳକୁ କୋର୍ଟରେ ବିରୋଧ କରିନାହାନ୍ତି ତେବେ ତାହାକୁ ନଷ୍ଟ କରିବାକୁ କହିଥିଲେ।

ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକା ମାଗିଲେ ମେସିନ-ରିଡାବୁଲ ଫର୍ମାଟ ଦେବନାହିଁ ବୋଲି କହୁଛନ୍ତି। ଆଇନ ବଦଳାଇ ସିସିଟିଭି ଫୁଟେଜକୁ ଛପାଇ ଦେଇଛନ୍ତି। ଏବେ ନିର୍ବାଚନର ଫଟୋ ଏବଂ ଭିଡିଓକୁ ବର୍ଷେ ନୁହେଁ, ବରଂ ୪୫ ଦିନରେ ନଷ୍ଟ କରିଦେବେ। ଯାହାଠାରୁ ଜବାବ ଚାହୁଁଥିଲୁ ସେ ପ୍ରମାଣ ନଷ୍ଟ କରୁଛନ୍ତି। ମ୍ୟାଚ୍ ଫିକ୍ସ ହୋଇଯାଇଛି ବୋଲି ସ୍ପଷ୍ଟ ଦେଖାଯାଉଛି। ଫିକ୍ସ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିପଦ। ଏହା ପରେ ନିର୍ବାଚନ କମିଶନଙ୍କ ଜବାବ ଆସିଥିଲା। ଏହାକୁ ଉତ୍ତର ଦେଇ ରାହୁଲ କହିଥିଲେ ଯେ ସାମ୍ବିଧାନିକ ସଂସ୍ଥା ଭାବେ ଗୁରୁତର ପ୍ରଶ୍ନର ଉତ୍ତର ଏଭଳି ଭାବେ ଦିଆଯାଏ ନାହିଁ। ଯଦି କିଛି ଲୁଚାଇବାକୁ ନାହିଁ ତେବେ ମୋ ପ୍ରଶ୍ନର ଉତ୍ତର ଦେଇ ପ୍ରମାଣ ରଖନ୍ତୁ ବୋଲି ରାହୁଲ କହିଥିଲେ।

## ଅଘଟଣରୁ ବର୍ତ୍ତିଲା ଆଉ ଏକ ଯାତ୍ରୀ ବିମାନ




- ସରିଗଲା ଇନ୍ଧନ, ପାଇଲଟ୍‌ଙ୍କ ମେଡେ କଲ୍
- ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପାଖାପାଖି ଗୋଟିଏ ସପ୍ତାହ ପରେ ଆଉଏକ ବିମାନର ପାଇଲଟ୍ ମେଡେ କଲ୍ କରିଛନ୍ତି। ଗୌହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଏହି ଇମର୍ଜେନ୍ସି କଲ୍ କରିଥିଲେ। ଜୁନ୍ ୧୯ରେ ଏହି ଘଟଣା ଘଟିଛି। ବିମାନରେ ଇନ୍ଧନ କମ୍ ଥିବା ଜାଣିପାରି ପାଇଲଟ ଏୟାର ଟ୍ରାଫ୍ କଣ୍ଟ୍ରୋଲ (ଏଟିସି)କୁ କଲ୍ କରିଥିଲେ। ବିମାନରେ ପାଇଲଟଙ୍କ ଜରୁରୀକାଳୀନ କଲ୍‌କୁ ମେଡେ କୁହାଯାଇଥାଏ। ଫଳରେ ଏହି ବିମାନକୁ ତୁରନ୍ତ ବେଙ୍ଗାଲୁରୁ ଏୟାରପୋର୍ଟରେ ଅବତରଣ କରାଯାଇଥିଲା। ଗୌହାଟୀରୁ ଟେକ୍‌ଅଫ୍ କରିବା ପରେ ଏହି ବିମାନରେ ଇନ୍ଧନ ପର୍ଯ୍ୟାପ୍ତ ପରିମାଣର ନଥିଲା ବୋଲି ପାଇଲଟ୍ ଜାଣିବାକୁ ପାଇଥିଲେ। ଫଳରେ ବିମାନକୁ ଚେନ୍ନାଇ ବଦଳରେ ବେଙ୍ଗାଲୁରୁ ଯାଇଥିଲା। ଏହି ବିମାନରେ ୧୬୮ ଜଣ ଯାତ୍ରୀ ଥିଲେ। ବେଙ୍ଗାଲୁରୁ ବିମାନ ବନ୍ଦରରେ ଇନ୍ଧନ ଭରିବା ପରେ ଏହି ବିମାନ ଚେନ୍ନାଇ ଯାତ୍ରା କରିଥିଲା। ଏହି ପାଇଲଟ୍‌ଙ୍କୁ ବର୍ତ୍ତମାନ ପାଇଁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଉଲ୍ଲେଖଥାଉ କି, ମେଡେ ହେଉଛି ଏକ ଫ୍ରେଞ୍ଚ୍ ଶବ୍ଦ। ଏହାର ଅର୍ଥ ମୋତେ ବଞ୍ଚାଅ ବା ରକ୍ଷାକର।

# ଟ୍ରମ୍ପଙ୍କୁ ନୋବେଲ ପାଇଁ ପାକ୍ ଯୁକ୍ତି ପଛର ରହସ୍ୟ

ଇସଲାମାବାଦ, ୨୧।୬: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚଳିତ ବର୍ଷ ଲାଗି ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛି ପାକିସ୍ତାନ। ପାକିସ୍ତାନ ଏଭଳି ଦାବି କରୁଥିବାରୁ ଏହାର ସେନା ଅଧ୍ୟକ୍ଷ ଜେନେରାଲ ଅସିମ ମୁନିରଙ୍କୁ ହ୍ୱାଇଟ୍ ହାଉସ୍ ଡାକି ଟ୍ରମ୍ପ ମଧ୍ୟାହ୍ନ ଭୋଜନର ଆୟୋଜନ କରିବା ମଧ୍ୟ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମେ ଟ୍ରମ୍ପଙ୍କ ସପକ୍ଷରେ ଏଭଳି ଯୁକ୍ତି ରଖିଥିଲେ ଜେନେରାଲ ମୁନିର। ଏହାପରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଯୁକ୍ତି କରିଛନ୍ତି। ଆଜି ପାକିସ୍ତାନ ସରକାର ଆଉ ଗୋଟିଏ ପାଦ ଆଗକୁ ଯାଇ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଦିଆଯାଉ ବୋଲି ସୁପାରିସ କରିଛନ୍ତି।

ଏହାକୁ ନେଇ ପାକିସ୍ତାନ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନର ଅନେକ ପୂର୍ବତନ କୁଟନୀତିଜ୍ଞ ଏବଂ ସାମାଜିକ କର୍ମୀ ସରକାରଙ୍କର ଏଭଳି ଆଭିମୁଖ୍ୟର ତୀବ୍ର ସମାଲୋଚନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଗାଜାରେ ଇସ୍ରାଏଲ ଗଣହତ୍ୟା ଚଳାଇଛି ଏବଂ ଏହାକୁ ଟ୍ରମ୍ପ ଖୋଲାଖୋଲି ସମର୍ଥନ କରୁଛନ୍ତି। ପୂର୍ବରୁ ଗାଜା ନରସଂହାରକୁ ନିନ୍ଦା କରିଥିବା ପାକିସ୍ତାନ କିଭଳି ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୁକ୍ତି କରୁଛି। ପୁଣି ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ମଧ୍ୟ ଟ୍ରମ୍ପ କେବଳ ସମର୍ଥନ କରୁନାହାନ୍ତି, ଇରାନ ଉପରେ ଆମେରିକା ଆକ୍ରମଣ କରିବ ବୋଲି କହୁଛନ୍ତି। ହିଂସା ଓ ନରସଂହାରରେ ବିଶ୍ୱାସ କରୁଥିବା ଜଣେ ରାଷ୍ଟ୍ର ନେତାଙ୍କୁ ନୋବେଲ ପୁରସ୍କାର ପାଇଁ ପାକିସ୍ତାନ ପ୍ରସ୍ତାବ ଦେବା ନିନ୍ଦନୀୟ ବୋଲି ସେମାନେ କହିଛନ୍ତି। ପର୍ବୂତନ କୂଟନୀତିଜ୍ଞ ତଥା ସାମାଜିକ କର୍ମୀ ମଲିହା ଲୋଧି ଏବଂ ସିନେଟର ଅଲ୍ଲମା ରଜା ନସିରଙ୍କ ସମେତ ଅନେକ ସାମାଜିକ କର୍ମୀ ଏଭଳି ମତ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱ ବିଦେଶ ନୀତି ବିଶେଷଜ୍ଞ




ଡେରେକ୍ ଗ୍ରସମ୍ୟାନ୍ କହିଛନ୍ତି ଯେ ବିଶ୍ୱ ଦରବାରରେ ପାକିସ୍ତାନର ଯାହା କିଛି ସମ୍ମାନ ଥିଲା, ତାହା ଏଭଳି ନୋବେଲ ଦାବି ଯୋଗୁଁ କ୍ଷୁଣ୍ଣ ହୋଇଛି।

ଅନ୍ୟପକ୍ଷରେ ପାକିସ୍ତାନ ସରକାରଙ୍କର ଯୁକ୍ତି ହେଉଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ମିଳିବା ଉଚିତ। ଟ୍ରମ୍ପ ମଧ୍ୟ ବାରମ୍ବାର କହି ଆସୁଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସେ ଅସ୍ତ୍ରବିରତି କରାଇଥିଲେ। କିନ୍ତୁ ସେ ଶ୍ରେୟ ନେବାକୁ ଚାହାନ୍ତି। ଅନ୍ୟପକ୍ଷରେ ଭାରତ ସରକାର କହିଆସୁଛନ୍ତି ଯେ ଅସ୍ତ୍ରବିରତିରେ ତାଙ୍କର କୌଣସି ଭୂମିକା ନାହିଁ। ପାକିସ୍ତାନୀ ସେନା ଅନୁରୋଧ କରିବାରୁ ଭାରତ ଅପେରସନ ସିନ୍ଦୂରକୁ ଅଟକାଇଛି। ତଥାପି ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଶ୍ରେୟ ନିଜ ଉପରକୁ ନେବା ଏବଂ ତାଙ୍କୁ ପାକିସ୍ତାନ ପ୍ରଶଂସା କରିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ କୁଟନୈତିକମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଅନେକ ବିଦେଶ ନୀତି ବିଶାରଦଙ୍କ ମତେରେ ପାକିସ୍ତାନର ଏଭଳି ଟ୍ରମ୍ପ ପ୍ରଶଂସା ପଛରେ ଭିନ୍ନ ଉଦ୍ଦେଶ୍ୟ ରହିଛି ଏବଂ ତାହା ହେଉଛି କଶ୍ମୀର ପ୍ରସଙ୍ଗ। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପରେ ଟ୍ରମ୍ପ କହିଥିଲେ ଯେ କଶ୍ମୀର ବିବାଦର ସମାଧାନ କ୍ଷେତ୍ରରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ଟ୍ରମ୍ପଙ୍କ ଏହି ପ୍ରସ୍ତାବ କଶ୍ମୀର ବିବାଦକୁ ବିଶ୍ୱ ସ୍ତରକୁ ନେବାରେ ପାକିସ୍ତାନକୁ ଖୋରାକ ଯୋଗାଇଛି। ତେଣୁ ଭାରତକୁ ଅଡୁଆରେ ପକାଇବା ଲାଗି ପାକିସ୍ତାନ ଏହାକୁ ସୁବର୍ଣ୍ଣ ସୁଯୋଗ ବୋଲି ଧରିନେଇଛି। କେବଳ କଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବା ଲାଗି ଟ୍ରମ୍ପଙ୍କୁ ନୋବେଲ ପାଇଁ ସୁପାରିସ କରିବା ପଛରେ ଏହା ହେଉଛି ପାକିସ୍ତାନର ଅସଲି ଚାଲ ବୋଲି ସେମାନେ ମତ ଦେଇଛନ୍ତି।

## ଅହମଦାବାଦ୍ ଦୁର୍ଘଟଣା : ତିନି ଅଧିକାରୀଙ୍କୁ ହଟାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏକ କଡ଼ା ପଦକ୍ଷେପ ନେଇଛି। ଡିଜିସିଏ ଏୟାର ଇଣ୍ଡିଆର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଡିଜିସିଏ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୂଡା ସିଂ, କ୍ରୁ ଶେଡଲିଂ କରୁଥିବା ଚିଫ୍ ମ୍ୟାନେଜର ପିଙ୍କି ମିତ୍ତଲ ଓ କ୍ରୁ ଶେଡ୍‌ଲିଂ ପ୍ଲାନିଂ କରୁଥିବା ପାୟଲ ଆରୋଡାଙ୍କୁ ଦାୟିତ୍ୱରୁ ହଟାଇଛି। ଆଭିଏସନ ସେଫ୍ଟି ପ୍ରୋଟୋକଲର ଗମ୍ଭୀର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ଡିଜିସିଏର ନିର୍ଦ୍ଦେଶକୁ ଯଥାଶୀଘ୍ର ଲାଗୁ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏବେ କମ୍ପାନୀର ଚିଫ୍ ଅପରେସନାଲ ଅଧିକାରୀ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ ଅପରେସନ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି। ଶୁକ୍ରବାର ଏହି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ଜୁନ୍ ୧୨ରେ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିବା ଏଆଇ-୧୭୧ ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଫଳରେ ବିମାନ ଏକ ମେଡିକାଲ କଲେଜ ହଷ୍ଟେଲ୍ ଛାତରେ ମାଡ଼ ହୋଇଥିଲା। ଏଥିରେ ମୋଟ୍ ଉପରେ ୨୭୦ଜଣ ଲୋକ ପ୍ରାଣ ହରାଇଥିଲେ।

# ନଡ଼ିଆ ଷଢ଼େଇର କାରିଗର ଉଦ୍ୟୋଗୀ ମାରିଆ

ନଡ଼ିଆକୁ ଶୁଭ ଫଳ ବୋଲି କୁହାଯାଏ । ଏହାର ପ୍ରତ୍ୟେକ ଅଂଶର ଗୁରୁତ୍ୱ ରହିଛି । ସେହିପରି ନଡ଼ିଆ କତାରୁ ପାପୋଛ, ଘର ସାଜଉପକରଣ ଆଦି ପ୍ରସ୍ତୁତ କରାଯାଏ । ହେଲେ ଅଧିକାଂଶ ଲୋକେ ନଡ଼ିଆକୁ ବ୍ୟବହାର କରି ସାରିବା ପରେ ଏହାର ଷଢ଼େଇକୁ ଆବର୍ଜନା ତଥା ଅଦରକାରୀ କହି ଏଣେତେଣେ ଫୋପାଡ଼ି ଦିଅନ୍ତି, କିନ୍ତୁ ଏହି ଅଦରକାରୀ ଷଢ଼େଇକୁ ସଂଗ୍ରହ କରି ସେଥିରୁ ଭଳିକି ଭଳି ଘରକରଣା ଜିନିଷ ପ୍ରସ୍ତୁତ କରି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି, କେରଳର ମାରିଆ କୁରିଆକୋସ । ସେ ଏହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାର ଦେଇଛନ୍ତି ।






### ବ୍ୟବସାୟ ପ୍ରତି ଆଗ୍ରହ

ମାରିଆ କୁରିଆକୋସ କେରଳ ତ୍ରିଶୂରରେ ରୁହନ୍ତି । ସେ ୨୦୧୬ ମସିହାରେ ଅର୍ଥଶାସ୍ତ୍ରରେ ସ୍ନାତକ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ । ପାଠପଢ଼ା ପରେ ସେ ଏକ କର୍ପୋରେଟ୍ କମ୍ପାନୀରେ ଚାକିରି କରୁଥିଲେ; କିନ୍ତୁ ଚାକିରିରେ ତାଙ୍କୁ ସନ୍ତୋଷ୍ଟି ମିଳି ନ ଥିଲା । ସେ କିଛି ଭିନ୍ନ ତଥା ନୂଆ କରିବାକୁ ଚାହୁଁଥିଲେ । ଏଥିପାଇଁ ୨୦୧୯ ମସିହାରେ ଚାକିରି ଛାଡ଼ି ସେ ବ୍ୟବସାୟ କରିବାକୁ ଭାବିଥିଲେ । ଏ ନେଇ ବହୁ ଗବେଷଣା କରିଥିଲେ । ତ୍ରିଶୂରରେ ନଡ଼ିଆ ତେଲ ପ୍ରସ୍ତୁତ ହେଉଥିବା ମିଲ୍‌କୁ ସେ ବୁଲିବାକୁ ଯାଇଥିଲେ । ସେଠାରେ ନଡ଼ିଆରୁ ତେଲ ପ୍ରସ୍ତୁତ ପରେ ପଡ଼ି ରହୁଥିବା ଷଢ଼େଇକୁ ସେ ଦେଖିଥିଲେ । ସେହି ଷଢ଼େଇକୁ ଉପଯୋଗ କରି ସେଥିରୁ ଘରକରଣା ସହ ଘରସଜ୍ଜା ଉପକରଣ ତିଆରି କରିବାକୁ ସ୍ଥିର କରିଥିଲେ ।

### ୨୦୧୯ ରେ ଆରମ୍ଭ 'ଥେଙ୍ଗା କୋକୋ'

ମଲୟାଲମରେ ଥେଙ୍ଗା ଶବ୍ଦର ଅର୍ଥ ନଡ଼ିଆ । ମାରିଆ କୁରିଆକୋସ ୨୦୧୯ ମସିହାରେ 'ଥେଙ୍ଗା କୋକୋ' ନାମରେ ଏକ ବ୍ୟବସାୟ ଆରମ୍ଭ କରିଥିଲେ । ଏଥିରେ ସେ ନଡ଼ିଆ ଷଢ଼େଇକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ । ପରବର୍ତ୍ତୀ ସମୟରେ ବହୁ ପରୀକ୍ଷା ନିରୀକ୍ଷା କରି ସେ ଷଢ଼େଇକୁ ଉପଯୋଗ କରି ରୋଷେଇ ସମାଗ୍ରୀ ଯଥା - କପ୍, ପିଠାଖଡ଼ିକା, ଡଙ୍କି, ଗିନା, ଥାଳି ଆଦି ପ୍ରସ୍ତୁତ କରିଥିଲେ । ଏଥିସହ ଗୃହ ସାଜପୋକରଣ ଫୁଲଦାନି, ଧୂପକାଠି ଦାନୀ, କଳସ, ମହମବତୀ, ଝୁମର୍ ଆଦି ଭଳିକି ଭଳି ଜିନିଷ ତିଆରି କରିଥିଲେ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହି ଜିନିଷର ଚାହିଦା ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ସେ ଅନ୍ୟ ମହିଳାଙ୍କୁ ନିୟୋଜିତ କରି ସାମଗ୍ରୀ ପ୍ରସ୍ତୁତ କରିଥିଲେ ।

### ପ୍ରାକୃତିକ ଜିନିଷରେ ତିଆରି


ମାରିଆ ନଡ଼ିଆ ଷଢ଼େଇରୁ ନିର୍ମିତ ଉତ୍ପାଦଗୁଡ଼ିକରେ କୌଣସି ରାସାୟନିକ ଜିନିଷ ବ୍ୟବହାର କରୁ ନ ଥିଲେ । ସେ କେବଳ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ଏହି ସାମଗ୍ରୀ ପ୍ରସ୍ତୁତ କରିଥିଲେ । ଷଢ଼େଇ ନିର୍ମିତ ଜିନିଷରେ ଚମକ ଆଣିବା ପାଇଁ ସେ ନଡ଼ିଆ ତେଲ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ଜିନିଷ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦିଶିଥାଏ । ସେ ପ୍ରଥମେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲେ । ଦେଖୁ ଦେଖୁ ବ୍ୟବସାୟ ବୃଦ୍ଧି ହେଲା । ଏବେ ଥେଙ୍ଗା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ପାଲଟିଛି ।

### ବିଦେଶରେ ରହିଛି ଚାହିଦା

ନଡ଼ିଆ ଷଢ଼େଇରୁ ନିର୍ମିତ ଜିନିଷ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି । ସ୍ପେନ୍, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଭଳି ଦେଶରେ ଏହି ବ୍ୟବସାୟ ଲୋକପ୍ରିୟ ହୋଇଛି । ଏବେ ଏହି କମ୍ପାନୀରେ ୪୦ରୁ ଅଧିକ ମହିଳା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି ।

# ଚଷମା ପିନ୍ଧୁଥିଲେ, ଏପରି କରନ୍ତୁ ମେକ୍‌ଅପ୍

ଅନେକ ମହିଳା ଆଖିକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ତଥା ଷ୍ଟାଇଲ୍ ପାଇଁ ଚଷମା ପିନ୍ଧିଥାନ୍ତି । ଅବଶ୍ୟ ଏହା ବ୍ୟକ୍ତିତ୍ୱକୁ ସୁନ୍ଦର କରିଥାଏ । ତେବେ ଚଷମା ପିନ୍ଧୁଥିବା ମହିଳାମାନେ ମେକ୍‌ଅପ୍ କରିବା ସମୟରେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।



### ଭ୍ରୂଲତା ପ୍ରତି ଧ୍ୟାନ ଦିଅନ୍ତୁ

ଭ୍ରୂଲତାରେ ପେନ୍‌ସିଲ୍ କିମ୍ବା ପାଉଡର୍ ଲଗାଇ ଏକ ଆକାର ଦିଅନ୍ତୁ । ଏହା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆଖିକୁ ଆକର୍ଷଣୀୟ କରିଥାଏ ।

### ମ୍ୟାଟ୍ ଫାଉଣ୍ଡେସନ୍

ସାଧାରଣତଃ ଚଷମା ଲଗାଇଲେ ଏହା ନାକ ପାଖରେ ଅଟକି ଥାଏ । ଏହାଦ୍ୱାରା ଫାଉଣ୍ଡେସନ୍, କନ୍‌ସିଲର୍ ବାହାରି ଯିବାର ଆଶଙ୍କା ଥାଏ । ତେଣୁ ଏହାକୁ ରୋକିବା ପାଇଁ ହାଲୁକା ମ୍ୟାଟ୍ ଫାଉଣ୍ଡେସନ୍ ଲଗାଇପାରିବେ ।

### ଆଖି ହାଇଲାଇଟ୍

ସେହିପରି ଚଷମା ଫ୍ରେମ୍ ଅନୁଯାୟୀ ଆଖି ମେକ୍‌ଅପ୍ କରିବା ଭଲ । ଫ୍ରେମ୍ ପତଳା ଥିଲେ ପତଳା ସେପ୍‌ରେ ଆଇ ଲାଇନର୍ ଲଗାନ୍ତୁ । ସେହିପରି ମୋଟା ଫ୍ରେମ୍ ଥିଲେ, ମୋଟା ଆଇଲାଇନର୍ ଲଗାଇପାରିବେ । ଏହା ଦ୍ୱାରା ଆଖି ବଡ଼ ଓ ସୁନ୍ଦର ଦିଶିଥାଏ ।

### ବୋଲ୍‌ଡ ଲିପ୍‌ଷ୍ଟିକ୍

ଆଖି ମେକ୍‌ଅପ୍ କରିବାକୁ ଚାହୁଁ ନ ଥିଲେ, ଓଠରେ ବୋଲ୍‌ଡ ଲିପ୍‌ଷ୍ଟିକ୍ ଲଗାଇପାରିବେ । ଏହା ଦ୍ୱାରା ଲୁକ୍ ବାଲାନ୍ସ ହୋଇଥାଏ ।

### ପ୍ରାଇମର୍ ସେଟିଙ୍ଗ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ପାଇଁ ଆଖି ପ୍ରାଇମର୍ ତଥା ସେଟିଙ୍ଗ ସ୍ପ୍ରେ ବ୍ୟବହାର କରିପାରିବେ ।

# ଶୁଷ୍କ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୁଷ୍କ ତଥା ରୁକ୍ଷ ତ୍ୱଚାକୁ ସତେଜ କରିବା ପାଇଁ ମହିଳାମାନେ ଟୋନର୍ ଲଗାଇଥାନ୍ତି । କିନ୍ତୁ ବଜାରରେ ମିଳୁଥିବା ଟୋନର୍‌ରେ ବହୁ ରସାୟନିକ ଉପାଦାନ ରହିଥାଏ । ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ଚାହିଁଲେ ଘରେ ଥିବା ପ୍ରାକୃତିକ ଜିନିଷକୁ ଉପଯୋଗ କରି ଟୋନର୍ ପ୍ରସ୍ତୁତ କରିପାରିବେ । ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିବା ସହ ଚମକ ଆଣିଥାଏ । ଜାଣିବା ସେ ବିଷୟରେ...

### ଗୋଲାପ ଜଳ ଓ ଗ୍ଲିସେରିନ୍

ଗୋଲାପଜଳ ତ୍ୱଚାକୁ ଥଣ୍ଡା ରଖୁଥିବା ବେଳେ, ଗ୍ଲିସେରିନ୍ ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ । ତେଣୁ ଏହାକୁ ମିଶାଇ ଟୋନର୍ ପ୍ରସ୍ତୁତ କରିପାରିବେ । ଏଥିପାଇଁ ଗୋଟିଏ ପାତ୍ରରେ ତିନିଚାମଚ ଗୋଲାପଜଳ ଓ ଏକ ଚାମଚ ଗ୍ଲିସେରିନ୍ ମିଶାଇ ଏକ ବୋତଲରେ ରଖନ୍ତୁ । ଏହାକୁ ମୁହଁ ଧୋଇବା ପରେ ଲଗାନ୍ତୁ ।

### କାକୁଡ଼ି – ଆଲୋଭେରା

କାକୁଡ଼ି, ଆଲୋଭେରା ତ୍ୱଚାକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ । ଏହି ଟୋନର ପ୍ରସ୍ତୁତ କରିବା ପାଇଁ ଫାଳେ କାକୁଡ଼ିକୁ ଗ୍ରେଟେଡ୍ କରି ସେଥିରେ ଦୁଇଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ତ୍ୱଚାରେ ଲଗାନ୍ତୁ ।

### ଗ୍ରୀନ୍-ଟି ଓ ନିମ୍ବ ପତ୍ର

ଗ୍ରୀନ୍- ଟିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ସେହିପରି ନିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ । ତେଣୁ ଗୋଟିଏ ପାତ୍ରରେ ପାଣି ଦେଇ ସେଥିରେ ଗ୍ରୀନ୍ ଟି ଓ ନିମ୍ବପତ୍ର ପକାଇ ଫୁଟାନ୍ତୁ । ଥଣ୍ଡା ହୋଇଯିବା ପରେ ଗୋଟିଏ ବୋତଲକୁ ଢାଳି ଦିଅନ୍ତୁ । ଏହାକୁ ପ୍ରତିଦିନ ତ୍ୱଚାରେ ଲଗାନ୍ତୁ ।



# କକ୍‌ଟେଲ୍ ରିଙ୍ଗ୍


ମହିଳାମାନେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି । ସମୟନୁସାରେ ଏଥିରେ ଭିନ୍ନତା ଦେଖିବାକୁ ମିଳିଥାଏ । ସେହିପରି ଏବେ ଟ୍ରେଣ୍ଡରେ ରହିଛି କକ୍‌ଟେଲ୍ ରିଙ୍ଗ୍ । ଏଥିରେ ଉଭୟ ଆଧୁନିକ ଓ ପାରମ୍ପରିକ ଟଚ୍ ରହିଛି । ଏବର ମହିଳାଙ୍କ ମଧ୍ୟରେ ଏହି ରିଙ୍ଗର ଖୁବ୍ ଚାହିଦା ରହିଛି । ଜାଣିବା ସେ ବିଷୟରେ...



- ବର୍ତ୍ତମାନ ସମୟରେ କକ୍‌ଟେଲ୍ ରିଙ୍ଗ୍ ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହା ବଜେଟ୍ ଅନୁସାରେ ଭିନ୍ନ ଡିଜାଇନର ମିଳିଥାଏ । ନିଜ ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ, ଏହି ରିଙ୍ଗ୍ ପିନ୍ଧିପାରିବେ ।
- ସେହିପରି ରୟାଲ୍ କକ୍‌ଟେଲ୍ ରିଙ୍ଗ୍ ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ମାନିଥାଏ । ସେହିପରି କାଜୁଆଲ୍ ଆଉଟ୍‌ଫିଟ୍‌ରେ ଏହାକୁ କ୍ୟାରି କଲେ ଏକ ବୋଲ୍‌ଡ ଲୁକ୍ ମିଳିଥାଏ ।
- ଟ୍ରାଇବାଲ୍ କକ୍‌ଟେଲ୍ ରିଙ୍ଗ୍‌କୁ ସମସ୍ତେ ପିନ୍ଧିପାରିବେ । କାଜୁଆଲ୍ ଲୁକ୍‌କୁ ଏହି ଡିଜାଇନ୍ ଭଲ ମାନିଥାଏ । ଅଫିସିଆଲ୍ ଲୁକ୍‌ରେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ ।

# ଶରୀର ଦୁର୍ଗନ୍ଧ ଦୂର କରନ୍ତୁ...

ବର୍ଷାଦିନେ ଆର୍ଦ୍ରତା ଯୋଗୁଁ ଝାଳ ଅଧିକ ବୋହିଥାଏ । ଫଳରେ ଦେହରୁ ଦୁର୍ଗନ୍ଧ ବାହାରେ । ତେବେ ଏହି ଝାଳ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ କେତେକ ଘରୋଇ ଉପାୟକୁ ଆପଣାଇପାରିବେ ।



- ଶରୀର ଦୁର୍ଗନ୍ଧ ଦୂର କରିବାର ସୁବଠୁ ଭଲ ଉପାୟ ହେଉଛି, ଗୋଲାପ ଜଳ । ଗୋଧାଇବା ପାଣିରେ ଗୋଲାପ ଜଳ ମିଶାନ୍ତୁ । ଏହା ଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହେବ ।
- ଶରୀରର ଯେଉଁ ଅଂଶରୁ ଦୁର୍ଗନ୍ଧ ଆସୁଛି, ସେହି ସ୍ଥାନରେ ଆଳୁକୁ ବ୍ୟବହାର କରିପାରିବେ । ଆଳୁକୁ କାଟି ଶରୀର ଦୁର୍ଗନ୍ଧ ହେଉଥିବା ସ୍ଥାନରେ ଘଷିଲେ ସମସ୍ୟା ଦୂର ହୁଏ ।
- ଗାଧୋଇବା ପାଣିରେ ଫିଟିକିରି ମିଶାଇପାରିବେ । ଏଥିରେ କିଛି ପୋଦିନା ପତ୍ର ମଧ୍ୟ ବାଟି ପକାଇପାରିବେ ।
- ଗୋଲାପ ଜଳରେ ଟି-ଟ୍ରି ଅଏଲ୍ ମିଶାଇ କାଖରେ ଲଗାଇଲେ ଦୁର୍ଗନ୍ଧ ବାହାରି ନ ଥାଏ ।
- ସେହିପରି ବେକିଂ ସୋଡାରେ ପାଣି ମିଶାଇ ସେଥିରେ ଲେମ୍ବୁ ରସ ମିଶାନ୍ତୁ । ଦଶ ମିନିଟ୍ ପର୍ଯ୍ୟନ୍ତ କାଖରେ ଲଗାଇ ଧୋଇ ଦିଅନ୍ତୁ । ଝାଳ ଦୁର୍ଗନ୍ଧ ଦୂର ହେବ ।

# ଅଣ୍ଡା କୋର୍‌ମା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ସିଝା ଅଣ୍ଡା - ଚାରୋଟି, କଟା ପିଆଜ - ଏକ କପ୍, ଅଦାରସୁଣ ପେଷ୍ଟ - ଏକ ଚାମଚ, କାଜୁ - ଚାରି, ପାଞ୍ଚଟି, ଦହି - ଅଧା କପ୍, ହଳଦୀ ଗୁଣ୍ଡ - ଏକ ଚାମଚ, ଲଙ୍କା ଗୁଣ୍ଡ - ଏକ ଚାମଚ, ଜିରା ଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ- ଏକ ଚମଚା, ଗରମମସଲା- ଏକ ଚାମଚ, ଡାଲଚିନି - ଛୋଟ ଖଣ୍ଡେ, ଜିରା - ଅଳ୍ପ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଏହାପରେ କଟା ପିଆଜ ଦେଇ ଭାଜନ୍ତୁ । ପିଆଜ ନାଲି ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ଜାର୍‌ରେ ପିଆଜ, କାଜୁ, କଞ୍ଚାଲଙ୍କା, ଦହି ଦେଇ ବାଟନ୍ତୁ । ଏହାପରେ ଚୁଲାରେ କଡ଼େଇ ବସେଇ ତେଲ ଦେଇ ହଳଦୀ, ଲଙ୍କା ଗୁଣ୍ଡ ପକାଇ ସିଝାଅଣ୍ଡା ଭାଜନ୍ତୁ । ଭାଜି ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ସେହି କଡ଼େଇରେ ଅଳ୍ପ ତେଲ ଦେଇ ଡାଲଚିନି, ଜିରା, ଅଦାରସୁଣ ପେଷ୍ଟ ପକାଇ ଲଙ୍କା, ହଳଦୀ, ଜିରା ଗୁଣ୍ଡ ପକାନ୍ତୁ । ଏହାପରେ ବାଟି ରଖିଥିବା ମସଲା ଦେଇ କଷନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଆବଶ୍ୟକ ଅନୁସାରେ ଲୁଣ ମିଶାଇ କିଛି ସମୟ ଘୋଡ଼ାଇ ଦିଅନ୍ତୁ । ଏହାପରେ ଭଜା ଅଣ୍ଡା ଦେଇ ଅଳ୍ପ ସମୟ ଘୋଡ଼େଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଅଣ୍ଡା କୋର୍‌ମା' ।



# ଅର୍ଗାନିକ ହେୟାର୍ କଲର୍‌ର ଫାଇଦା



ଅଧିକାଂଶ ମହିଳା ବଜାରର ମିଳୁଥିବା ରଙ୍ଗକୁ ବ୍ୟବହାର କରି ହେୟାର୍ କଲର୍ କରିଥାନ୍ତି । ହେଲେ ଏଥିରେ ଅଧିକ ମାତ୍ରାରେ ଆମୋନିଆ, ପେରକ୍ସାଇଡ୍ ଭଳି ରସାୟନ ରହିଥାଏ । ଯାହା କେଶକୁ ଦୁର୍ବଳ ଓ ରୁକ୍ଷ କରିଥାଏ ; କିନ୍ତୁ ପ୍ରାକୃତିକ ରଙ୍ଗରେ କୌଣସି ପ୍ରକାର ରସାୟନ ନଥାଏ । ଏହା କେଶକୁ ମଜଭୂତ କରି କେଶଝଡ଼ା ରୋକିଥାଏ ।

- ପ୍ରାକୃତିକ ରଙ୍ଗରେ ଅଁଳା, ମେହେନ୍ଦୀ ଭଳି ତତ୍ତ୍ୱ ରହିଥାଏ । ଏହା କେଶକୁ ରଙ୍ଗିନ୍ କରିବା ସହ ପୋଷଣ ଦେଇଥାଏ । ଏହା ଦ୍ୱାରା କେଶ ମଜଭୂତ ରହିଥାଏ ।
- ରସାୟନିକ ରଙ୍ଗ ଦ୍ୱାରା ଅନେକ ସମୟରେ କେଶମୂଳ କୁଣ୍ଡାଇ ହୋଇଥାଏ; କିନ୍ତୁ ପ୍ରାକୃତିକ ରଙ୍ଗ ନରମ ହୋଇଥାଏ । ଏହା କେଶମୂଳକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।
- ଏହା କହରା କେଶରେ ପ୍ରାକୃତିକ ଚମକ ଆଣିଥାଏ । ଏହା କେଶକୁ ଘନକଳା ଓ ମଜଭୂତ କରିଥାଏ ।
- ପ୍ରାକୃତିକ ରଙ୍ଗ ସର୍ବଦା ପରିବେଶ ଅନୁକୂଳ ହୋଇଥାଏ । ତେଣୁ ଏହା କେଶକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

■ ୯ ବର୍ଷରୁ କମ୍ ଜାତୀୟ ଚେସ୍

# ଓଡ଼ିଶାର ସାତ୍ତ୍ୱିକ ଚାମ୍ପିଅନ



**ଭୁବନେଶ୍ୱର, ୨୧।୬ (ସମିସ):** ଓଡ଼ିଶାର କୁନି ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଓପନ୍ ଚେସ୍ ପ୍ରତିଯୋଗିତାର ୩୮ତମ ସଂସ୍କରଣରେ ସାତ୍ତ୍ୱିକ ଟାଇଟଲ୍ ଜିତିଛନ୍ତି। ସେ ୧୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖନୀୟ କଥା ହେଉଛି, ସାତ୍ତ୍ୱିକ ଏଥିପୂର୍ବରୁ ୨୦୨୪ରେ ଇଟାଲୀରେ ଅନୁଷ୍ଠିତ ୮ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନସିପ୍‌ରେ ରୌପ୍ୟ ସଫଳତା ପାଇଥିଲେ। ବର୍ତ୍ତମାନ ତାଙ୍କର ରେଟିଂ ୧୮୭୫ ରହିଛି। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି ତାଙ୍କ ବାପା ସମ୍ବିତ ସ୍ୱାଇଁ, ମାଆ ସୋନମ ସ୍ୱାଇଁ ଓ ସାନ ଭାଇ ରିତ୍ୱିକଙ୍କ ସମେତ ପରିବାରରେ ଖୁସିର ଲହରି ଖେଳିଯାଇଛି।

# ଭାରତୀୟ ପୁରୁଷ ଓ ମହିଳା ହକିର ପରାଜୟ ଧାରା ଜାରି

**ଅନ୍ତୱର୍ପ, ୨୧।୬ (ଏଜେନ୍ସି):** ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୟୁରୋପ୍ ଗସ୍ତରେ ପରାଜୟ ଧାରା ଜାରି ରଖିଛନ୍ତି। ଶନିବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବେଲ୍‌ଜିୟମ ନିକଟରୁ ପରାଜୟର ସମ୍ମୁଖୀନ ହୋଇଥିଲେ। ୟୁରୋପ୍ ପର୍ଯ୍ୟାୟରେ ଭାରତୀୟ ପୁରୁଷ ଦଳର ଏହା କ୍ରମାଗତ ୭ମ ପରାଜୟ ଥିଲା। ସେହିଭଳି ମହିଳା ଦଳ କ୍ରମାଗତ ୫ଟି ମ୍ୟାଚରେ ହାରିଛି। ଏଫ୍ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ବିଭାଗରେ ଶନିବାର ରାତିରେ ଭାରତ ୩-୬ ଗୋଲ୍‌ରେ ବେଲ୍‌ଜିୟମ ନିକଟରୁ ମ୍ୟାଚ୍ ହାରିଯାଇଥିଲା। ଭାରତ ପକ୍ଷରୁ ଅମିତ୍ ରୋହିଦାସ, ମନଦୀପ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଚଳିତ ପ୍ରୋ ଲିଗ୍‌ରେ ଭାରତର ଏହା ୧୫ତମ ମ୍ୟାଚରୁ ୧୦ମ ପରାଜୟ ଥିଲା। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ମଧ୍ୟ ୧-୫ ଗୋଲ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଚଳିତ ୟୁରୋପ ଲେଗ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ୫ମ ପରଜାୟ। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ନିକଟରୁ ଦୁଇଥର ଲେଖାଏ ପରାସ୍ତ ହୋଇଥିଲା।

# କିଟ୍‌ରେ ଯୋଗଦିବସ ପାଳିତ



**ଭୁବନେଶ୍ୱର, ୨୧।୬ (ସମିସ):** ଏଗାରତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଯୋଗର ଉପକାରିତା ଉପରେ ମତ ରଖିଥିଲେ। ଏଥିସହ ନିରନ୍ତର ଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍‌ର ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ ସାଇନ୍ସର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

ଲିଡ୍ସ ଟେଷ୍ଟ ୨ୟ ଦିନ

# ପନ୍ତଙ୍କ ଶତକ ସତ୍ତ୍ୱେ ଭାରତ ୪୭୧ରେ ସୀମିତ

**ଲିଡ୍ସ, ୨୧।୬ (ଏଜେନ୍ସି):**

ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦ୍ୱିତୀୟ ଦିବସରେ ୱିକେଟ୍‌କିପର ଋଷଭ ପନ୍ତ ଦମ୍‌ଦାର ଶତକୀୟ ପାଳି ଖେଳିବାରୁ ଭାରତର ସ୍କୋର ୪୫୦ ରନ ଅତିକ୍ରମ କରିଥିଲା। ଭାରତୀୟ ପାଳିରେ ଏହା ୩ୟ ଶତକ ଥିଲା। ପୂର୍ବରୁ ପ୍ରଥମ ଦିବସରେ ଅଧିନାୟକ ଶୁବମନ ଗିଲ୍ ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ ରନର ଶତକୀୟ ପାଳି ଖେଳିଥିଲେ।

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଶେଷ ଖବର ସୁଦ୍ଧା ୩୭ ଓଭରରେ ଦୁଇ ୱିକେଟ୍ ହରାଇ ୧୫୧ ରନ ସଂଗ୍ରହ କରିଛି। ଓଲି ପୋପ୍ ୬୯ ଓ ଜୋ ରୁଟ୍ ୧୩ ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ପାଳିର ପ୍ରଥମ ଓଭରରେ ଓପନର୍ ଜାକ୍ କ୍ରାଉଲୀ ୪ ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ବେନ୍ ଡକେଟ୍ ୬୨ ରନ୍ କରି ବୁମରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଇଂଲଣ୍ଡ ଆହୁରି ୩୨୦ ରନ୍ ପଛରେ ରହିଛି।

## ୪୧ ରନରେ ଶେଷ ୭ ୱିକେଟ୍

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ଶନିବାର ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ଗିଲ୍ ୧୨୭ ଓ ପନ୍ତ ୬୫ ରନରୁ ଆଜି ସକାଳେ ସତର୍କତାର ସହ ବ୍ୟାଟିଂ କରିଥିଲେ। ତେବେ ଅଧିନାୟକ ଗିଲ୍ ନିଜ ସ୍କୋରରେ ଆଉ ୨୦ ରନ ଯୋଡ଼ି ସ୍ପିନର ସୋଏବ ବସିରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ୧୪୭ ରନର ପାଳିରେ ସେ ୧୯ ଚୌକା ଓ ଗୋଟିଏ ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ପନ୍ତଙ୍କ ସହ ୪ର୍ଥ ୱିକେଟ୍‌ରେ ଗିଲ୍ ୨୦୯ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା କରୁନ ନାୟାର ସମ୍ପୂର୍ଣ୍ଣ ନିରାଶ କରିଥିଲେ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା କରୁନ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍‌ସଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ପରେ ପରେ ପନ୍ତ ମଧ୍ୟ ୧୩୪ ରନ କରି ଦ୍ରୁତ ବୋଲର ଜୋଶ ଟଙ୍ଗ୍‌ଙ୍କ ପ୍ରଥମ ଶିକାର ବନିଥିଲେ। ପନ୍ତ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ୬ ଛକା ମାରିଥିଲେ। ଏହାପରେ ଭାରତୀୟ ନିମ୍ନକ୍ରମର ବ୍ୟାଟିଂ ବିଫଳତା ଯୋଗୁ ଦଳ ୪୭୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୧୧, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୧ ରନ ଲେଖାଏ କରିଥିବାବେଳେ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଷ୍ଟୋକ୍ ଓ ଟଙ୍ଗ ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏକଦା ୪୩୦ ରନରେ ୩ ୱିକେଟ୍ ହରାଇଥିବା ଭାରତ ପରବର୍ତ୍ତୀ ୪୧ ରନରେ ଶେଷ ୭ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ୫୦୦ ରନ ଅତିକ୍ରମ କରିବାର ସୁଯୋଗକୁ ଦଳ ହାତଛଡ଼ା କରିଥିଲା। ସେହିଭଳି ଟେଷ୍ଟ ମ୍ୟାଚର ଗୋଟିଏ ପାଳିରେ ୩ଟି ଶତକ ସହ ସର୍ବନିମ୍ନ ଦଳୀୟ ସ୍କୋର କରିବାରେ ଏହା ଏକ ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୩ଜଣ ବ୍ୟାଟର୍‌ଙ୍କ ଶତକ ସତ୍ତ୍ୱେ ୪୭୫ ରନରେ ସୀମିତ ରହିଥିଲା।



ଚାରୋଟି ଲେଖାଏଁ ୱିକେଟ୍ ନେଇଥିବା ଇଂଲଣ୍ଡର ଜୋଶ ଟଙ୍ଗ୍ ଓ ବେନ୍ ଷ୍ଟୋକ୍

### ୧୪୮ ବର୍ଷ ଟେଷ୍ଟ ଇତିହାସରେ ପ୍ରଥମ

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଭାରତୀୟ ପାଳିରେ ୩ଟି ଶତକ ଦେଖିବାକୁ ମିଳିଥିଲା। ଅଧିନାୟକ ଗିଲ୍ ସର୍ବାଧିକ ୧୪୭ ରନ କରିଥିବାବେଳେ ଉପ-ଅଧିନାୟକ ଋଷଭ ପନ୍ତ ୧୩୪ ରନର ପାଳି ଖେଳିଥିଲେ। ସେହିଭଳି ଓପନର୍ ଯଶସ୍ୱୀ ଜୟସ୍ୱାଲ ମଧ୍ୟ ୧୦୧ ରନ କରିଥିଲେ। ତେବେ ଟେଷ୍ଟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଲାଗି ଏକବିରଳ ଘଟଣା ଦେଖିବାକୁ ମିଳିଛି। ଟେଷ୍ଟ କ୍ରିକେଟ୍‌ରେ ପ୍ରଥମଥର ଲାଗି ଅଧିନାୟକ ଓ ଉପ-ଅଧିନାୟକ ଭାବେ ପଦାର୍ପଣ କରି ପ୍ରଥମ ପାଳିରେ ଶତକ ହାସଲ କରିବାରେ ଉଭୟ ଗିଲ୍ ଓ ପନ୍ତ ପ୍ରଥମ ଅଧିନାୟକ ଓ ଉପ-ଅଧିନାୟକ ଯୋଡ଼ି ହୋଇଛନ୍ତି। ଗିଲ୍ ଓ ପନ୍ତ ପ୍ରଥମଥର ଲାଗି ଯଥାକ୍ରମେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଓ ଉପ-ଅଧିନାୟକ ଭାର ଏହି ଟେଷ୍ଟରେ ସମ୍ଭାଳିଛନ୍ତି।

## ଶତକରେ ଧୋନିଙ୍କୁ ଟପିଲେ ଋଷଭ



ଶତକୀୟ ପାଳି ଅବସରରେ ଭାରତୀୟ ୱିକେଟ୍‌କିପର ଋଷଭ ପନ୍ତ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ପନ୍ତଙ୍କ ଏହା ୭ମ ଶତକ ଥିଲା। ଏଥିସହ ଭାରତୀୟ ୱିକେଟ୍‌କିପର ଭାବେ ଟେଷ୍ଟରେ ସର୍ବାଧିକ ଶତକ ଅର୍ଜନ କରିବାର ପନ୍ତ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ପଛରେ ପକାଇଦେଇଛନ୍ତି। ଧୋନି ୯୦ ଟେଷ୍ଟ ଖେଳି ୬ ଶତକ ଓ ୩୩ ଅର୍ଦ୍ଧଶତକ ହାସଲ କରିଥିଲେ। ପନ୍ତ କିନ୍ତୁ ନିଜର ୪୪ତମ ଟେଷ୍ଟ ମ୍ୟାଚରେ ୭ମ ଶତକ ଅର୍ଜନ କରିଛନ୍ତି। ଏଥିସହ ସେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ଭାରତୀୟ ୱିକେଟ୍‌କିପର ହୋଇଛନ୍ତି। ଏହି ତାଲିକାରେ ପନ୍ତ ଓ ଧୋନିଙ୍କ ପଛକୁ ରିଦ୍ଧିମାନ ଶାହ (୩ଟି ଶତକ) ୩ୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ୱିକେଟ୍‌କିପର ଭାବେ ଅଷ୍ଟ୍ରେଲିଆର ଆଦାମ ଗିଲ୍‌ଖ୍ରୀଷ୍ଟ ଶୀର୍ଷରେ ରହିଛନ୍ତି। ସେ ୧୭ଟି ଟେଷ୍ଟ ଶତକ ହାସଲ କରିଥିଲେ। ଆଣ୍ଡି ଫ୍ଲାୱାର (୧୨), ଲିସ୍ ଆମିସ୍ (୮), ଏବି ଡି ଭିଲର୍ସ (୭), ମ୍ୟାଟ୍ ପ୍ରାୟର (୭), କୁମାର ସାଙ୍ଗାକାରା (୭), ବିଜେ ୱାଟଲିଂ (୭) ଓ ପନ୍ତ (୭) ତାଲିକାରେ ପଛକୁ ସ୍ଥାନ ପାଇଛନ୍ତି।

# ଜୁନ ୨୩ରେ ଆଇଓସି ପାଳନ କରିବ 'ଲେଟ୍ସ ମୁଭ୍'

**ଭୁବନେଶ୍ୱର, ୨୧।୬ (ସମିସ):** ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ରିଲାଏନ୍ସ ଫାଉଣ୍ଡେସନ ସହ ସହଭାଗୀତାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ବିଶ୍ୱସ୍ତରୀୟ ଅଭିଯାନ 'ଲେଟ୍ସ ମୁଭ' ଜୁନ ୨୩ରେ ଭାରତରେ ପାଳିତ ହେବ। ଏହି ଦିନ ଅଲିମ୍ପିକ ଦିବସ ପଡୁଥିବାବେଳେ ଲେଟ୍ସ ମୁଭର ନୂତନ ସଂସ୍କରଣ 'ଲେଟ୍ସ ମୁଭ +୧' ସାରା ଦେଶରେ ପାଳନ କରାଯିବ। ସାରା ଦେଶର ଲୋକମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି ପାଇଁ କ୍ରୀଡ଼ାର ଶକ୍ତିକୁ ଅନୁଭବ କରିବା ଏବର୍ଷର ବିଷୟବସ୍ତୁ ରହିଛି। ଅଲିମ୍ପିକ ମୁଲ୍ୟବୋଧର ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଅଂଶ ଭାବରେ ସାରା ଦେଶର ସ୍କୁଲଗୁଡ଼ିକୁ ଏହି ଆନ୍ଦୋଳନରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ୧୪୫୦ ସ୍କୁଲର ପିଲା ଏଥିରେ ଭାଗନେଇ ଅଲିମ୍ପିଆନ ତଥା ପ୍ରସିଦ୍ଧ ତୀରନ୍ଦାଜ ଅତନୁ ଦାସ ଓ ଦୀପିକା କୁମାରୀଙ୍କ ସହ ଭାବବିନିମୟ କରିବାର ସୁଯୋଗ ପାଇବେ। ସେହିଭଳି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ରହିଥିବା ଓଡ଼ିଶା, ଆସାମ, ଚଣ୍ଡିଗଡ଼ରେ ଏଥର ୧୨ ନିୟୁତରୁ ଉର୍ଦ୍ଧ୍ୱ ସ୍କୁଲ ପିଲା ଭାଗନେବେ ବୋଲି ଆଶା କରାଯାଉଛି। ଏହି ଅବସରରେ ୨୦୦୮ ବେଜିଂ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା କହିଛନ୍ତି, 'ଚଣ୍ଡିଗଡ଼, ଓଡ଼ିଶା ଓ ଆସାମରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭାରତରେ ପ୍ରଥମଥର 'ଲେଟ୍ସ ମୁଭ' ଅଭିଯାନ ମାଧ୍ୟମରେ ଆମେ ଲକ୍ଷ୍ୟ ରଖିଛୁ କ୍ରୀଡ଼ା ଜରିଆରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା, ଉନ୍ନତି ଓ ସଶକ୍ତକରିପାରିବୁ।




# ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ନୀରଜଙ୍କ ବାଜିମାତ୍

**୮୮.୧୬ମିଟର ସହ ବର୍ଷର ପ୍ରଥମ ମେଜର୍ ଟାଇଟଲ୍**

**ପ୍ୟାରିସ୍,୨୧।୬(ଏଜେନ୍ସି):** ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ବାଜି ମାରିଛନ୍ତି। ୨୭ ବର୍ଷୀୟ ନୀରଜ ପ୍ରଥମ ରାଉଣ୍ଡରେ ୮୮.୧୬ ମିଟର ଜାଭେଲିନ୍ ଫିଙ୍ଗି ବିଜୟ ସୁନିଶ୍ଚିତ କରିଥିଲେ। ସେ ଜର୍ମାନୀର ଜିଲିଆନ ୱେବରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ୱେବେର ୮୭.୮୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ବ୍ରାଜିଲର ଲୁଇଜ୍ ମୌରିସିଓ ଡି ସିଲ୍‌ଭା ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ମେ ୧୬ରେ ଅନୁଷ୍ଠିତ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟରରେ ପ୍ରଥମଥର ପାଇଁ ୯୦ମି ପାର କରିଥିଲେ। ଏଥିରେ ସେ ୯୦.୨୩ ମିଟର ଥ୍ରୋ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୱେବର ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ଏବେ ପ୍ୟାରିସରେ ୱେବରଙ୍କଠାରୁ ନୀରଜ ମଧୁର ପ୍ରତିଶୋଧ ନେଇଛନ୍ତି। ଏଥିସହ ସେ ଚଳିତ ବର୍ଷ ପ୍ରଥମଥର ପାଇଁ କୌଣସି ମେଜର ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପୁଣି ଗତ ଦୁଇବର୍ଷ ମଧ୍ୟରେ ନୀରଜ ପ୍ରଥମଥର ପାଇଁ ଡାଏମଣ୍ଡ ଲିଗ୍‌ରେ ବିଜୟ ହାସଲ କରିଛନ୍ତି।




### ୩ଟି ପ୍ରୟାସ ଫାଉଲ ଥିଲା

ପ୍ୟାରିସ୍‌ରେ ୬ଟି ଥ୍ରୋରୁ ନୀରଜଙ୍କ ୩ଟି ଫାଉଲ୍ ଥିଲା। ସେ ପ୍ରଥମ ଥ୍ରୋରେ ହିଁ ୮୮.୧୬ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ୮୫.୧୦ ମିଟର ଥ୍ରୋ କରିଥିଲେ। ଏହାପରେ ତୃତୀୟ, ଚତୁର୍ଥ ଓ ୫ମ ରାଉଣ୍ଡ ଥ୍ରୋ ଫାଉଲ ଥିଲା। ଅନ୍ତିମ ତଥା ଷଷ୍ଠ ପ୍ରୟାସରେ ସେ ୮୨.୮୯ ମିଟର ଥ୍ରୋ କରିଥିଲେ। ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ୨୦୨୨ରେ ସେ ଚାମ୍ପିଅନ, ୨୦୨୩ ଓ ୨୦୨୪ରେ ରନର୍ସଅପ୍ ହୋଇଥିଲେ। ବେଙ୍ଗାଲୁରୁରେ ଜୁଲାଇ ୫ରେ ଆୟୋଜନ ହେବାକୁ ଯାଉଥିବା ନୀରଜ ଚୋପ୍ରା କ୍ଲାସିକ୍ ଜାଭେଲିନ୍ ଥ୍ରୋରେ ସେ ଅଂଶଗ୍ରହଣ କରିବେ।

ଗଲ୍‌ରେ ସାଣ୍ଟୋଙ୍କ ଦ୍ୱିତୀୟ ଶତକ

# ମାଥ୍ୟୁସଙ୍କ ବିଦାୟୀ ଟେଷ୍ଟ ଅମୀମାଂସିତ

**ଗଲ୍,୨୧।୬(ଏଜେନ୍ସି):**

ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ରହିଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୫୩. ୪ ଓଭରରେ ୪୯୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୩୧.୨ ଓଭରରେ ୪୮୫ ରନକରି ଆଉଟ ହୋଇ ୧୦ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ପଞ୍ଚମ ଦିବସରେ ୮୭ ଓଭରରେ ୬ ୱିକେଟ ହରାଇ ୨୮୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୨୯୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ମ୍ୟାଚ୍ ଶେଷ ହେବା ବେଳକୁ ୩୨ ଓଭରରେ ୪ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। କାମିନ୍ଦୁ ମେଣ୍ଡିସ୍ ଓ ଅଧିନାୟକ ଧନଞ୍ଜୟ ଡିସିଲ୍‌ଭା ୧୨ ଲେଖାଏ ରନ୍ କରି ଅପରାଜିତ ରହିଥିଲେ। ଓପନର ପ୍ରଥୁମ ନିଶାଙ୍କା ୨୪ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବାଂଲାଦେଶର ତାଇଜୁଲ ଇସ୍‌ଲାମ ୩ ୱିକେଟ ନେଇଥିଲେ। ବର୍ଷା ଯୋଗୁ ୫ମ ଦିବସର ଖେଳ ବାଧାପ୍ରାପ୍ତ ହୋଇଥଲା। ପ୍ରଥମ ଇନିଂସରେ ୧୪୮ ଓ ଦ୍ୱିତୀୟରେ ଅପରାଜିତ ୧୨୫ ରନର ଶତକୀୟ ପାଳି ଖେଳିଥିବା ବାଂଲାଦେଶ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସିରିଜ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୨୫ ତାରିଖରୁ କଲମ୍ବୋରେ ଆରମ୍ଭ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ଟି-୨୦ ସିରିଜ ଖେଳାଯିବ।






ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଏହି ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ହେବ ବୋଲି ୩୮ ବର୍ଷୀୟ ମାଥ୍ୟୁସ ପୂର୍ବରୁ ଘୋଷଣା କରିଥିଲେ। ଶନିବାର ସେ ଶ୍ରୀଲଙ୍କାର ୨ୟ ପାଳିରେ ୪୫ ବଲ୍ ସାମ୍ନା କରି ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ବିଦାୟୀ ପାଳିରେ ନିରାଶ କରିଥିଲେ ମଧ୍ୟ ମାଥ୍ୟୁସ ପ୍ୟାଭିଲିୟନ ଫେରିବାବେଳେ ଘରୋଇ ଦର୍ଶକଙ୍କ ସାମ୍ନାରେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ସମୟରେ ଫିଲ୍ଡରେ ଥିବା ବାଂଲାଦେଶ ଖେଳାଳିମାନେ ମାଥ୍ୟୁସଙ୍କ ନିକଟରୁ ଆସି ତାଙ୍କ ସହ ହାତ ମିଳାଇ ବିଦାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗଲ୍ ଷ୍ଟାଡିୟମରେ ହିଁ ୨୦୦୯ରେ ପାକିସ୍ତାନ ବିପକ୍ଷରେ ଖେଳି ମାଥ୍ୟୁସ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ୧୧୮ ଟେଷ୍ଟ ମ୍ୟାଚ୍ ଖେଳି ସେ ୪୪.୪୦ ହାରରେ ୮୨୧୪ ରନ କରିଛନ୍ତି। ଯେଉଁଥିରେ ୧୬ ଶତକ ଓ ୪୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ମଧ୍ୟ ୩୩ ୱିକେଟ୍ ନେଇଛନ୍ତି।

■ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଭୁବନେଶ୍ୱର-ଏ ଓ କଟକ-ଏ ଫାଇନାଲ ଆଜି

**କଟକ,୨୧।୬(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱର-ଏ ଓ କଟକ-ଏ ପ୍ରବେଶ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ରବିବାର ଫାଇନାଲ ମୁକାବିଲା ହେବ। ଶନିବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ଼ ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର-ଏ ୬ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଦଳ ୧୨୧ ରନରେ ଅଲଆଉଟ ହୋଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ସର୍ବାଧିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ଓମ ବେହେରାଙ୍କୁ ୬ଟି ୱିକେଟ ମିଳିଥିଲା। ତେବେ ୧୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ସୁନ୍ଦରଗଡ଼ ୨୨.୨ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ୬୫ ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ଭୁବନେଶ୍ୱର-ଏକୁ ବିଜୟୀ ଘୋଷିତ କରାଯାଇଛି।



ଓମ ବେହେରା



ପ୍ରଜ୍ଞା କୁମାର ପତ୍ରି

୧୫ ରନ ବ୍ୟୟ କରି ୩ ୱିକେଟ ସଫଳତା ପାଇଥିବା ବିଜୟୀ ଦଳର ପ୍ରଜ୍ଞା କୁମାର ପତ୍ରିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ଓ ଭୁବନେଶ୍ୱର-ବି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ନକଆଉଟ ପର୍ଯ୍ୟାୟ ପଏଣ୍ଟ ଆଧାରରେ କଟକ-ଏ'କୁ ବିଜୟୀ ଘୋଷିତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS